EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews



ବର୍ଷ-୭ | ସଂଖ୍ୟା-୨୮ | ୨୪ - ୩୦ ଜୁଲାଇ, ୨୦୨୩ | ଭୁବନେଶ୍ୱର | Monday Weekly | VOL-7 | ISSUE-28 | 24th - 30th JULY, 2023 | BHUBANESWAR | ₹ 5/- (8 Pages)

### ବିଶ୍ୱବିଦ୍ୟାଳୟରେ ନାହାନ୍ତି ଅଧ୍ୟାପକ

## କେମିତି ହେବ ପାଠପଢ଼ା ?



**ଭୁବନେଶ୍ୱର :** ବିଶ୍ୱବିଦ୍ୟାଳୟରେ ନାହାନ୍ତି ଅଧ୍ୟାପକ। ଉତ୍କଳରୁ ଆରମ୍ଭ କରି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଯାଏଁ ସବୁଠି ସ୍ଥିତି ସଙ୍ଗୀନ। ଆସିଷ୍ଟାଣ୍ଟ ପ୍ରଫେସର ଓ ଚୁକ୍ତିଭିତ୍ତିକ ଷ୍ଟାଫଙ୍କ ଭରସାରେ ଚାଲିଛି ପାଠପଢ଼ା। ରାଜ୍ୟରେ ଉଚ୍ଚଶିକ୍ଷାର ବିକଳ ଚିତ୍ରର ଗୁମର ଖୋଲିଛି ଆରଟିଆଇ ତଥ୍ୟ। ତଥ୍ୟ କହୁଛି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସବୁ ବିଭାଗରେ ପ୍ରଫେସର ଅଭାବ ରହିଛି। ରସାୟନ ବିଜ୍ଞାନ ବିଭାଗରେ ଯେଉଁଠି ୬ ଜଣ ଷ୍ଟାଫ୍ ରହିଥିବା କଥା, ସେଠି ବର୍ଷ ବର୍ଷ ଧରି ମାତ୍ର ୩ ଜଣ ସହକାରୀ ପ୍ରଫେସରରେ ଚାଲିଛି ବିଭାଗ। କମ୍ପ୍ୟୁଟର ସାଇନ୍ସରେ ଆବଶ୍ୟକ ଶିକ୍ଷକ ସଂଖ୍ୟା ୯। ହେଲେ ଅଛନ୍ତି ମାତ୍ର ୪ ଜଣ ସହକାରୀ ପ୍ରଫେସର। ଏଭଳି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୨୪ଟି ପ୍ରଫେସର ପୋଷ୍ଟ ରହିଥିବା ବେଳେ ସେଥିରୁ ୧୪ ପୋଷ୍ଟ ଖାଲି ପଡିଛି। ସେହିଭଳି ମୋଟ ୧୯୬ ଟିଚିଂ ପୋଷ୍ଟ ମଧ୍ୟରୁ ୮୬ ପୋଷ୍ଟ ବର୍ଷ ବର୍ଷ ଧରି ପୂରଣ ହୋଇପାରୁ ନାହିଁ। ରାଜ୍ୟର ସର୍ବ ପୁରାତନ ଉତ୍କଳ ବିଶ୍ୱ ବିଦ୍ୟାଳୟରେ ୨୫୭ ଜଣ ଟିଚିଂ ଷ୍ଟାଫ୍ ଆବଶ୍ୟକ ଥିବା ବେଳେ ପାଖାପାଖି ୫୦ ପ୍ରତିଶତ ପଦବି ଖାଲି ପଡିଛି। ବର୍ଷବର୍ଷ ଧରି ଖାଲି ରହିଥିବା ୧୨୯ଟି ପଦବି ପୂରଣ ହୋଇପାରୁନି। ସେହିଭଳି ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ ରମାଦେବୀର ଚିତ୍ର ଆହୁରି ସଙ୍ଗୀନ ସ୍ଥିତି। ଏଠାରେ ପ୍ରଫେସର, ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ମିଶି ୧୩୮ଟି ପଦବି ରହିଥିବା ବେଳେ ସେଥିରୁ ୭୯ ପୋଷ୍ଟ ଖାଲି। ସେହିଭଳି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ➤ ପୃ-୬

### ମଣିପୁରରେ ବର୍ବରତା

# ଦେଶରେ ଆଲୋଡନ

**ନୂଆଦିଲ୍ଲୀ :** ମଣିପୁର ଘଟଣା ସମଗ୍ର ଦେଶରେ ଆଲୋଡନ ସୃଷ୍ଟି କରିଛି। ୨ ମହିଳାଙ୍କୁ ଉଲଗ୍ନ କରି ରାସ୍ତାରେ ଚଲାଇବା ଘଟଣାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଏବେ ସାମ୍ନାକୁ ଆସିଛି କଟାମୁଣ୍ଡ ଝୁଲିବା ଦୃଶ୍ୟ। ଏପରି ନିର୍ଯାତନା ସହିଥିବା ପୀଡିତାଙ୍କ କଥା ଭାବିଲେ ଲୋମ ଟାଙ୍କୁରି ଯାଉଛି। ଘଟଣାକୁ ଯେତେ ନିନ୍ଦା କଲେ ବି କମ୍ ପଡିଯିବ। ପୂରା ଘଟଣାକୁ ସାମ୍ପ୍ରଦାୟିକ ହିଂସାର କରୁଣ ପରିଣତି କୁହାଯାଉଥିବାବେଳେ ଏ ଲଜ୍ଜିତ ଅଧ୍ୟାୟରେ ଘୃଣ୍ୟ ରାଜନୀତିର ଗନ୍ଧ ଆସୁଛି। ସାମାନ୍ୟ ପଦବୀ ଲୋଭ ନାରୀର ଇଜ୍ଜତକୁ ପଦାରେ ପକାଇ ଦେଇପାରେ, ପୂରା ଦେଶକୁ ମୁଣ୍ଡ ନୁଆଁଇବାକୁ ବାଧ କରିପାରେ




ତାହା ଏହାର ଜ୍ୱଳନ୍ତ ଉଦାହରଣ। ସୂଚନା ମୁତାବକ, ମଣିପୁରରେ ମେତେଇ ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଗତ ସଂଘର୍ଷ ଆରମ୍ଭ ହେବାର ଗୋଟିଏ ଦିନ ପରେ କାଙ୍ଗପୋକପି ଜିଲ୍ଲାରେ ଏହି ଲୋମହର୍ଷଣକାରୀ ଘଟଣା ଘଟିଥିଲା। ଭିଡିଓରେ ପୀଡିତାମାନେ କୁକି-ଜୋ ଜନଜାତିର ହୋଇଥିବାବେଳେ ସେମାନଙ୍କୁ ପାଶବୀୟ ବ୍ୟବହାର କରିଥିବା ନିଷ୍ଠୁର ଗୋଷ୍ଠୀ ମେତେଇ ସମ୍ପ୍ରଦାୟର ବୋଲି ମଣିପୁରରେ ରହୁଥିବା ଆଦିବାସୀ ନେତାଙ୍କ ଫୋରମ୍ ଦାବି କରିଛି। ମେ’ ୪ ତାରିଖରେ ଘଟିଥିବା ଏହି ଘଟଣା ହଠାତ୍ ସଂସଦର ମୌସୁମୀ ଅଧିବେଶନ ଆରମ୍ଭର ଦିନକ ପୂର୍ବରୁ ଅର୍ଥାତ୍ ଜୁଲାଇ ୧୯ ତାରିଖରେ ଭିଡିଓ ଭାଇରାଲକୁ ନେଇ ସନ୍ଦେହ ଉପୁଜିଛି। ବିଜେପି ନେତୃତ୍ୱାଧୀନ ମୁଖ୍ୟମନ୍ତ୍ରୀ ଏନ୍. ବିରେନ ସିଂହଙ୍କ ସରକାର ଭାଇରାଲ୍ ଭିଡିଓକୁ ଯୋଜନାବଦ୍ଧ ବୋଲି ସନ୍ଦେହ କରୁଛି। କାରଣ ମଣିପୁରରେ ଘଟିଥିବା ଏହି ନିନ୍ଦନୀୟ ଘଟଣା ବିଜେପି ବିଧାୟକ ଥୋକଚୋମ ରାଧେଶ୍ୟାମ ସିଂହଙ୍କ ନିର୍ବାଚନ ମଣ୍ଡଳୀର। ରାଧେଶ୍ୟାମଙ୍କ ହେରୋକ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ବି. ଫିନୋମ ଗ୍ରାମ ନିକଟରେ ଏହି ଘଟଣା ଘଟିଛି। ଥୋକଚୋମ ରାଧେଶ୍ୟାମ୍ ସିଂହ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏନ୍. ବିରେନ ସିଂହଙ୍କ ଉପଦେଷ୍ଟା ଭାବେ ନିଯୁକ୍ତି ପାଇଥିଲେ। ଡିସେମ୍ବର ୩୧, ୨୦୨୨ରେ ନିଯୁକ୍ତ ହେବା ପରଠାରୁ ତାଙ୍କୁ କୌଣସି ଦାୟିତ୍ୱ ଦିଆନଯିବାରୁ ସେ ଏହି ପଦରୁ ଇସ୍ତଫା ଦେଇଥିଲେ। ରାଧେଶ୍ୟାମ୍ ହେଉଛନ୍ତି ଜଣେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ। ତେବେ ମେ’ ୪ରେ ଘଟିଥିବା ଏହି ଘଟଣା ଏବଂ ପରବର୍ତ୍ତୀ ସମୟରେ ଭିଡିଓ ରିଲିଜ୍ ପାଇଁ ତାଙ୍କୁ କୌଣସି ପ୍ରକାରରେ ଦାୟୀ କରାଯାଉ ନାହିଁ। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ୭୫ ଦିନ ପରେ ଏକ ନିର୍ଦ୍ଦିଷ୍ଟ ସମୟରେ ଭାଇରାଲ୍ ହେବାକୁ ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ଏହା ନୁହେଁ ଯେ କେବଳ ଭିଡିଓ ➤ ପୃ-୬

### ଜ୍ଞାନବାପୀ ମସଜିଦ ମାମଲା

## ସର୍ଭେ ପାଇଁ ଅନୁମତି



**ନୂଆଦିଲ୍ଲୀ :** ଉତ୍ତରପ୍ରଦେଶର ବାରଣାସୀର କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ଅବସ୍ଥିତ ବିବାଦୀୟ ଜ୍ଞାନବାପୀ ମସଜିଦ ପରିସରରେ ସର୍ବେକ୍ଷଣ କରିବ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସଆଇ)। କେବଳ ବିବାଦୀୟ ସ୍ଥାନକୁ ଛାଡ଼ି ଅନ୍ୟ ସବୁ ଅଞ୍ଚଳର ସର୍ଭେ କରିବ ଏଏସଆଇ। ସଂପୂର୍ଣ୍ଣ ବୈଜ୍ଞାନିକ ପଦ୍ଧତିରେ ବିନା କ୍ଷତିରେ ସର୍ଭେ କରିବାକୁ ଏଏସଆଇକୁ ନିର୍ଦ୍ଦେଶ ଦେଇଛନ୍ତି ବାରଣାସୀ ଜିଲ୍ଲା ଜଜ୍। ଜିଲ୍ଲା କୋର୍ଟଙ୍କ ଏଭଳି ନିଷ୍ପତ୍ତି ହିନ୍ଦୁ ପକ୍ଷରୁ ପିଟିସନଧାରୀଙ୍କୁ ଉତ୍ସାହିତ କରିଥିଲା ବେଳେ ମୁସଲିମ ପକ୍ଷ ହାଇକୋର୍ଟ ଯାଇପାରନ୍ତି ବୋଲି ସୂଚନା ମିଳୁଛି। ଜ୍ଞାନବାପି ମସଜିଦ ମାମଲାରେ ହିନ୍ଦୁ ପକ୍ଷର ଓକିଲ ବିଷ୍ଣୁ ଶଙ୍କର ଜୈନ କହିଛନ୍ତି ଯେ ଅଦାଲତ ଏଏସଆଇ ସର୍ଭେ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୋ ଆବେଦନକୁ ଅନୁମୋଦନ ମିଳିଛି ଏବଂ ଅଦାଲତ ସିଲ୍ ହୋଇଥିବା ବଜୁ କୁଣ୍ଡକୁ ଛାଡ଼ି ମସଜିଦ ପରିସରର ଏଏସଆଇ ସର୍ଭେକୁ ଅନୁମତି ଦେଇଛନ୍ତି। ଆସନ୍ତା ଅଗଷ୍ଟ ୪ ତାରିଖରେ ଏଏସଆଇ ଏହି ସର୍ଭେ ରିପୋର୍ଟ ଜିଲ୍ଲା ଜଜଙ୍କ ନିକଟରେ ଦାଖଲ କରିବେ। ଏ ସଂପର୍କିତ ପିଟିସନର ବିଚାର କରି ଜିଲ୍ଲାଜଜ ସ୍ପଷ୍ଟ କରିଛନ୍ତି, ପ୍ରକୃତ ସତ୍ୟ ଜାଣିବାକୁ ହେଲେ ବୈଜ୍ଞାନିକ ପଦ୍ଧତିରେ ସର୍ଭେ କରିବାକୁ ହେବ। ଏଥିପାଇଁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ଆସନ୍ତା ଅଗଷ୍ଟ ୪ ସୁଦ୍ଧା ସ୍ୱତନ୍ତ୍ର କମିଟି ଗଠନ କରିବ। ଏଏସଆଇ ବିବାଦୀୟ ସ୍ଥଳକୁ ଛାଡ଼ି ➤ ପୃ-୬

### ୧୭ ପ୍ରସ୍ତାବରେ କ୍ୟାବିନେଟ୍ ମୋହର

## ବିନା ସୁଧରେ ଲକ୍ଷେ ଟଙ୍କା ଋଣ

**ଭୁବନେଶ୍ୱର :** ରାଜ୍ୟର ୧୧ଟି ଜିଲ୍ଲା ହସ୍ପିଟାଲରେ ଆସନ୍ତା ୨ବର୍ଷ ମଧ୍ୟରେ ଉନ୍ନତମାନର କ୍ୟାନସର ଚିକିତ୍ସା ସୁବିଧା ଉପଲବ୍ଧ ହେବ। ଏଥିପାଇଁ ୧୦୦୧.୧୪କୋଟି ଟଙ୍କା ଖର୍ଚ୍ଚ କରାଯିବ। ରାଜ୍ୟ କ୍ୟାବିନେଟ୍ ଏହି ପ୍ରସ୍ତାବ ସମେତ ମୋଟ ୧୭ଟି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସମ୍ପର୍କରେ ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟରୁ ମିଳିଥିବା ପ୍ରେସ୍ ରିଲିଜ୍ ଅନୁସାରେ ରାଜ୍ୟରେ ଉନ୍ନତମାନର କ୍ୟାନସର ଚିକିତ୍ସା ସୁବିଧା ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ମୋଟ ୧୦୦୧.୧୪କୋଟି ଟଙ୍କାର ବ୍ୟୟବରାଦକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏଥିରେ ଆସନ୍ତା ୨ବର୍ଷ ମଧ୍ୟରେ ବରଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବୁର୍ଲାର ଭିମସାର, କୋରାପୁଟସ୍ଥିତ ଏସଏଲଏନ୍ ମେଡିକାଲ କଲେଜ ଓ ହସ୍ପିଟାଲ-କୋରାପୁଟ, ବ୍ରହ୍ମପୁରସ୍ଥିତ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ, କଳାହାଣ୍ଡିର ଶହୀଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଓ ହସ୍ପିଟାଲ, ବଲାଙ୍ଗିରର ଭିଭି ମେଡିକାଲ କଲେଜ ଓ ହସ୍ପିଟାଲ, ବାରିପଦାସ୍ଥିତ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲ, କେନ୍ଦୁଝରର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ, ବାଲେଶ୍ୱରର ଏଫଏମ ମେଡିକାଲ କଲେଜ ଓ ହସ୍ପିଟାଲ, ତାଳଚେର ସରକାରୀ ମେଡିକାଲ କଲେଜ ସମେତ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଏହି କମ୍ପ୍ରେନସିଭ୍ କ୍ୟାନସର କେୟାର ୟୁନିଟ୍ ସ୍ଥାପନ କରାଯିବ। ଏଠାରେ ଉନ୍ନତମାନର କ୍ୟାନସର ଚିକିତ୍ସା ସୁବିଧା ଉପଲବ୍ଧ ହେବ। ଯାହାଫଳରେ ରାଜ୍ୟର ଲୋକମାନଙ୍କୁ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ। ଏହା ନିଶ୍ଚିତ ଭାବେ ➤ ପୃ-୬

### ଶିକ୍ଷକରୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ

## ମିଛ ପ୍ରମାଣପତ୍ର, ସତ ଚାକିରି



**ଭଦ୍ରକ, (ବିକାଶ କୁମାର ଧଳ) :** ରାଜ୍ୟରେ ମାଳମାଳ ନକଲି ଶିକ୍ଷକ ଧରାପଡୁଥିଲା ବେଳେ ଭଦ୍ରକ ଜିଲ୍ଲା ଶିକ୍ଷା ବିଭାଗରେ ଏଭଳି ଜଣେ ନକଲି ଶିକ୍ଷକଙ୍କ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁଯାୟୀ ମାୟାଧର ସାହୁ ନାମକ ଜଣେ ଶିକ୍ଷକ ନକଲି ସାର୍ଟିଫିକେଟ୍ ଦେଇ ଚାକିରି କରିଥିବା ଅଭିଯୋଗ ହୋଇଛି। ଚନ୍ଦ୍ରକାନ୍ତାବିନ୍ଧା ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ଶ୍ରୀ ସାହୁ ପରେ ସିମୁଳିଆ ବିଇଓ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ବିରୁଦ୍ଧରେ ଅସଦାଚରଣ ଓ ଲାଞ୍ଚ ଖାଇବା ନେଇ ଅଭିଯୋଗ ରହିଛି। ହେଲେ ଚାକିରି ଆରମ୍ଭ ବେଳେ ଶ୍ରୀ ସାହୁ ପ୍ରଦାନ କରିଥିବା ପ୍ରମାଣପତ୍ରରୁ ଜଣାପଡେ ଯେ, ସେ ସରକାରୀ ଚାକିରି ପାଇବା ପାଇଁ ଜାଲ ସାର୍ଟିଫିକେଟ୍‌ର ସହାୟତା ନେଇଥିଲେ। ତେବେ ପ୍ରଶ୍ନ ➤ ପୃ-୬

### ବକ୍ରବାଣୀ



ଦେଖ ମଣିପୁର ଜଳୁଛି ଆଜି
ଆଛାଦିନ ଆମ ଭଲା ଆଇଲା
ଦେଖେଇ ଆମକୁ ସୁନେଲି ସ୍ୱପ୍ନ
ମିଛ ଗପ କହି ଭଲ ମାଇଲା
ଦିନ ଦ୍ୱିପହରେ ଲଙ୍ଗଳା କରି
ଚଲେଇଲେ ନାରୀ ବିଚ୍ ରାସ୍ତାରେ
ଫେକୁଆ ଆମର ମଣିଷ ମାରି
ଚଉକି ହାତାଏ ବଡ଼ ଶସ୍ତାରେ
ପଡ଼ୋଶୀ ଦେଶେ ଯଦି ହେଇଥା’ନ୍ତା
ଦିନ ରାତି ମିଡିଆ କମ୍ପିଥା’ନ୍ତା।

——— ଟୁଟୁ

## ଦରବୃଦ୍ଧି ପ୍ରଭାବ; ବିଦେଶକୁ ଚାଉଳ ରପ୍ତାନୀ ବ୍ୟାନ୍

**ନୂଆଦିଲ୍ଲୀ :** ବିଶ୍ୱର ସର୍ବବୃହତ୍ତ ଚାଉଳ ରପ୍ତାନୀକାରୀ ରାଷ୍ଟ୍ର ଭାରତ ନେଇଛି ବଡ଼ ନିଷ୍ପତ୍ତି। ବିଦେଶକୁ ଚାଉଳ ରପ୍ତାନୀ ଉପରେ ଭାରତ ସରକାର ତତ୍କାଳ ବ୍ୟାନ୍ ଲଗାଇଛନ୍ତି। ଏନେଇ ଖାଦ୍ୟ ଯୋଗାଣ ଓ ଗ୍ରାହକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଅନ୍ତଃଜାତୀୟ ବଜାରରେ ଚାଉଳ ଦର ବୃଦ୍ଧି ଅଶଙ୍କା କରାଯାଉଛି। ଏହା ଲୋକଙ୍କ ଖାଦ୍ୟ ଆବଶ୍ୟକତା ପୂରଣରେ ପୁଣି କଷ୍ଟ ଦେବ। ତେବେ ଜାତୀୟ ବଜାରରେ ଦର ନିୟନ୍ତ୍ରଣ କରିବା ଓ ଚାହିଦା ମୁତାବକ ଖାଦ୍ୟଦ୍ରବ୍ୟ ମହଜୁଦ୍ ରଖିବା ନିମନ୍ତେ ସରକାର ଏହି ପଦକ୍ଷେପ ନେଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦେଶରେ ଚାଉଳର ଦର ୧୪ରୁ ୧୫ ପ୍ରତିଶତ ବୃଦ୍ଧି ପାଇଛି। ଯାହାକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ତେଣୁ ସରକାର ଏହି ନିଷ୍ପତ୍ତି ନେଇଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ବିଶ୍ୱର ଅଧିକାଂଶ ଦେଶର ପ୍ରମୁଖ ଖାଦ୍ୟ ଭାତ



ହୋଇଥିବା ବେଳେ କୋଭିଡ୍ ମହାମାରୀ, ୟୁକ୍ରେନ୍ ଯୁଦ୍ଧ ଓ ଏଲ୍ ନିନୋ ପ୍ରଭାବରେ ସୃଷ୍ଟି ଖାଦ୍ୟ ଅଭାବକୁ ଏହି ବ୍ୟାନ୍ ଆହୁରି ପ୍ରଭାବିତ କରିବା ଅଶଙ୍କା ରହିଛି। ବିଶ୍ୱର ବିଭିନ୍ନ ଦେଶର ଚାହିଦାର ୪୦ ପ୍ରତିଶତ ଚାଉଳ ଭାରତ ରପ୍ତାନୀ କରିଥାଏ। ତେଣୁ ଭାରତ ସରକାରଙ୍କ ଚାଉଳ ରପ୍ତାନୀ ବନ୍ଦ ନେଇ କଠୋର ନିଷ୍ପତ୍ତି ବିଭିନ୍ନ ଦେଶରେ ଖାଦ୍ୟ ସଙ୍କଟ ସୃଷ୍ଟି କରିପାରେ ବୋଲି ଗ୍ରୋ ଇଣ୍ଟିଲିଜେନ୍ସ ଅଶଙ୍କା ପ୍ରକାଶ କରିଛି। ବିଶେଷ ଭାବେ ଆଫ୍ରିକୀୟ ଦେଶ, ତୁର୍କୀ, ସିରିଆ, ପାକିସ୍ତାନ ଭଳି ଖାଦ୍ୟ ➤ ପୃ-୬

### ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ

## ୫ ହଜାର ନୂଆ ଡାକ୍ତରୀ ପଦବୀ ସୃଷ୍ଟି

**କଟକ :** ଓଡ଼ିଶା ହାଇକୋର୍ଟଙ୍କ ତାଗିଦ୍ ଓ ଦାଖଲ ସତ୍ୟପାଠ ଆଧାରରେ ରାଜ୍ୟ ସରକାର ଆଉ ଗ୍ରୁପ-ଏ ବର୍ଗରେ ୫ହଜାର ନୂଆ ଡାକ୍ତରୀ ପଦବୀ (ଏଲଟିଆରଏମଓ) ସୃଷ୍ଟିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଗତବର୍ଷ ନଭେମ୍ବର ମାସରେ ରାଜ୍ୟ ସରକାର ୨ହଜାର ଏଲଟିଆରଏମଓ ପଦବୀ ସୃଷ୍ଟି କରିଥିଲେ ଓ ଚଳିତବର୍ଷ ଏପ୍ରିଲ ମାସରେ ଓଡ଼ିଶା ହାଇକୋର୍ଟରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସତ୍ୟପାଠ ଦାଖଲ କରି ୬ମାସ ମଧ୍ୟରେ ଆଉ ୫ହଜାର ନୂଆ ଡାକ୍ତର ପଦବୀ(ଗ୍ରୁପ-ଏ)ରେ ସୃଷ୍ଟି କରାଯିବ ବୋଲି କହିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ଚିଠି ଲେଖି ଓଡ଼ିଶା ମେଡିକାଲ ଓ ହେଲଥ ସର୍ଭିସ (ଓଏମଏଚଏସ) କ୍ୟାଡ଼ରରେ ଗ୍ରୁପ-ଏ (ଜୁନିୟର ବ୍ରାଞ୍ଚ)ରେ ୫ହଜାର ଏଲଟିଆରଏମଓ



(ଲିଭ୍ ଟ୍ରେନିଂ ରିଜର୍ଭ ମେଡିକାଲ ଅଫିସର) ଡାକ୍ତରୀ ପଦବୀ ସୃଷ୍ଟି କରାଯାଇଥିବା ନେଇ ଅବଗତ କରାଇଛନ୍ତି। ଏହି ୫୦୦୦ ନୂଆ ଡାକ୍ତରୀ ପଦବୀ ମଧ୍ୟରୁ ସମସ୍ତ ୩୦ଟି ଜିଲ୍ଲା ମୁଖ୍ୟ ହସ୍ପିଟାଲ ସମେତ ରାଉରକେଲା ଆରଜିଏଚ୍ ଓ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ନିମନ୍ତେ ମୋଟ ୬୮୯ଟି ପଦବୀ ଉଦ୍ଦିଷ୍ଟ ରହିବ। ସେହିପରି ୩୨ଟି ଉପଖଣ୍ଡ ହସ୍ପିଟାଲରେ ୧୫ଟି ଲେଖାଏଁ ପଦବୀ ଅର୍ଥାତ୍ ୪୮୦ଟି ଡାକ୍ତରୀ ପଦବୀ, ୩୭୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୦ଟି ଲେଖାଏଁ ଅର୍ଥାତ ୩୭୫୦ଟି ଡାକ୍ତରୀ ପଦବୀ ଏବଂ ଭୁବନେଶ୍ୱରର ୪ଟି ଓ ପାନପୋଷର ଗୋଟିଏ ସହରାଂଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିମନ୍ତେ ୧୩ଟି ଲେଖାଏଁ ଡାକ୍ତରୀ ପଦବୀ ଅର୍ଥାତ୍ ୬୫ଟି ପଦବୀ ଏବଂ କଟକ ସିଡିଏ ଓ ଚାଉଳିଆଗଞ୍ଜରେ ୮ଟି ଲେଖାଏଁ ପଦବୀ ଅର୍ଥାତ୍ ୧୬ଟି ଡାକ୍ତରୀ ପଦବୀ ଏଭଳି ମୋଟ ୫ହଜାର ପଦବୀ ସୃଷ୍ଟିକୁ ରାଜ୍ୟ ସରକାର ମଞ୍ଜୁରୀ ଦେଇଛନ୍ତି। ରାଜ୍ୟ ସରକାର ଗତବର୍ଷ ନଭେମ୍ବର ମାସରେ ୨ହଜାର ଓ ଅଗଷ୍ଟ ମାସରେ ୨ହଜାର ଏଲଟିଆରଏମଓ ପଦବୀ ସୃଷ୍ଟି କରିଥିଲେ। ଅନ୍ୟପକ୍ଷରେ ରାଜ୍ୟରେ ଉଭୟ ସରକାରୀ ଓ ବେସରକାରୀ କଲେଜରୁ ଏବେ ପ୍ରାୟ ୧ହଜାରରୁ ଅଧିକ ଏମବିବିଏସ୍ ଛାତ୍ରଛାତ୍ରୀ ପ୍ରତିବର୍ଷ ଡିଗ୍ରୀ ହାସଲ କରୁଥିବାବେଳେ ରାଜ୍ୟ ସରକାର ତଦନୁପାତରେ ➤ ପୃ-୬




### ‘ମୋ ଘର’ ଯୋଜନା ଫେଲ୍ !

# ବ୍ୟାଙ୍କ ଦେଉନାହାନ୍ତି ଋଣ

**ଭୁବନେଶ୍ୱର:** ଫେଲ୍ ମାରିଛି ରାଜ୍ୟ ସରକାର ଆରମ୍ଭ କରିଥିବା ‘ମୋ ଘର’ ଯୋଜନା। ମାସେ ପରେ ବି ଏହି ଗ୍ରାମୀଣ ବାସଗୃହ ଯୋଜନାରେ ଘରଟିଏ ନିର୍ମାଣ କରିବାକୁ ସାଧାରଣ ଗରିବ ଲୋକଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇନି। ଏହି ଯୋଜନାରେ ୪ଲକ୍ଷ ହିତାଧିକାରୀଙ୍କୁ ଗୃହ ନିର୍ମାଣର ସୁଯୋଗ ଦେବା ପାଇଁ ରାଜ୍ୟ ସରକାର ୨୧୫୦କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରିଥିଲେ ମଧ୍ୟ ଅନ୍ୟାନ୍ୟ ଗ୍ରାମୀଣ ବାସଗୃହ ଯୋଜନା ଅନୁରୂପ ଏହା ହୋଇନଥିବାରୁ ଲୋକେ ଏଥିପ୍ରତି ମୁହଁ ମୋଡ଼ିବାରେ ଲାଗିଛନ୍ତି। ଆଉ ବ୍ୟାଙ୍କଗୁଡ଼ିକ ବି ବିନା ବନ୍ଧକ ଓ ଆବଶ୍ୟକ ଦସ୍ତାବିଜ ବିନା ଗୃହ ଋଣ ଦେବାକୁ ଆଗ୍ରହ ଦେଖାଉନଥିବା ଜଣାପଡ଼ିଛି। ଯେଉଁଥିପାଇଁ ଜୁନ୍ ୧୬ତାରିଖରୁ ଏହି ଯୋଜନାରେ ଗୃହ ନିର୍ମାଣ ପାଇଁ ଆବେଦନ ଆରମ୍ଭ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଆବେଦନକାରୀଙ୍କ ସଂଖ୍ୟା ୨ଲକ୍ଷ ଛୁଇଁନଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ, ଚଳିତବର୍ଷ ମେ’ ୨୯ତାରିଖରେ ପଞ୍ଚମ ପାଳି ସରକାରର ୪ର୍ଥ ବର୍ଷ ପୂର୍ତ୍ତି ଅବସରରେ ‘ମୋ ଘର’ ଯୋଜନାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଥିଲେ। ଜୁନ୍ ୩ ତାରିଖରେ



ରାଜ୍ୟ ସରକାର ଏହି କ୍ରେଡିଟ୍ ଲିଙ୍କଡ୍ କ୍ୟାପିଟାଲ ସବସିଡି ଯୋଜନା ‘ମୋ ଘର’ର ଗାଇଡଲାଇନ୍ ଜାରି କରିବା ସହ ମାସିକ ୨୫ହଜାର ଟଙ୍କାରୁ କମ୍ ଉପାର୍ଜନ କରୁଥିବା ପରିବାର ‘ମୋ ଘର’ ପାଇବାକୁ ଯୋଗ୍ୟ ବିବେଚିତ ହେବେ। ବ୍ୟାଙ୍କରେ ଜମି ପଟ୍ଟା ବନ୍ଧକ ରଖି ୧ରୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ରାଜ୍ୟ ସରକାର ୪୦ରୁ ୭୦ହଜାର ଟଙ୍କା (ସାଧାରଣ ବର୍ଗ ପାଇଁ ୩୦ରୁ ୬୦ହଜାର ଟଙ୍କା) କ୍ୟାପିଟାଲ ସବସିଡି ଦେବେ ତଥା ଗ୍ରାମାଞ୍ଚଳ ଗୃହ ନିର୍ମାଣ ଯୋଜନାରେ ଘରଟିଏ ପାଇନଥିବା ନିମ୍ନ ଓ ନିମ୍ନ ମଧ୍ୟବିତ୍ତ ବର୍ଗର ପରିବାରକୁ ଏହି ଘର ମିଳିବ ବୋଲି ଘୋଷଣା କରିଥିଲେ। କିନ୍ତୁ ଏହି ଯୋଜନାରେ ଘର ପାଇବା ନିମନ୍ତେ ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ନିୟମ ଓ ସର୍ତ୍ତାବଳୀ ଯୋଗୁ ଗ୍ରାମାଞ୍ଚଳର ପ୍ରକୃତ ଗରିବ ଓ ଯୋଗ୍ୟ ହିତାଧିକାରୀ ଏହି କ୍ରେଡିଟ୍ ଲିଙ୍କଡ୍ କ୍ୟାପିଟାଲ ସବସିଡି ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ପଞ୍ଚାୟତିରାଜ ବିଭାଗର ତଥ୍ୟ ଅନୁସାରେ, ଜୁନ୍ ୧୬ତାରିଖରୁ ଅନଲାଇନରେ ‘ମୋ ଘର’ ଯୋଜନା ପାଇଁ ଆବେଦନ ଆରମ୍ଭ ହୋଇଥିବାବେଳେ ଏବେସୁଦ୍ଧା ମୋଟ ୧ଲକ୍ଷ ୮୮ହଜାର ୫୬୦ଜଣ ପଞ୍ଜିକୃତ ହୋଇଛନ୍ତି। କଟକ, ପୁରୀ, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ,ବାଲେଶ୍ୱର, ଢେଙ୍କାନାଳ, ସୋନପୁର ଜିଲ୍ଲାରେ ସର୍ବନିମ୍ନ ୧୦୨୫୭ରୁ ସର୍ବାଧିକ ୧୮୧୪୯ଟି ପଞ୍ଜିକୃତ ହୋଇଥିବାବେଳେ ଅନ୍ୟ କୌଣସି ଜିଲ୍ଲାରେ ଏହି ସଂଖ୍ୟା ୫ଅଙ୍କ ଛୁଇଁନି। କଟକ ଜିଲ୍ଲାରୁ ସର୍ବାଧିକ ପଞ୍ଜିକରଣ ହୋଇଛି ତଥା ଆଦିବାସୀବହୁଳ ଓ ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ପଞ୍ଜିକରଣ ସଂଖ୍ୟା ବେଶ୍ କମ୍ ରହିଛି। ଏହି ପଞ୍ଜିକୃତଙ୍କ ମଧ୍ୟରୁ ୧ଲକ୍ଷ ୧୪ହଜାର ୮୭୩ଜଣ ଆବେଦନ କରିଥିବାବେଳେ ବାକି ୭୩୬୯୦ଜଣଙ୍କ ଆବେଦନ ସରକାରଙ୍କୁ ମିଳିନି। ଏହି ମୋଟ ଆବେଦନକାରୀଙ୍କ ମଧ୍ୟରୁ ମାତ୍ର ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ**
ଆୟରେ ବୃଦ୍ଧି ଓ ଆୟର ନୂଆ ସ୍ରୋତ ପାଇଷବ। ଉଧାର ଦିଅନ୍ତୁ ନାହିଁ। ପିତା ମାତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ଦମ୍ପତ୍ତିଙ୍କ ମଧ୍ୟରେ ଝଗଡା ହୋଇପାରେ। ପ୍ରତିକାର : ଭଗବାନ ଶିବଙ୍କୁ ମହୁ ଅର୍ପଣ କରନ୍ତୁ ଓ ଶିବ ସହସ୍ରନାମ ପାଠ କରନ୍ତୁ।

**ବୃଷ**
ଥଣ୍ଡା ଶର୍ଦ୍ଦି ହୋଇପାରେ। ଆର୍ଥିକ ସ୍ଥିତି ମଜବୁତ ହେବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ସହଯୋଗ କରିବେ। ଦମ୍ପତ୍ତିଙ୍କ ସମ୍ପର୍କ ମଧୁର ହେବ। ପ୍ରେମୀଙ୍କ ପାଇଁ ଭଲ ସମୟ ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ମିଥୁନ**
ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ହୋଇପାରେ। ଆୟ ତୁଳନାରେ ବ୍ୟୟ ବଢ଼ିବ। ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେଇପାରେ। ପ୍ରତିକାର : ବିଷ୍ଣୁ ସହସ୍ରୟ ନାମ ପାଠ କରନ୍ତୁ। ତୁଳସୀ ମୂଳରେ ଦୀପ ଜାଳନ୍ତୁ।

**କର୍କଟ**
ପେଟ ଜନିତ ରୋଗ ହୋଇପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। କାର୍ଯ୍ୟ କ୍ଷେତ୍ରରେ ସମସ୍ୟା ଦେଖାଦେବ। ଦୂର ଯାତ୍ରା ଯୋଗ ଅଛି। ଦମ୍ପତ୍ତିଙ୍କ ମଧ୍ୟରେ ମତାନ୍ତର ହୋଇପାରେ। ପ୍ରତିକାର : ଧଳା ଚନ୍ଦନ ଲଗାନ୍ତୁ। ଓଁ ନମଃ ଶିବାୟ ଜପ କରନ୍ତୁ।

**ସିଂହ**
ରକ୍ତଚାପ ଓ ପେଟ ରୋଗ ହୋଇପାରେବ। ଆୟରେ ଅସାମାନ୍ୟ ବୃଦ୍ଧି ହେବ। ପୈତୃକ ସମ୍ପତ୍ତି ପ୍ରାପ୍ତି ଯୋଗ ଅଛି। ପ୍ରେମୀଙ୍କର ବିବାହ ଯୋଗ ଅଛି। ପ୍ରତିକାର : ବିଷ୍ଣୁ ସହସ୍ର ନାମ ପାଠ କରନ୍ତୁ।

**କନ୍ୟା**
ଛୋଟଛୋଟ କ୍ଷତି ହୋଇପାରେ। ଆୟରେ ବୃଦ୍ଧି ହେବ। ପଦୋନ୍ନତି ଯୋଗ ଅଛି। କୌଣସି ଶୁଭ ଖବର ପାଇପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପ୍ରତିକାର : ଗଣେଶ ଚାଳିଶା ପାଠ କରନ୍ତୁ।

**ତୁଳା**
ସ୍ୱାସ୍ଥ୍ୟ ଉତ୍ତମ ରହିବ। ବ୍ୟବସାୟରେ ସଫଳତା ପାଇବେ। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ବଢ଼ିବ। ପ୍ରେମରେ ସଫଳତା ମିଳିବ। ଜୀବନସାଥୀଙ୍କ ସହ ସମ୍ପର୍କରେ ମଧୁରତା ବଢ଼ିବ। ପ୍ରତିକାର : ଲିଙ୍ଗାଷ୍ଟକ ପାଠ କରନ୍ତୁ।

**ବିଛା**
ଗଳାରେ ସମସ୍ୟା ହୋଇପାରେବ। ଖର୍ଚ୍ଚରେ ବୃଦ୍ଧି ହେବ। କାର୍ଯ୍ୟ କ୍ଷେତ୍ରରେ ସମସ୍ୟା ଦେଖା ଦେଇପାରେ। ଶତ୍ରୁ ବଢ଼ିବେ। ପ୍ରେମୀ ମାନଙ୍କ ସମ୍ପର୍କ ଦୃଢ଼ ହେବ। ପ୍ରତିକାର : ବଜରଙ୍ଗ ବାଣ ପାଠ କରନ୍ତୁ।

**ଧନୁ**
ମନ ଅସ୍ଥିର ରହିବ। ବାଣୀରେ ଲଗାମ ଦିଅନ୍ତୁ। ଆପଣଙ୍କ ବିରୁଦ୍ଧରେ ଷଡଯନ୍ତ୍ର ବଢ଼ିବ। ବ୍ୟୟ ବଢ଼ିବ। ଦାନ୍ତରେ ପୀଡା ହୋଇପାରେ। ଦାମ୍ପତ୍ୟ ଜୀବନ ସାମାନ୍ୟ ରହିବ। ପ୍ରତିକାର : ପ୍ରତିଦିନ କେଶର ତିଳକ ଲଗାନ୍ତୁ।

**ମକର**
ମୁଣ୍ଡବ୍ୟଥା ରୋଗ ହୋଇପାରେ। ଆର୍ଥିକ ଦିଗରେ ଉନ୍ନତି ହୋଇପାରେ। ତର୍କରୁ ଦୂରେଇ ରହନ୍ତୁ। ବାଣୀରେ ଲଗାମ ଦିଅନ୍ତୁ। ଜୀବନସାଥୀଙ୍କ ପାଇଁ କିଛି ସମୟ ଦିଅନ୍ତୁ। ପ୍ରତିକାର : କଳା ରାଶି ଶିବ ଲିଙ୍ଗରେ ଅର୍ପଣ କରନ୍ତୁ।

**କୁମ୍ଭ**
ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ଆୟରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ବଢ଼ିବ। ପୁରୁଣା କାମ ପୂରା ହେବ। ପ୍ରେମୀମାନେ ଅନୁରାଗୀ ହେବେ। ଗୃହରେ ଶାନ୍ତି ବଜାୟ ରହିବ। ପ୍ରତିକାର : ସୁନ୍ଦର କାଣ୍ଡ ପାଠ କରନ୍ତୁ।

**ମୀନ**
ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆୟର ସ୍ରୋତ ବଢ଼ିବ। ବ୍ୟବସାୟରେ ସହଯୋଗ ବଢ଼ିବ। ଜୀବନସାଥୀଙ୍କ ସହ ଉତ୍ତମ ସମୟ ଅତିବାହିତ କରିବେ। ବିଦେଶ ଭ୍ରମଣ ଯୋଗ ଅଛି। ପ୍ରେମୀଙ୍କ ପାଇଁ ଶୁଭ ସମୟ। ପ୍ରତିକାର : ହନୁମାନ ଚାଳିଶା ପାଠ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ବୈଜ୍ଞାନିକଙ୍କ ନୂଆ ଅଧ୍ୟୟନ

# ସ୍ୱୟଂ ଠିକ୍ ହୋଇପାରୁଛି ଭାଙ୍ଗି ଯାଇଥିବା ଧାତୁ

**ନୂଆଦିଲ୍ଲୀ :** ପ୍ରଥମ ଥର ପାଇଁ ଧାତୁକୁ ନେଇ ଏକ ଆଶ୍ଚର୍ଯ୍ୟକର ଅନୁସନ୍ଧାନ କରିଛନ୍ତି ବୈଜ୍ଞାନିକ। ସେମାନେ ଜାଣିବାକୁ ପାଇଛନ୍ତି ଯେ, ଭାଙ୍ଗି ଯାଇଥିବା ଧାତୁ ସ୍ୱୟଂ ପରିଚାଳନା ହେବାର ସମ୍ଭାବନା ରହିଛି। ଏଗୁଡିକ ମଣିଷର ବିନା ହସ୍ତକ୍ଷେପରେ ଗର୍ତ୍ତ ହୋଇଥିବା ସ୍ଥାନ ବା ଭାଙ୍ଗି ଯାଇଥିବା ସ୍ଥାନକୁ ପୂର୍ଣ୍ଣ କରିପାରିବେ। ଯଦି ଏପରି ହୁଏ, ତେବେ ଏହା ଭିତ୍ତିଭୂମି ଆବିଷ୍କାର ଇଞ୍ଜିନିୟରିଂ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରେ। ସାଣ୍ଡିଆ ନ୍ୟାସନାଲ୍ ଲାବୋରେଟୋରୀ ଏବଂ ଟେକ୍ସାସ୍ ଏ ଏଣ୍ଡ୍ ଏମ୍ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନକାରୀ ଟିମ୍ ଏହି ଅନୁସନ୍ଧାନ କରିଛନ୍ତି। ନେଚର୍ ଜର୍ଣ୍ଣାଲରେ ଅନୁସନ୍ଧାନର ଫଳାଫଳ ପ୍ରକାଶ ପାଇଛି। ବୈଜ୍ଞାନିକମାନେ କହିଛନ୍ତି ଯେ, ଯଦି ଏହାକୁ ବ୍ୟବହାର କରାଯାଏ, ତେବେ ଏହା ସ୍ୱୟଂ ପରିଚାଳନା ଇଞ୍ଜିନ୍, ବ୍ରିଜ୍ ଏବଂ ବିମାନ ସୃଷ୍ଟି କରିପାରିବ। ଫଳରେ ଧାତୁରେ ନିର୍ମିତ ସାମଗ୍ରୀ ସ୍ୱୟଂ-ଠିକ୍ ହୋଇପାରିବ ଏବଂ ସେଗୁଡିକୁ ନେଇ ସୃଷ୍ଟି ହେଉଥିବା ବିପଦକୁ ଦୂର କରାଯାଇ ପାରିବ। ସାଣ୍ଡିଆର ମ୍ୟାଟେରିଆଲ୍ସ ବୈଜ୍ଞାନିକ ବ୍ରାଡ ବଏସ୍ ଏକ ବିବୃତ୍ତିରେ କହିଛନ୍ତି, ଆମେ ଯାହା ନିଶ୍ଚିତ କରିଛୁ ତାହା ହେଉଛି ଯେ ଧାତୁର ନିଜସ୍ୱ ସୁସ୍ଥ ହେବା ପ୍ରାକୃତିକ କ୍ଷମତା ରହିଛି। ମେସିନ୍ ବିଫଳତାର ଏକ ସାଧାରଣ କାରଣ ଏବଂ ବାରମ୍ବାର ଚାପ କିମ୍ବା ଗତି ମାଇକ୍ରୋସ୍କୋପିକ୍ ଫାଟ ସୃଷ୍ଟି କରିଥାଏ, ଯାହା ସମୟ ସହିତ ବଢିଥାଏ ଏବଂ ଡିଭାଇସକୁ କ୍ଷତି ପହଞ୍ଚାଇଥାଏ। ଫଳରେ ଅର୍ଥନୀତି ସହ ବିଭିନ୍ନ କ୍ଷେତ୍ର ପ୍ରଭାବିତ ହୋଇଥାଏ। ବଏସ୍ ଆହୁରି କହିଛନ୍ତି, ଯେତେବେଳେ ପଦାର୍ଥଗୁଡିକ ଭାଙ୍ଗିଯାଆନ୍ତି ବା ବିଫଳ ହୁଅନ୍ତି, ସେତେବେଳେ ଆମକୁ ଦୁଇଗୁଣା ଖର୍ଚ୍ଚ, ସମୟ ନଷ୍ଟ ଏବଂ ବେଳେ ବେଳେ ଲୋକ ବଳ ହରାଇବାକୁ ପଡ଼ିଥାଏ। ଏହି ବିଫଳତା ପାଇଁ ଆମେରିକାରେ ପ୍ରତିବର୍ଷ ଶହ ଶହ କୋଟି ଡଲାର କ୍ଷତି ହେଉଛି। ସ୍ୱୟଂ-ଆରୋଗ୍ୟ ଧାତୁର ଧାରଣା ମୁଖ୍ୟତଃ ବିଜ୍ଞାନ କଳ୍ପନାରେ ସୀମିତ ରହି ଆସିଥିଲା। ଧାତୁରେ ଥିବା ଫାଟଗୁଡ଼ିକ କେବଳ ବଡ଼ ହେବାର ଆଶା କରାଯାଉଥିଲା, ଛୋଟ ନୁହେଁ। ଏପରିକି ଫାଟର ଅଭିବୃଦ୍ଧିକୁ ବର୍ଣ୍ଣନା କରିବା ପାଇଁ ଆମେ ବ୍ୟବହାର କରୁଥିବା କେତେକ ମୌଳିକ ସମୀକରଣ ମଧ୍ୟ ଏହିପରି ଆରୋଗ୍ୟ ପ୍ରକ୍ରିୟାର ସମ୍ଭାବନାକୁ ରୋକିଥାଏ। ସାଣ୍ଡିଆ ଏବଂ ଲସ୍ ଆଲାମୋସ୍ ଜାତୀୟ ଲାବୋରେଟୋରୀ ଦ୍ୱାରା ମିଳିତ ଭାବରେ ପରିଚାଳିତ ଶକ୍ତି ଉପଭୋକ୍ତା ସୁବିଧା ବିଭାଗର ଇଣ୍ଟିଗ୍ରେଟେଡ୍ ନାନୋଟେକ୍ନୋଲୋଜି କେନ୍ଦ୍ରରେ ଏହି ଆବିଷ୍କାର ଅଜାଣତରେ କରାଯାଇଥିଲା। ଏହି ପରୀକ୍ଷଣ ପ୍ରାରମ୍ଭରେ ପ୍ଲାଟିନମର ଏକ ନାନୋସ୍କେଲ୍ ଖଣ୍ଡ ମାଧ୍ୟମରେ କିପରି ଫାଟ ସୃଷ୍ଟି ହେଲା ଏବଂ ଏହା ବିସ୍ତାର ହେଲା ତାହାର ମୂଲ୍ୟାଙ୍କନ କରିଥିଲା। ପରୀକ୍ଷଣରେ ପ୍ରାୟ ୪୦ ମିନିଟରେ ଦେଖାଯାଇ ଥିଲା ଯେ, କ୍ଷତ ହୋଇଥିବା ସ୍ଥାନ ବା ଫାଟର ଗୋଟିଏ ପ୍ରାନ୍ତ ଏକତ୍ର ଯୋଡ଼ି ଯାଇଥିଲା ଏବଂ ପୂର୍ବରୁ ଫାଟ ହୋଇଥିବା ସ୍ଥାନରେ କୌଣସି କ୍ଷତି ଦେଖିବାକୁ ମିଳିନଥିଲା।

### ସାହାରା ରିଫଣ୍ଡ ପୋର୍ଟାଲ୍

# ‘କ୍ଲେମ୍’ ପାଇଁ ଦୁଇ ଡକ୍ୟୁମେଣ୍ଟ୍ ବେଶ୍ ଜରୁରୀ

**ନୂଆଦିଲ୍ଲୀ :** ଯେଉଁମାନେ ଅଧିକ ସୁଧ ଏବଂ ଲାଭ ପାଇଁ ସାହାରା ଇଣ୍ଡିଆର ଯୋଜନାରେ ଟଙ୍କା ବିନିଯୋଗ କରିଥିଲେ, ସେମାନେ ସୁଧ ତ ଛାଡନ୍ତୁ ମୂଳ ଟଙ୍କା ବି ପାଇଲେ ନାହିଁ। ଏବେ ମଙ୍ଗଳବାର କେନ୍ଦ୍ର ସରକାର ସାହାରାର ନିବେଶକଙ୍କ ପାଇଁ କେନ୍ଦ୍ରୀୟ ସମବାୟ ସମିତି ରେଜିଷ୍ଟ୍ରାର (ସିଆରସିଏସ୍)-ସାହାରା ରିଫଣ୍ଡ୍ ପୋର୍ଟାଲ୍ ଆରମ୍ଭ କରିଛନ୍ତି। ଏହି ପୋର୍ଟାଲ ସାହାଯ୍ୟରେ ଜମାକାରୀ ଏବଂ ସାହାରା ଗ୍ରୁପ୍ ଅଫ୍ କୋଅପରେଟିଭ୍ ସୋସାଇଟିର ଜମାକାରୀ ଏବଂ ସଦସ୍ୟଙ୍କ ଅଭିଯୋଗର ସମାଧାନ କରାଯିବ, ଯେଉଁମାନଙ୍କର ଅର୍ଥ ସାହାରାର ଯୋଜନାରେ ଅଟକି ରହିଛି। ସେମାନେ ଏହି ପୋର୍ଟାଲ ମାଧ୍ୟମରେ ନିଜର ଡୁବିଯାଇଥିବା ଟଙ୍କା ଫେରସ୍ତ ପାଇବେ। ଏଭଳି ସ୍ଥଳେ ଅନେକ ଏବେ ବି ଆଶଙ୍କାରେ ଯେ ସେମାନେ ଏହି ପୋର୍ଟାଲ୍ ଜରିଆରେ କେତେ ଟଙ୍କା ପାଇବେ। ଆପଣ ସାହାରା ଗ୍ରୁପର ବିଭିନ୍ନ ସୋସାଇଟିରେ ଯେତେ ଟଙ୍କା ଜମା କରିଥାନ୍ତୁ ନା କାହିଁକି ବର୍ତ୍ତମାନ ଆପଣଙ୍କୁ ରିଫଣ୍ଡ୍ ବା ଫେରସ୍ତ ଆକାରରେ ମାତ୍ର ୧୦,୦୦୦ ଟଙ୍କା ମିଳିବ। ଯଦିଓ ଆପଣଙ୍କର ସାହାରା ସ୍କିମ୍‌ରେ ୧ ଲକ୍ଷ ଟଙ୍କା ଜମା ରହିଥାଏ ବର୍ତ୍ତମାନ ଆପଣଙ୍କୁ ବ୍ୟାଙ୍କ ଆକାଉଣ୍ଟ ଜରିଆରେ କେବଳ ୧୦,୦୦୦ ଟଙ୍କା ଫେରସ୍ତ ମିଳିବ। ପୋର୍ଟାଲ ଉନ୍ମୋଚନ ସମୟରେ ଏ ସମ୍ପର୍କରେ ସୂଚନା ଦେଇ ଗୃହମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ ବର୍ତ୍ତମାନ ନିବେଶକଙ୍କୁ ୧୦,୦୦୦ ଟଙ୍କା ପରୀକ୍ଷାମୂଳକ ଭାବେ ପ୍ରଦାନ କରାଯିବ। ଏହି ପୋର୍ଟାଲ ମାଧ୍ୟମରେ ସରକାର ସାହାରାର ୧୦ କୋଟି ଲୋକଙ୍କୁ ମୋଟ ୫୦୦୦ କୋଟି ଟଙ୍କା ଫେରସ୍ତ କରିବେ। ବର୍ତ୍ତମାନ ପ୍ରତ୍ୟେକ ଜମାକାରୀଙ୍କୁ ସର୍ବାଧିକ ୧୦ ଟଙ୍କା ଫେରସ୍ତ କରାଯିବ। ପରୀକ୍ଷା ସଫଳ ହେବା ମାତ୍ରେ ଅବଶିଷ୍ଟ ଟଙ୍କା ସୁଧ ସହିତ ନିବେଶକଙ୍କୁ ଫେରସ୍ତ କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରାୟ ୧ କୋଟି ୭ ଲକ୍ଷ ସାହାରା ନିବେଶକ ଏହି ପୋର୍ଟାଲ ମାଧ୍ୟମରେ ଅର୍ଥ କ୍ଲେମ୍ କରିପାରିବେ। ସାହାରା ଇଣ୍ଡିଆରେ ଜମା ଥିବା ଅର୍ଥ ଫେରି ପାଇବାକୁ ହେଲେ ନିବେଶକଙ୍କୁ ସାହାରା ରିଫଣ୍ଡ ପୋର୍ଟାଲ୍‌ରେ ପଞ୍ଜିକରଣ କରିବାକୁ ପଡିବ। କ୍ଲେମ୍ ନିମନ୍ତେ ଆପଣଙ୍କର ମୋବାଇଲ୍ ଫୋନ୍ ଆପଣଙ୍କର ଆଧାର ନମ୍ବର ସହିତ ଲିଙ୍କ୍ ହେବା ଜରୁରୀ। କେବଳ ଏତିକି ନୁହେଁ, ଆପଣଙ୍କର ଆଧାର ମଧ୍ୟ ଆପଣଙ୍କର ବ୍ୟାଙ୍କ ଆକାଉଣ୍ଟ ସହିତ ଲିଙ୍କ୍ ହେବା ଉଚିତ୍। ଆଧାର ଲିଙ୍କ୍ ବିନା, ଆପଣ ଅର୍ଥ ଫେରସ୍ତ ପାଇଁ ଦାବି କରିପାରିବେ ନାହିଁ। ମୋବାଇଲ୍ ଫୋନ୍ ଏବଂ ବ୍ୟାଙ୍କ ଆକାଉଣ୍ଟ ସହିତ ସଂଯୁକ୍ତ ଆଧାର ନମ୍ବର ବ୍ୟତୀତ, ସାହାରା ସ୍କିମ୍ ସମ୍ପର୍କିତ ନିବେଶ ରସିଦ୍ ରହିବା ଉଚିତ୍। ରିଫଣ୍ଡ୍ ପୋର୍ଟାଲରେ କ୍ଲେମ୍ କରିବାକୁ ଆପଣଙ୍କ ଲାଗି ଏହି ରସିଦ୍ ଗୁଡ଼ିକ ଆବଶ୍ୟକ ହେବ। କ୍ଲେମ୍ ଫର୍ମ ସହିତ, ଆପଣଙ୍କୁ ବିନିଯୋଗ ଯୋଜନାର ରସିଦ୍ ମଧ୍ୟ ଅପଲୋଡ୍ କରିବାକୁ ପଡିବ। ଅପରପକ୍ଷେ ଯଦି ଆପଣଙ୍କର କ୍ଲେମ୍ ୫୦,୦୦୦ ଟଙ୍କାରୁ ଅଧିକ, ତେବେ ଆପଣଙ୍କୁ ଫେରସ୍ତ ଫର୍ମ ସହିତ ଆପଣଙ୍କର ପାନ୍ କାର୍ଡ ନମ୍ବର ଏବଂ ଏହାର ସ୍କାନ୍ ହୋଇଥିବା କପି ଅପଲୋଡ୍ କରିବାକୁ ପଡିବ। ଯଦି ଆପଣଙ୍କର ସମସ୍ତ ଡକ୍ୟୁମେଣ୍ଟ୍ ସଠିକ୍ ଏବଂ ଆପଣଙ୍କର ଦାବି ସଠିକ୍, ତେବେ ୪୫ ଦିନ ମଧ୍ୟରେ ଆପଣଙ୍କ ଟଙ୍କା ଆପଣଙ୍କ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟକୁ ଆସିଯିବ।

### ଗୁଗୁଲ୍‌ର ନୂଆ ଫିଚର

# ବିମାନରେ ବସିବା ମାତ୍ରେ ଫୋନ୍ ଆପ୍‌ରେ ହୋଇଯିବ ଫ୍ଲାଇଟ୍ ମୋଡ୍

**ନୂଆଦିଲ୍ଲୀ :** ସାଧାରଣତଃ ବିମାନ ଯାତ୍ରା ବେଳେ କିଛି ସମୟ ପାଇଁ ଆପଣଙ୍କ ସ୍ମାର୍ଟଫୋନକୁ ଫ୍ଲାଇଟ୍ ମୋଡରେ ରଖିବାକୁ ପଡିଥାଏ। ଆମକୁ ଏହି କାମ ମାନୁଆଲ୍ ଭାବେ କରିବାକୁ ହେବ। କିନ୍ତୁ ବର୍ତ୍ତମାନ ଶୀଘ୍ର ଆମକୁ ଏସବୁ କରିବା ଆଉ ଆବଶ୍ୟକ ପଡିବ ନାହିଁ। କାରଣ ଗୁଗୁଲ୍ ‘ସଂଯୋଜିତ ଫ୍ଲାଇଟ୍ ମୋଡ୍’ ବୈଶିଷ୍ଟ୍ୟ ଉପରେ କାମ କରୁଛି ଯାହା ସ୍ୱୟଂଚାଳିତ ଭାବରେ ଆପଣଙ୍କ ସ୍ମାର୍ଟଫୋନ୍‌ରେ ଫ୍ଲାଇଟ୍ ମୋଡ୍ ଟର୍ନ୍ ଅନ୍ କରିବ।ଆଣ୍ଡ୍ରଏଡ୍ ଅଥରିଟିର ଏକ ରିପୋର୍ଟ ଅନୁଯାୟୀ, ଗୁଗୁଲ ନିକଟରେ ଏକ ପେଟେଣ୍ଟ ଦାଖଲ କରିଛି। କମ୍ପାନୀର ‘ସଂଯୋଜିତ ଫ୍ଲାଇଟ୍ ମୋଡ୍’ ଫିଚର ଅନୁଯାୟୀ ଆପଣ ବିମାନରେ ଯିବା ମାତ୍ରେ ସ୍ୱୟଂଚାଳିତ ଭାବରେ ଏହା ଫ୍ଲାଇଟ୍ ମୋଡ ଟନ୍‌ର ଅନ୍ ହୋଇଯିବ ଏବଂ ଆପଣ ଭୂମିରେ ପାନ ରଖଇବା ମାତ୍ରେ ଏହାକୁ ବନ୍ଦ




କରିଦେବ। ଏହି ବୈଶିଷ୍ଟ୍ୟର ସୁବିଧା ହେଉଛି ଯେ, ଯଦି ଆପଣ ଫ୍ଲାଇଟ ମୋଡ୍ ଟର୍ନ୍ ଅନ୍ କରନ୍ତି, ତେବେ ୱାଇଫାଇ, ବ୍ଲୁ-ଟୁଥ୍, ରେଡିଓ ଇତ୍ୟାଦି ସବୁ ବନ୍ଦ ହୋଇଯାଏ। କିନ୍ତୁ ଏହା ନୂତନ ଫିଚରରେ ଘଟିବନାହିଁ ଏବଂ ଆପଣ ୱାଇଫାଇ, ବ୍ଲୁଟୁଥ୍ ରଖିପାରିବେ। ତଥାପି, କିଛି କାର୍ଯ୍ୟ ଯେପରିକି ବ୍ୟାକ୍ ଗ୍ରାଉଣ୍ଡ ଆପ୍ ରିଫ୍ରେଶ, ଅପ୍‌ଡେଟ୍ ଇତ୍ୟାଦି ଏହି ସମୟ ମଧ୍ୟରେ କାମ କରିବ ନାହିଁ।ଗୁଗୁଲର ଏହି ବୈଶିଷ୍ଟ୍ୟ ବିମାନ ଇତିହାସ, ବିମାନ ବନ୍ଦରର ୱାଇଫାଇ, ବିମାନର ବାୟୁ ଚାପ ଏବଂ ଶବ୍ଦ ପରିବର୍ତ୍ତନ ପରି ଅନେକ ଜିନିଷକୁ ଚିହ୍ନି, ଆପଣ ବିମାନ ଭିତରେ ଅଛନ୍ତି କି ନାହିଁ ତାହା ନିର୍ଣ୍ଣୟ କରିଥାଏ। ସେଲ୍ୟୁଲାର୍ ନେଟୱାର୍କକୁ ବାଦ ଦେଇ ଉଡ଼ାଣର ପର୍ଯ୍ୟାୟ ଉପରେ ନିର୍ଭର କରି ନୂତନ ବୈଶିଷ୍ଟ୍ୟ ବିଭିନ୍ନ ରେଡିଓ ମଧ୍ୟ ସୁଇଚ୍ କରିପାରିବ। ନୂତନ ବୈଶିଷ୍ଟ୍ୟ କିପରି କାମ କରିବ ତାହାର ଏକ ଚିତ୍ର ମଧ୍ୟ ସାମ୍ନାକୁ ଆସିଛି। ଏହାକୁ ଦେଖି ଆପଣ ନୂତନ ବୈଶିଷ୍ଟ୍ୟକୁ ଏକ ଭଲ ଉପାୟରେ ବୁଝିପାରିବେ। ଯଦି ଏହି ବୈଶିଷ୍ଟ୍ୟ ବାସ୍ତବରେ ପ୍ରସ୍ତୁତ ହୋଇଯାଏ ତେବେ ଏହା ସମସ୍ତଙ୍କ ପାଇଁ ବହୁତ ଲାଭଦାୟକ ହେବ।

# ଫୋଲକୋଡାଇନ୍ ଥିବା କଫ୍ ସିରପ ବ୍ୟବହାର ନକରିବାକୁ ବାରଣ

**ନୂଆଦିଲ୍ଲୀ :** ଫୋଲକୋଡାଇନ୍ ଥିବା କଫ୍ ସିରପ ବ୍ୟବହାରକୁ ବନ୍ଦ କରିବାକୁ ଡ୍ରଗ୍ କଣ୍ଟ୍ରୋଲର୍ ଜେନେରାଲ୍ ଅଫ୍ ଇଣ୍ଡିଆ (ଡିସିଜିଆଇ)ର ପରାମର୍ଶ। ଜୁଲାଇ ୧୪ରେ ଏହି ପଦାର୍ଥର ବ୍ୟବହାର ବନ୍ଦ କରିବାକୁ ସମସ୍ତ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି (ଡିସିଜିଆଇ)। ଏହା ପୂର୍ବରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ) ଚଳିତ ବର୍ଷ ପ୍ରାରମ୍ଭରେ କଫ୍ ସିରପରେ ଫୋଲକୋଡାଇନ୍ ବ୍ୟବହାର ବାବଦରେ ସଚେତନ କରାଇଥିଲା। ଏକ ବିଜ୍ଞପ୍ତିରେ ଡିସିଜିଆଇ ଡାକ୍ତରମାନଙ୍କୁ ଫୋଲକୋଡାଇନ୍ ଧାରଣ କରିଥିବା ଥଣ୍ଡା ଏବଂ କାଶ ମେଡିସିନ୍ ପ୍ରେସ୍କ୍ରାଇବ୍ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରୋଗୀମାନଙ୍କୁ ମଧ୍ୟ ଏହି ମେଡିସିନ୍ ନଖାଇବାକୁ ପରାମର୍ଶ ଦିଅନ୍ତୁ ବୋଲି ଡାକ୍ତରମାନଙ୍କୁ କହିଛନ୍ତି। ଡବ୍ଲୁଏଚ୍‌ଓ ଅନୁଯାୟୀ, ଫୋଲକୋଡାଇନ୍ ହେଉଛି ଏକ ଓପିଓଏଡ୍ ମେଡିସିନ୍, ଯାହା ବୟସ୍କ ଏବଂ ପିଲାମାନଙ୍କଠାରେ ଅଣ-ଉତ୍ପାଦନକାରୀ (ଶୁଖିଲା) କାଶର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଏହା ସହଜରେ ଉପଲବ୍ଧ ଏବଂ ସାଧାରଣତ ବିଶ୍ୱସ୍ତରରେ ଏହା ବ୍ୟବହୃତ ହୁଏ, ଯେପରିକି ଓଭର-ଦି-କାଉଣ୍ଟର ଟାବଲେଟ୍ ଏବଂ ସିରପ୍। ମାର୍ଚ୍ଚରେ, ଡବ୍ଲୁଏଚ୍‌ଓ ସ୍ୱାସ୍ଥ୍ୟ ବୃତ୍ତିଗତ ତଥା ନିୟାମକ କର୍ତ୍ତୃପକ୍ଷଙ୍କୁ ନ୍ୟୁରୋମସ୍କୁଲାର ବ୍ଲକିଂ ଏଜେଣ୍ଟ (ଏନ୍‌ଏମ୍‌ବିଏଏସ୍) ସହିତ ସାଧାରଣ ଆନାସ୍ଥେସିଆର ସର୍ଜିକାଲ୍ ପଦ୍ଧତିର ଅତି କମରେ ୧୨ ମାସ ପୂର୍ବରୁ ଫୋଲକୋଡାଇନ୍ ଧାରଣ କରିଥିବା ଦ୍ରବ୍ୟ ନେଇଥିବା ଲୋକଙ୍କଠାରେ ଆନାଫିଲାକ୍ଟିକ୍ ପ୍ରତିକ୍ରିୟାର ବିପଦ ବିଷୟରେ ସଚେତନ କରିଥିଲା। ତେଣୁ ଥଣ୍ଡା-କାଶ ପାଇଁ ଏହି ମେଡିସିନ୍ ନ ଦେଇ ଅନ୍ୟ ବିକଳ୍ପ ବାଛିବାକୁ କହିଥିଲେ। ସବଜେକ୍ଟ ଏକ୍ସପର୍ଟ କମିଟି (ଆଣ୍ଟିମାଇକ୍ରୋବାୟଲ୍ ଏବଂ ଆଣ୍ଟିଭାଇରାଲ୍) ନାମକ ଏକ ସ୍ୱତନ୍ତ୍ର କମିଟି ଫୋଲକୋଡାଇନ୍ ବ୍ୟବହାର ବିରୁଦ୍ଧରେ ପ୍ରମାଣ ସମୀକ୍ଷା କରି ସ୍ୱାସ୍ଥ୍ୟ ସେବା ବୃତ୍ତିଗତ, ଡାକ୍ତର ଏବଂ ଗ୍ରାହକଙ୍କ ପାଇଁ ପରାମର୍ଶ ଦେଇଛନ୍ତି। ପରାମର୍ଶଦାତା ଅନୁଯାୟୀ, କାଶ ଏବଂ ଥଣ୍ଡା ଉପଶମ ଥିବା ଫୋଲକୋଡାଇନ୍ ଗ୍ରହଣ ନକରିବା ଏବଂ ସେମାନଙ୍କର ଲକ୍ଷଣଗୁଡିକର ଚିକିତ୍ସା ପାଇଁ ଏକ ବିକଳ୍ପ ପରାମର୍ଶ ଦେବାକୁ ଡାକ୍ତରମାନଙ୍କୁ ଏବଂ ସ୍ୱାସ୍ଥ୍ୟସେବା ବିଶେଷଜ୍ଞମାନଙ୍କୁ କୁହାଯାଇଛି।

# ସାମ୍ବାଦିକ ହେଲ ବୋଲି ଆଇନକୁ ହାତମୁଠାକୁ ନେଇପାରିବ ନାହିଁ: ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ :** ସୁପ୍ରିମ୍‌କୋର୍ଟ ବୁଧବାର କହିଛନ୍ତି ଯେ, କୌଣସି ସାମ୍ବାଦିକ ବା ରିପୋର୍ଟର ଆଇନକୁ ହାତମୁଠାକୁ ନେବା ଲାଗି ଲାଇସେନ୍ସ ପାଇନାହାନ୍ତି। ମଧ୍ୟପ୍ରଦେଶ ହାଇକୋର୍ଟ ଜଣେ ସାମ୍ବାଦିକଙ୍କ ଜାମିନ ନାମଞ୍ଜୁର କରିବା ପରେ ଏହା ବିରୋଧରେ ଆଗତ ପିଟିସନର ଶୁଣାଣି କରିବା ଅବସରରେ କୋର୍ଟ ଉପରୋକ୍ତ ମତ ଦେଇଛନ୍ତି। ସାମ୍ବାଦିକଙ୍କ ମାମଲାଟି ହେଲା ସେ ଏକ ନବଜାତ ଶିଶୁର କିଣାବିକା ର୍‍ୟାକେଟ୍‌ର ପର୍ଦ୍ଦାଫାସ କରିବାକୁ ଚେଷ୍ଟା କରୁଥିଲେ। ତେବେ ସେ ଖବରଟିକୁ ଚାପିଦେବା ପାଇଁ ୫୦ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିବା ଓ ମାତ୍ର ୫୦ ହଜାର ଟଙ୍କା ଲାଞ୍ଚ ଦେବାରୁ ଖବର ପ୍ରକାଶ କରିଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଛି। ସାମ୍ବାଦିକ ଜଣକ ଦାବି କରିଛନ୍ତି ଯେ, ସେ ଜଣେ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଏବଂ ୨୬-୦୭-୨୦୨୧ରେ ନବଜାତ ଶିଶୁର କିଣାବିକା ନେଇ ଦୈନିକ ଭାସ୍କରରେ ଖବର ପ୍ରକାଶ କରିଥିଲେ। ଅଭିଯୁକ୍ତ ତାଙ୍କ ସହ ଅନ୍ୟମାନଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ପୂର୍ବରୁ ସର୍ବୋଚ୍ଚ ଅଦାଲତ



ପିଟିସନର ଓ ଅନ୍ୟ ସାମ୍ବାଦିକଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ। କିନ୍ତୁ ବୁଧବାର ଜଷ୍ଟିସ୍ ଏଏସ୍ ବୋପାନ୍ନା ଓ ଏମ୍‌ଏମ୍ ସୁନ୍ଦରେଶଙ୍କ ଖଣ୍ଡପୀଠ ସେମାନେ ଅନ୍ତରୀଣ ସୁରକ୍ଷା ପାଇବାକୁ ହକ୍‌ଦାର ନୁହନ୍ତି ବୋଲି କହିଛନ୍ତି କାରଣ ସେମାନଙ୍କ ବିରୋଧରେ ଥିବା ଅଭିଯୋଗର ସତ୍ୟତା ତଦନ୍ତରୁ ପ୍ରମାଣିତ ହୋଇଥିବା କୋର୍ଟ କହିଥିଲେ। ଏବେ ତଦନ୍ତକାରୀ ଅଧିକାରୀମାନେ ଚାହିଁଲେ ସେମାନଙ୍କୁ ଗିରଫ କରିପାରିବେ ବୋଲି ଖଣ୍ଡପୀଠ କହିଥିଲେ।

# ଆୟର୍ଲାଣ୍ଡରେ ବସବାସ କଲେ ମିଳିବ ୭୧ ଲକ୍ଷ ଟଙ୍କା

**ନୂଆଦିଲ୍ଲୀ :** ବିଦେଶ ଯାତ୍ରା କରିବାକୁ ସମସ୍ତେ ପସନ୍ଦ କରିଥାନ୍ତି। ଏମିତିକି ଅନେକ ଥର ଯେତେବେଳେ ଆମେ କୌଣସି ସ୍ଥାନକୁ ବୁଲିବାକୁ ଯାଉ, ଆମେ ସେଠାରେ ରହିବା ଭଳି ଅନୁଭବ କରିଥାଉ। ଏପରିକି ଆମେ କଳ୍ପନା କରିଥାଉ କି ଯଦି ସେଠାକାର ସରକାର ଆମକୁ ସବୁଦିନ ପାଇଁ ରହିବାକୁ ପ୍ରସ୍ତାବ ଦିଅନ୍ତି ତେବେ ଭଲ ହୁଅନ୍ତା। ଯଦ ଏହା କିଛଇ ଟଙ୍କା ମିଳିଯାଏ ତେବେ ଆହୁରି ଜମିଯିବ। ତେବେ ଏହା ଏବେ ଗୋଟିଏ ଦେଶରେ ଘଟୁଛି। ସୂଚନାନୁଯାୟୀ, ଆୟର୍ଲାଣ୍ଡ ସରକାର ଏଠାରେ ରହୁଥିବା ଲୋକଙ୍କୁ ୭୧ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଯୋଜନା କରୁଛନ୍ତି। ‘ଆର ଲିଭିଙ୍ଗ ଆୟର୍ଲାଣ୍ଡ’ ନୀତି ଅନୁଯାୟୀ ଏହି ଅଫର ଦିଆଯାଉଛି। ଆୟର୍ଲାଣ୍ଡ ସରକାର ଏହାର ଦ୍ୱୀପପୁଞ୍ଜରେ ଜନସଂଖ୍ୟା ବୃଦ୍ଧି କରିବାକୁ ଚାହୁଁଛନ୍ତି। ଏଥିପାଇଁ ସେଥିପାଇଁ ଏହି ଯୋଜନା ପ୍ରସ୍ତୁତ କରିଛନ୍ତି। ନୂତନ ବାସିନ୍ଦାଙ୍କୁ ଏଠାରେ ବସବାସ ପାଇଁ ସରକାର ୭୧ ଲକ୍ଷ ଟଙ୍କା ଦେଉଛନ୍ତି। ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ଆୟର୍ଲାଣ୍ଡର ୩୦



ଦ୍ୱୀପପୁଞ୍ଜରେ ପରିତ୍ୟକ୍ତ ସମ୍ପତ୍ତିର ବ୍ୟବହାର ଏବଂ ପୁନରୁଦ୍ଧାର କରିବା। ତଥାପି, ଏହି ଯୋଜନାରେ କିଛି ସର୍ତ୍ତ ମଧ୍ୟ ରହିଛି। ଏହି ଯୋଜନାର ଲାଭ ଉଠାଇବାକୁ, ଆପଣଙ୍କୁ ଆୟର୍ଲାଣ୍ଡର ଦ୍ୱୀପପୁଞ୍ଜରେ ଏକ ସମ୍ପତ୍ତି କିଣିବାକୁ ପଡିବ। ଏହା ୧୯୯୩ ପୂର୍ବରୁ ନିର୍ମିତ ଏବଂ ଅତି କମରେ ୨ ବର୍ଷ ପାଇଁ ଖାଲି ଥିବା ଏକ ସମ୍ପତ୍ତି ହେବା ଉଚିତ୍। ଏହି ଯୋଜନାରେ ପ୍ରାପ୍ତ ୭୧ ଲକ୍ଷ ଟଙ୍କା ଘର ମରାମତି, ସାଜସଜ୍ଜା ଇତ୍ୟାଦିରେ ବ୍ୟବହାର କରାଯାଇପାରିବ। ଆୟର୍ଲାଣ୍ଡ ସରକାରଙ୍କ ଏହି ଯୋଜନା ଜୁଲାଇ ପହିଲାରୁ ଆରମ୍ଭ ହୋଇଛି। ଉକ୍ତ ଯୋଜନା ନିମନ୍ତେ ୩୦ ଅଗଷ୍ଟ ପର୍ଯ୍ୟନ୍ତ ପଞ୍ଜୀକରଣ କରାଯାଇପାରିବ। ଯେଉଁମାନଙ୍କର ଆୟର୍ଲାଣ୍ଡକୁ ଭିସା ଅଛି ସେମାନେ ଏହି ଯୋଜନାରେ ପଞ୍ଜିକରଣ କରିପାରିବେ। ତେବେ ଏହି ଯୋଜନା ପାଇଁ ସର୍ବନିମ୍ନ ବୟସ ସୀମା ୧୮ ବର୍ଷ ରହିଛି। ଏଥ ?ପାଇଁ କାଗଜପତ୍ର ଭାବେ ପାସପୋର୍ଟ, ଭିସା, ବୟସ ପ୍ରମାଣପତ୍ର, ଶିକ୍ଷାଗତ ଯୋଗ୍ୟତା, ମୂଳ ଠିକଣା, ଆୟ,କାର୍ଯ୍ୟ ଦକ୍ଷତା ଏବଂ ଆଇଡି ପ୍ରମାଣପତ୍ର ଆଦି ଜରୁରୀ।

# ଚୀନ୍‌ରେ ସମସ୍ୟା ବଢୁଛି, କାରବାର ବନ୍ଦ କରିବେ ଆମେରିକୀୟ କମ୍ପାନୀ

**ନୂଆଦିଲ୍ଲୀ :** ଆମେରିକାର ଅର୍ଥମନ୍ତ୍ରୀ ଜାନେଟ ୟେଲେନ ସମ୍ପ୍ରତି ଭାରତ ଗସ୍ତରେ ଅଛନ୍ତି। ଗତ ୯ ମାସ ମଧ୍ୟରେ ଏହା ତାଙ୍କର ତୃତୀୟ ଗସ୍ତ। ତାଙ୍କର ଏହି ଗସ୍ତ ଅଧିକ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି, କାରଣ ନିକଟରେ ସେ ଚୀନ୍ ଗସ୍ତରେ ଯାଇଥିଲେ। ଭାରତ ବିଶ୍ୱରେ ଦ୍ରୁତ ଗତିରେ ଅଭିବୃଦ୍ଧି କରୁଥିବାବେଳେ ଚୀନ୍ ଅର୍ଥନୀତିର ଅଭିବୃଦ୍ଧି ମନ୍ଥର ରହିଛି। ୟେଲେନ୍ ରବିବାର ଗାନ୍ଧିନଗରରେ କହିଛନ୍ତି ଯେ ସେ ଆମେରିକା ଏବଂ ଭାରତ ମଧ୍ୟରେ ଥିବା ସମ୍ପର୍କକୁ ଏକ ନୂଆ ଦିଗ ଦେବାକୁ ଚେଷ୍ଟା କରୁଛନ୍ତି। ଚୀନ୍ ଏବଂ ଆମେରିକା ମଧ୍ୟରେ କିଛି ସମୟ ଧରି ଉତ୍ତେଜନା ଲାଗି ରହିଛି। ଉଭୟ ଦେଶ ପରସ୍ପରର ବୈଷୟିକ କମ୍ପାନୀ ଉପରେ ବିଭିନ୍ନ ପ୍ରତିବନ୍ଧକ ଲଗାଇଛନ୍ତି। ଏହି କାରଣରୁ, ଆମେରିକୀୟ କମ୍ପାନୀଗୁଡିକ ଚୀନ୍ ବାହାରେ ଏକ ସ୍ଥାନ ଖୋଜୁଛନ୍ତି ଯାହା ଦ୍ୱାରା ବେଜିଂ ଉପରେ ସେମାନଙ୍କର ନିର୍ଭରଶୀଳତା ହ୍ରାସ ହୋଇପାରିବ। ଏଭଳି ପରିସ୍ଥିତିରେ ଭାରତ ସେମାନଙ୍କ ପାଇଁ ପୁଞ୍ଜି ବିନିଯୋଗର ଏକ ପ୍ରିୟ ଦେଶ ଭାବରେ ଉଭା ହୋଇଛି। ୟେଲେନ କହିଛନ୍ତି ଯେ ଆମେରିକାର କମ୍ପାନୀଗୁଡିକ ଭାରତକୁ ସାମଗ୍ରୀ ଉତ୍ପାଦନ ଏବଂ ଆମେରିକାକୁ ରପ୍ତାନି କରିବା ପାଇଁ ଏକ ଉତ୍ତମ ସ୍ଥାନ ବୋଲି ବିବେଚନା କରୁଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ଚୀନ୍‌ର ଅଭିବୃଦ୍ଧି ମନ୍ଥର ହୋଇଯାଇଛି ଯାହା ବିଶ୍ୱର ଅନ୍ୟାନ୍ୟ ଦେଶକୁ ପ୍ରଭାବିତ କରିଛି। ୟେଲେନ କହିଛନ୍ତି, ମୁଁ ଚୀନ୍ର ନେତାମାନଙ୍କ ସହ ଏ ବିଷୟରେ କଥାବାର୍ତ୍ତା କରିଛି। ସେମାନଙ୍କର ବ୍ୟବସାୟିକ ପରିବେଶ ଉନ୍ମୁକ୍ତ ଥିବା ଚୀନ୍ ନେତାମାନେ ଗୁରୁତ୍ୱ ଦେଇ କହିଛନ୍ତି। ଏହି ସମୟରେ, ବିଶ୍ୱର କମ୍ପାନୀଗୁଡିକ ପାଇଁ ଭାରତ ପୁଞ୍ଜି ବିନିଯୋଗ ଏକ ପସନ୍ଦ ଯୋଗ୍ୟ ଗନ୍ତବ୍ୟସ୍ଥଳ ଭାବରେ ଉଭା ହୋଇଛି। ନିକଟରେ ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦୀ ଆମେରିକା ଗସ୍ତରେ ଯାଇଥିଲେ। ଏହି ସମୟରେ ଦୁଇ ଦେଶ ମଧ୍ୟରେ ଅନେକ ବ୍ୟବସାୟିକ ଚୁକ୍ତି କରାଯାଇଥିଲା। ହଡସନ୍ ଇନଷ୍ଟିଚ୍ୟୁଟ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ୟେଲେନ୍‌ଙ୍କ ଭାରତ ଗସ୍ତ ଦୁଇ ଦେଶ ମଧ୍ୟରେ ସହବନ୍ଧନ ସମନ୍ୱୟକୁ ପ୍ରତିଫଳିତ କରିଥାଏ। ଚୀନ୍ର ମାନବିକ ଅଧିକାର ଉଲ୍ଲଂଘନ ଏବଂ ଅନ୍ତର୍ଜାତୀୟ ନିୟମକୁ ଅବମାନନା କରିବାର ପ୍ରବୃତ୍ତି ଯୋଗୁ ପାଶ୍ଚାତ୍ୟ ଦେଶଗୁଡ଼ିକ ଏଡାହାଠାରୁ ଦୂରେଇଯାଉଛନ୍ତି। ୟୁରୋପର ବୃହତ୍ତମ ଅର୍ଥନୀତି ବୋଲାଉଥିବା ଜର୍ମାନୀ ଏବେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଚୀନ୍ ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ରଣନୀତି ପ୍ରସ୍ତୁତ କରିଛି। ଏଥିରେ ଦର୍ଶାଯାଇଛି ଯେ ଚୀନ୍ ଆଉ ପୂର୍ବଭଳି ନାହିଁ, ନୁହେଁ ତେଣୁ ଜର୍ମାନୀ ମଧ୍ୟ ନିଜକୁ ପରିବର୍ତ୍ତନ କରିବା ଆବଶ୍ୟ ମନେକରୁଛି। ବିଶ୍ୱ କମ୍ପାନୀଗୁଡିକର ଯୋଗାଣ ଶୃଙ୍ଖଳା କରୋନା ଅବଧିରେ ଖରାପ ପ୍ରଭାବିତ ହୋଇଥିଲା। ସେଥିପାଇଁ ସେମାନେ ଚୀନ୍ ଉପରୁ ନିର୍ଭରଶୀଳତା ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି। ଆମେରିକା ଏବଂ ଅନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ଚୀନ୍ ଉପରେ ସେମାନଙ୍କର ନିର୍ଭରଶୀଳତା ହ୍ରାସ କରିବାକୁ ଚାହୁଁଛନ୍ତି। ଏଭଳି ପରିସ୍ଥିତିରେ ଭାରତ ସେମାନଙ୍କ ପାଇଁ ଏକ ପ୍ରାକୃତିକ ବିକଳ୍ପ ଭାବରେ ଉଭା ହୋଇଛି। ସମ୍ପ୍ରତି ଅନେକ ଆମେରିକୀୟ କମ୍ପାନୀ ଭାରତରେ ସେମାନଙ୍କର ବ୍ୟବସାୟ ବିସ୍ତାର କରିଛନ୍ତି। ଆମେରିକୀୟ କମ୍ପାନୀଗୁଡିକ ଭାରତରେ ୬୦ ବିଲିୟନ ଡଲାର ବିନିଯୋଗ କରିଥିବାବେଳେ ଭାରତୀୟ କମ୍ପାନୀଗୁଡିକ ଆମେରିକାରେ ୪୦ ବିଲିୟନ ଡଲାରରୁ ଅଧିକ ବିନିଯୋଗ କରିଛନ୍ତି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ପାଇଁ ଅପାର ସମ୍ଭାବନା ରହିଛି। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ରେକର୍ଡ ସ୍ତରରେ ୧୯୧ ବିଲିୟନ ଡ଼ଲାରରେ ପହଞ୍ଚିଛି। ଚାଇନା ଛାଡି ଆମେରିକା ଭାରତର ସବୁଠୁ ବଡ ବାଣିଜ୍ୟିକ ଅଂଶୀଦାର ହୋଇଛି। ଆମେରିକା ପାଇଁ ଭାରତ ହେଉଛି ନବମ ବୃହତ ବାଣିଜ୍ୟ ଅଂଶୀଦାର। ଆମେରିକୀୟ କମ୍ପାନୀଗୁଡିକ ବିନିର୍ମାଣ, ଟେଲିକମ୍, ଉପଭୋକ୍ତା ସାମଗ୍ରୀଠାରୁ ଏରୋସ୍ପେସ୍ ପର୍ଯ୍ୟନ୍ତ ଭାରତରେ ସବୁଥିରେ ପୁଞ୍ଜି ବିନିଯୋଗ କରିଛନ୍ତି। ଭାରତୀୟ କମ୍ପାନୀଗୁଡିକ ଆମେରିକାରେ ଆଇଟି, ଫାର୍ମା ଏବଂ ଗ୍ରୀନ୍ ଏନର୍ଜିରେ ମଧ୍ୟ ପୁଞ୍ଜି ବିନିଯୋଗ କରିଛନ୍ତି।

# ନିତି ଆୟୋଗ ରିପୋର୍ଟ: ମାଲକାନଗିରି ସବୁଠୁ ଗରିବ ଜିଲ୍ଲା



**ଭୁବନେଶ୍ୱର :** ଗତ ପାଞ୍ଚ ବର୍ଷ ଭିତରେ ଦେଶରେ ଦାରିଦ୍ର୍ୟ ଦୂରୀକରଣରେ ବଡ଼ ଧରଣର ସଫଳତା ମିଳିଛି। ସାରା ଦେଶରେ ରେକର୍ଡ ୧୩.୫ କୋଟି ଲୋକ ଦାରିଦ୍ର୍ୟ ରାକ୍ଷାସ କବଳରୁ ମୁକ୍ତି ପାଇଛନ୍ତି। ୫ ବର୍ଷ ଭିତରେ ଓଡ଼ିଶାର ୬୨ ଲକ୍ଷ ୬୨ ହଜାର ଲୋକ ଦାରିଦ୍ର୍ୟମୁକ୍ତ ହୋଇଛନ୍ତି। ନୀତି ଆୟୋଗର ସଦ୍ୟ ପ୍ରକାଶିତ ଦ୍ୱିତୀୟ ସଂସ୍କରଣ ଜାତୀୟ ବହୁମୁଖୀ ଦାରିଦ୍ର୍ୟ ସୂଚୀରୁ ଏହା ଜଣାପଡ଼ିଛି। ଆର୍ଥିକ ବର୍ଷ ୨୦୧୫-୧୬ରୁ ୨୦୧୯-୨୦ ମଧ୍ୟରେ ଏହି ସଫଳତା ମିଳିଛି। ଓଡ଼ିଶାରେ ଦାରିଦ୍ର୍ୟ ହାର ୨୯.୩୪ ପ୍ରତିଶତରୁ ୧୫.୮୬ ପ୍ରତିଶତକୁ ହ୍ରାସ ପାଇଛି। ଗ୍ରାମୀଣ ଦାରିଦ୍ର୍ୟ ହାର ୩୨.୬୪ ପ୍ରତିଶତରୁ ୧୭.୭୨ ପ୍ରତିଶତକୁ ଖସିଥିବା ବେଳେ ସହରାଞ୍ଚଳରେ ସେହି ହାର ୧୨.୩୨ ପ୍ରତିଶତରୁ ୫.୪୨ ପ୍ରତିଶତକୁ ହ୍ରାସ ପାଇଛି। ଜିଲ୍ଲାଗୁଡ଼ିକ ମଧ୍ୟରେ ମାଲକାନାଗିରି ଦାରିଦ୍ର୍ୟ ହାର ରାଜ୍ୟରେ ସର୍ବାଧିକ ୪୫.୦୧ ପ୍ରତିଶତ ଥିବା ବେଳେ ପୁରୀରେ ସର୍ବନିମ୍ନ ୩.୨୯ ପ୍ରତିଶତ ରହିଛି। ସେହିପରି କୋରାପୁଟରେ ୩୩.୫୪ ପ୍ରତିଶତ, ନବରଙ୍ଗପୁରରେ ୩୩.୪୫ ପ୍ରତିଶତ ଓ ମୟୂରଭଞ୍ଜରେ ୩୦.୫୭ ପ୍ରତିଶତ ଦାରିଦ୍ର୍ୟ ହାର ରହିଛି। ପୁରୀ, ଜଗତସିଂହପୁର, ଖୋର୍ଦ୍ଧା, କଟକ, ଗଞ୍ଜାମ, ନୟାଗଡ଼, ଝାରସୁଗୁଡ଼ା, ସୋନପୁର, କେନ୍ଦ୍ରାପଡ଼ା, ବଲାଙ୍ଗୀର ଓ ସମ୍ବଲପୁରରେ ଦାରିଦ୍ର୍ୟ ହାର ୧୦ ପ୍ରତିଶତରୁ କମ୍ ରହିଛି। ଅନ୍ୟ ଜିଲ୍ଲାଗୁଡ଼ିକରେ ଏହି ହାର ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାରେ ରହିଛି। ନୀତି ଆୟୋଗ ରିପୋର୍ଟ ଅନୁସାରେ, ୨୦୨୧ର ବହୁମୁଖୀ ଦାରିଦ୍ର୍ୟ ସୂଚୀରେ ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମେଘାଳୟ, ଆସାମ, ଛତିଶଗଡ, ରାଜସ୍ଥାନ ପରେ ଓଡ଼ିଶା ଥିଲା। ଦେଶର ନବମ ଗରିବ ରାଜ୍ୟ। କିନ୍ତୁ ଚଳିତ ସଂସ୍କରଣରେ ଓଡ଼ିଶା ଗରିବୀ ରାଜ୍ୟ ତାଲିକାରେ ଆଉ ଗୋଟେ ସ୍ଥାନ ତଳକୁ ଖସି ଦେଶର ଅଷ୍ଟମ ଗରିବ ରାଜ୍ୟରେ ପରିଣତ ହୋଇଛି। ରାଜସ୍ଥାନ ଅଷ୍ଟମ ଗରିବ ରାଜ୍ୟରୁ ତଳକୁ ଖସି ସପ୍ତମ ସ୍ଥାନରେ ପହଞ୍ଚିଛି। ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ ବେରି ଏହି ରିପୋର୍ଟକୁ ଉନ୍ମୋଚନ କରିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନଧାରଣ ମାନ ଭଳି ୧୨ଟି ଗୁରତ୍ୱପୂର୍ଣ୍ଣ ମାନଦଣ୍ଡ ଆଧାରରେ ନିତି ଆୟୋଗ ଏହି ରିପୋର୍ଟ ପ୍ରସ୍ତୁତ କରିଛି।

## ବର୍ଷା-ଅନୁଭବ ମାମଲା ସେପ୍ଟେମ୍ବର ୫ରେ ପରବର୍ତ୍ତୀ ଶୁଣାଣି

**କଟକ :** ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ବିରୋଧରେ ସାଂସଦ ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଆଜି ହାଇକୋର୍ଟରେ ଶୁଣାଣି ହୋଇଛି। ଜଷ୍ଟିସ୍ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ସମୟରେ ଅନୁଭବ ଓ ବର୍ଷାଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ସେପ୍ଟେମ୍ବର୍ ୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ, ଛାଡ଼ପତ୍ର ମାମଲାରେ ୨୦୨୨, ଜୁଲାଇ ୧୧ରେ ଅନୁଭବଙ୍କୁ ବର୍ଷାଙ୍କ ତରଫରୁ ଆଇନଜୀବୀ ଅଧିକ ଜେରା କରିବା ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ବର୍ଷାଙ୍କ ତରଫରୁ କେହି ଉପସ୍ଥିତ ନଥିବାରୁ ଅନୁଭବଙ୍କ ସାକ୍ଷ୍ୟ ଗ୍ରହଣ ଶେଷ କରିବାକୁ କଟକ ପରିବାର ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଅନୁଭବଙ୍କୁ ପୁଣି ଜେରା ପାଇଁ ଅନୁମତି ଲୋଡ଼ି ଏବଂ ଜୁଲାଇ ୧୧ର ନିର୍ଦ୍ଦେଶକୁ ପ୍ରତ୍ୟାହାର ପ୍ରସଂଗ ନେଇ ବର୍ଷାଙ୍କ ତରଫରୁ ଦାୟର ଆବେଦନକୁ ପରିବାର ଅଦାଲତ ୨୦୨୨, ଅଗଷ୍ଟ ୧୬ରେ ଖାରଜ କରିଥିଲେ। ପରିବାର ଅଦାଲତଙ୍କ ଏହି ନିର୍ଦ୍ଦେଶକୁ ବିରୋଧ କରି ବର୍ଷା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ପୁଣି ଜାତୀୟସ୍ତରରେ ସମ୍ମାନିତ

# ଶ୍ରେଷ୍ଠ ରାଜ୍ୟ ଭାବେ ଓଡ଼ିଶାକୁ 'ଭୂମି ସମ୍ମାନ'



**ଭୁବନେଶ୍ୱର :** ପୁଣି ଜାତୀୟ ସ୍ତରରେ ଓଡ଼ିଶା ସମ୍ମାନୀତ। ଡିଜିଟାଲ୍ ଇଣ୍ଡିଆ ଲ୍ୟାଣ୍ଡ ରେକର୍ଡ ଆଧୁନିକୀକରଣ କାର୍ଯ୍ୟକ୍ରମ (ଡିଆଇଏଲଆରଏମ୍‌ପି)ର ଲକ୍ଷ୍ୟଗୁଡ଼ିକୁ ପୂରଣ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତର ଶ୍ରେଷ୍ଠ ରାଜ୍ୟ ଭାବେ 'ଭୂମି ସମ୍ମାନ' ପୁରସ୍କାର ପ୍ରଦାନ କରିଛନ୍ତି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଅନୁଷ୍ଠିତ ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ଓଡ଼ିଶାକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଦେଶର ସମୁଦାୟ ୭୬୬ ଜିଲ୍ଲା ମଧ୍ୟରୁ ୬୮ଟି ଜିଲ୍ଲାକୁ ଡିଆଇଏଲଆରଏମ୍‌ପି ଅନ୍ତର୍ଗତ ଛଅଗୋଟି ବର୍ଗରେ ପ୍ଲାଟିନମ୍ ପୁରସ୍କାର ମିଳିଛି। ତନ୍ମଧ୍ୟରୁ ଓଡ଼ିଶାର ୧୯ଟି ଜିଲ୍ଲା ଏହି ପୁରସ୍କାର ପାଇବା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଗୌରବର ବିଷୟ। ଓଡ଼ିଶାର ଅନୁଗୁଳ, ବୌଦ୍ଧ, ବରଗଡ, ଭଦ୍ରକ, ଦେଓଗଡ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ନବରଙ୍ଗପୁର, ନୟାଗଡ, ନୂଆପଡା, ରାୟଗଡା ଓ ସମ୍ବଲପୁର ଆଦି ୧୯ଟି ଜିଲ୍ଲା ଏହି ପ୍ଲାଟିନମ ପୁରସ୍କାର ନିମନ୍ତେ ବିବେଚିତ ହୋଇଥିଲେ। ରାଷ୍ଟ୍ରପତି ଏହି ଜିଲ୍ଲାମାନଙ୍କର ଜିଲ୍ଲାପାଳ ବା ଅତିରିକ୍ତ ଜିଲ୍ଲାପାଳମାନଙ୍କୁ 'ଭୂମି ସମ୍ମାନ' ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗଦର୍ଶନରେ ୫ଟି କାର୍ଯ୍ୟାନ୍ୱୟନ ତଥା 'ମୋ ସରକାର' ନିୟମାବଳୀ ମାଧ୍ୟମରେ ଜମିଜମା ରେକର୍ଡ ଏବଂ ଜନସେବାକୁ ଡିଜିଟାଇଜେସନ୍ କରିବାରେ ଓଡିଶା ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି। ରାଜସ୍ୱ କାର୍ଯ୍ୟାଳୟ ମାନଙ୍କରେ ନାଗରିକମାନଙ୍କ ବ୍ୟକ୍ତିଗତ ଉପସ୍ଥିତିକୁ ଯଥାସମ୍ଭବ କମ କରିବା ସହ ମଧ୍ୟସ୍ଥିମାନଙ୍କ ଭୂମିକାକୁ ନ୍ୟୂନ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ବିଭାଗ ଦ୍ୱାରା ନାଗରିକମାନଙ୍କୁ ଯୋଗାଇ ଦିଆଯାଉଥିବା ୩୪ଟି ପ୍ରମୁଖ ସେବାକୁ ଅନ୍‌ଲାଇନ୍ କରାଯିବା ଦ୍ୱାରା ଲୋକମାନେ ଅନଲାଇନ ମାଧ୍ୟମରେ ଆବେଦନ ଏବଂ ସ୍ଥିତି ଜାଣିପାରୁଛନ୍ତି। ଭର୍ଚୁଆଲ୍ କୋର୍ଟ ମାଧ୍ୟମରେ ୧୩ ହଜାରରୁ ଊର୍ଦ୍ଧ୍ୱ ମାମଲାର ଫଇସଲା ହୋଇଛି। ୨୦୨୪ ମାର୍ଚ୍ଚ ମାସ ସୁଦ୍ଧା ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲା ଡିଆଇଏଲଆରଏମ୍‌ପିର ମାନଦଣ୍ଡ ଯଥା: ଜମି ରେକର୍ଡର କମ୍ପୁଟରୀକରଣ, ଜମି ନକ୍ସାର କମ୍ପୁଟରୀକରଣ, ଜମି ରେକର୍ଡ ଏବଂ ନକ୍ସାର ସଂଯୋଗୀକରଣ, ନିବନ୍ଧନ ଓ ଉପନିବନ୍ଧନ କାର୍ଯ୍ୟାଳୟର କମ୍ପୁଟରୀକରଣ, ତହସିଲ ଏବଂ ନିବନ୍ଧନ କାର୍ଯ୍ୟାଳୟର ସଂଯୋଗୀକରଣ ଏବଂ ଆଧୁନିକ ରେକର୍ଡ କକ୍ଷ ନିର୍ମାଣ କ୍ଷେତ୍ରରେ ଶତପ୍ରତିଶତ ଲକ୍ଷ୍ୟ ହାସଲ କରିବା ପାଇଁ ପଦକ୍ଷେପ ନିଆଯିବ। ୫ଟି ଆଧାରରେ ଦଳଗତ କାର୍ଯ୍ୟ ଏବଂ 'ମୋ ସରକାର' ମାଧ୍ୟମରେ ଜନସାଧାରଣଙ୍କ ଠାରୁ ମତାମତ ଗ୍ରହଣ କରାଯିବା ଫଳରେ ଉତ୍ତମ ସେବା ଯୋଗାଇବା ସମ୍ଭବ ହୋଇପାରିଛି।

### ହାତୀ-ମଣିଷ ଲଢ଼େଇ ରୋକିବାକୁ ବହୁସୂତ୍ରୀ ଯୋଜନା

# 'ଗଜସାଥୀ'ରେ ଯୋଡ଼ି ହେବ ୨ହଜାର ଗାଁ

**ଭୁବନେଶ୍ୱର :** ରାଜ୍ୟରେ ବିସ୍ତାରିତ ହେବ 'ଗଜସାଥୀ' କାର୍ଯ୍ୟକ୍ରମ। ପ୍ରାରମ୍ଭିକ ଭାବେ ରାଜ୍ୟର ୫୦୦ ଗ୍ରାମରେ ଆରମ୍ଭ ହୋଇଥିବା ଏହି ସଚେତନତା କାର୍ଯ୍ୟକ୍ରମ ଗତ ବର୍ଷ ୧୨ ଶହ ଗ୍ରାମକୁ ବିସ୍ତାରିତ ହେଉଛି। ଚଳିତ ବର୍ଷ ଗଜସାଥୀ କାର୍ଯ୍ୟକ୍ରମ ୨ ହଜାର ଗ୍ରାମକୁ ସମ୍ପ୍ରସାରଣ କରିବା ପାଇଁ ଲକ୍ଷ୍ୟ ରଖିଛି ବୋଲି ବନ୍ୟପ୍ରାଣୀ ପିସିସିଏଫ୍ ଏସ୍କେ ପୋପଲି କହିଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରତି ଗ୍ରାମରେ ଗ୍ରାମ୍ୟ କମିଟି ଦ୍ୱାରା ୫ ଜଣ ସ୍ୱେଚ୍ଛାସେବୀଙ୍କୁ ଚୟନ କରାଯାଇ ଗଜ ସାଥୀ ଭାବେ ନିୟୋଜନ କରାଯାଉଛି। ଯେଉଁମାନେ କି ବନ ବିଭାଗକୁ ହାତୀଙ୍କ ବିଚରଣ ସଂକ୍ରାନ୍ତ ସୂଚନା ଦେବା ସହ ହାତୀ ମଣିଷ ଲଢ଼େଇ ହ୍ରାସ ଦିଗରେ କାର୍ଯ୍ୟ କରୁଛନ୍ତି। ଅନ୍ୟପଟେ ନିକଟରେ ମୁଖ୍ୟମନ୍ତ୍ରୀ ଅନୁଗୁଳ ବନ୍ତଳାରେ ଚାଲିଥିବା ହାତୀ ମଣିଷ ଲଢ଼େଇ ହ୍ରାସ ପାଇଁ ୪.୬୪ କୋଟି ଟଙ୍କା ଅନୁମୋଦନ କରିଥିବା ବେଳେ ଏଥିରେ ସୋଲାର ପାଓ୍ୱାର ଫେନ୍ସ, ହାଇମାଷ୍ଟ ଲାଇଟ୍ ଓ ବାୟୋ-ଆକ୍ୟୁଷ୍ଟିକ୍ ଡିଭାଇସ୍ ଆଦି ଲଗାଇବାକୁ ନିଷ୍ପତ୍ତି ହୋଇଛି। ଏହି ଅଞ୍ଚଳ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ସୋଲାର ଫେନ୍ସିଂ ପାଇଁ ଲକ୍ଷ୍ୟ ରହିଥିବା ବେଳେ ବାୟୋ-ଆକ୍ୟୁଷ୍ଟିକ୍ ମଧ୍ୟ ଲଗାଇବାକୁ ଯୋଜନା କରାଯାଇଛି। ଏହାଦ୍ୱାରା ହାତୀ ଆସିଲେ ସାଇରନ୍ ସହ ରେଡ୍ ଲାଇଟ୍ ଦେଖାଯିବ ଓ ଏଥିପାଇଁ ଲୋକେ ସତର୍କ ହୋଇପାରିବେ ବୋଲି ବ୍ୟବସ୍ଥା କରାଯାଇଛି। ହାତୀ ଚଳାଚଳ ପ୍ରବଣ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ପିପିପି ମୋଡରେ କରାଯାଉଛି। ଏହି କାର୍ଯ୍ୟକ୍ରମ ଅଧୀନରେ ୯୦ ପ୍ରତିଶତ ଅର୍ଥ ରାଜ୍ୟ ସରକାର ପ୍ରଦାନ କରୁଥିବା ବେଳେ ବଳକା ୧୦ ପ୍ରତିଶତ ଅର୍ଥ ଗ୍ରାମବାସୀମାନେ ଶ୍ରମ ଆକାରରେ ଦେଇଛନ୍ତି। ଓରେଡା ଏମ୍ପାନେଲ ଭେଣ୍ଡରଙ୍କ ଦ୍ୱାରା ସୋଲାର ଫେନ୍ସିଂ ହେଉଛି। ସୋଲାର ପାଓ୍ୱାର ଫେନ୍ସିଂ ଅଞ୍ଚଳରେ ହାତୀ ପଶିବାକୁ ଚେଷ୍ଟା କଲେ ସେମାନଙ୍କୁ କରେଣ୍ଟ ଲାଗିବ, କିନ୍ତୁ ଏହାଦ୍ୱାରା କୌଣସି କ୍ଷତି ହେବନି ବୋଲି ପିସିସିଏଫ୍ କହିଛନ୍ତି। ବନ୍ତଳାର ୪୧ କମି ସୋଲାର ପାଓ୍ୱାର ଫେନ୍ସିଂ ସହ ଯେଉଁ ସ୍ଥାନ ଅନ୍ଧାରିଆ ରହୁଛି ସେଠାରେ ହାଇମାଷ୍ଟ ଲାଇଟ୍ ଲଗାଯିବା ପାଇଁ ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ନିଜେ ପିସିସିଏଫ ଘଟଣା ସ୍ଥଳ ପରିଦର୍ଶନ କରିବା ସହିତ ତୁରନ୍ତ ଏହି କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଅକ୍ଟୋବର ପହିଲାରୁ ସବୁ ଗାଡ଼ିରେ ଭିଏଲ୍‌ଟିଡି ଓ ପାନିକ ବଟନ୍ ବାଧ୍ୟତାମୂଳକ



**ଭୁବନେଶ୍ୱର :** ଚଳିତ ବର୍ଷ ଅକ୍ଟୋବର ୧ ତାରିଖ ପରଠାରୁ ପଞ୍ଜିକୃତ ହେବାକୁ ଥିବା ସମସ୍ତ ନୂଆ ଯାତ୍ରୀବାହୀ ଗାଡ଼ିରେ ଭେହିକିଲ୍ ଲୋକେସନ୍ ଟ୍ରାକିଂ ଡିଭାଇସ୍ (ଭିଏଲ୍‌ଟିଡି) ଏବଂ ପାନିକ ବଟନ୍ (ବିପଦ ସଙ୍କେତ ସ୍ୱିଚ୍) ଲାଗିକରି ଆସିବ। ସେହିପରି ମାଲବାହୀ ଗାଡ଼ିରେ ଭିଏଲ୍‌ଟିଡି ଲାଗିବ। ସେହିପରି ଚଳିତ ବର୍ଷ ସେପ୍ଟେମ୍ବର ୩୦ ପୂର୍ବରୁ ପଞ୍ଜିକୃତ ହୋଇଥିବା ଉପରୋକ୍ତ ବର୍ଗର ଯାତ୍ରୀବାହୀ ଗାଡ଼ିରେ ଭିଏଲ୍ଟିଡି ଏବଂ ପାନିକ ବଟନ୍ ଲଗାଇବା ବାଧ୍ୟତାମୂଳକ ହେବ। ସେଥିପାଇଁ ଚଳିତ ବର୍ଷ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ଏ ନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ଭିଏଲ୍‌ଟିଡି ପ୍ରକଳ୍ପ ପରିଚାଳନା ପାଇଁ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଠାରେ ଏକ କମାଣ୍ଡ ସେଣ୍ଟର ନିର୍ମାଣ ଶେଷ ହୋଇଥିବା ବେଳେ ଖୁବ୍‌ଶୀଘ୍ର ଏହାର ଉଦ୍ଘାଟନ ହେବାକୁ ଯାଉଛି। ତେବେ ଭିଏଲ୍‌ଟିଡି କାର୍ଯ୍ୟକାରୀ କରିବା ନିମନ୍ତେ ବିଏସ୍ଏନ୍ଏଲ୍ ଏକ ସଫ୍ଟୱେର ପ୍ରସ୍ତୁତ କରିବ। ଏଥିପାଇଁ ବିଏସ୍ଏନ୍ଏଲ୍ ତିନି ମାସ ସମୟ ନେଇଥିବା ଜଣାପଡ଼ିଛି। ମୋଟାମୋଟି ଭାବେ କହିବାକୁ ଗଲେ ସଫ୍ଟୱେର ପ୍ରସ୍ତୁତ ହୋଇଗଲେ ରାଜ୍ୟରେ ଭିଏଲ୍‌ଟିଡି ଏବଂ ପାନିକ ବଟନ୍ କାର୍ଯ୍ୟକାରୀ ହୋଇଯିବ। ସୂଚନା ଅନୁସାରେ ଦିଲ୍ଲୀର ନିର୍ଭୟା ଘଟଣା ପରିପ୍ରେକ୍ଷୀରେ ଦେଶର ସମସ୍ତ ରାଜ୍ୟରେ ଯାତ୍ରୀବାହୀ ଓ ମାଲବାହୀ ଗାଡ଼ିରେ ଭିଏଲ୍ଟିଡି ଏବଂ ପାନିକ୍ ବଟନ୍ ଲଗାଇବାକୁ କେନ୍ଦ୍ର ସରକାର ବାଧ୍ୟତାମୂଳକ କରିଥିଲେ। ସେଥିପାଇଁ ନିର୍ଭୟା ପାଣ୍ଠିରୁ ରାଜ୍ୟ ମାନଙ୍କୁ ଅର୍ଥ ଯୋଗାଇ ଦିଆଯାଇଛି। ତେବେ ଦେଶର ଚାରିଟି ରାଜ୍ୟ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି ପଦକ୍ଷେପ ନେଇଥିବା ବେଳେ ସେଥିରେ ଓଡ଼ିଶା ହେଉଛି ଅନ୍ୟତମ ରାଜ୍ୟ। ଭେହିକିଲ୍ ଲୋକେସନ୍ ଟ୍ରାକିଂ ଆପ୍ ଓ ସଫ୍ଟୱେର ପ୍ରସ୍ତୁତ କରିବା ଲାଗି ରାଜ୍ୟ ପରିବହନ ବିଭାଗ ଏବଂ ବିଏସ୍ଏନ୍ଏଲ୍ ମଧ୍ୟରେ ୨୦୨୨, ଅକ୍ଟୋବର ମାସରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା। ଯୋଜନା ଅନୁସାରେ କମାଣ୍ଡ ସେଣ୍ଟର ଭିଏଲ୍ଟିଡି ଲାଗିଥିବା ପ୍ରତ୍ୟେକ ଗାଡ଼ିର ଗତିବିଧି ଉପରେ ନଜର ରଖିପାରିବ। ଭୌଗୋଳିକ ସୂଚନା ବ୍ୟବସ୍ଥା (ଜିଆଇଏସ୍) ମ୍ୟାପ୍‌ରେ ଯେକୌଣସି ଗାଡ଼ିର ଅବସ୍ଥିତି ଜାଣିହେବ। ସେହିପରି ଯାତ୍ରୀବାହୀ ଗାଡ଼ିରେ ଲାଗିଥିବା ପାନିକ୍ ବଟନ୍‌କୁ ଜରୁରୀ ସ୍ଥିତିରେ କୌଣସି ଯାତ୍ରୀ ଟିପିଲେ କମାଣ୍ଡ ସେଣ୍ଟରରେ ଆଲାର୍ମ ବାଜିବ। ଫଳରେ କମାଣ୍ଡ ସେଣ୍ଟରରୁ ଗାଡ଼ିର ଅବସ୍ଥିତି ଥିବା ସମ୍ପୃକ୍ତ ଜିଲ୍ଲାର ଏସ୍‌ପି ଏବଂ ନିକଟସ୍ଥ ଥାନାକୁ ସହାୟତା ପାଇଁ ସୂଚନା ପହଞ୍ଚିବ। ସୂଚନା ପାଇବା ପରେ ସହାୟତା ତଥା ଉଦ୍ଧାର ପାଇଁ ପୁଲିସ ଏବଂ ଅନ୍ୟ ବଳ କମ୍ ସମୟ ଭିତରେ ପହଞ୍ଚି ପାରିବେ। ଗାଡ଼ି ଭିତରେ ଅସଦାଚରଣ, ଚୋରି ଅବା କୌଣସି ଅପ୍ରତିକର ପରିସ୍ଥିତି ହେଉ, ଦୁର୍ଘଟଣା ହେଉ ସବୁ ସମୟରେ ପାନିକ୍ ବଟନ୍ ଯାତ୍ରୀମାନଙ୍କ ପାଇଁ ବରଦାନ ସାଜିବ। ଅପରାଧ ଉପରେ ଅଙ୍କୁଶ ଲାଗିବ, ଦୁର୍ଘଟଣାରେ ଜୀବନ ରକ୍ଷା ସମ୍ଭବ ହେବ। ସେହିପରି ମାଲବାହୀ ଗାଡ଼ି କୌଣସି ଅନିୟମିତତାରେ ଜଡିତ ଥିଲେ ସେମାନଙ୍କୁ ଧରିବା ସମ୍ଭବ ହେବ। ବିଶେଷକରି ବେଆଇନ୍ ପରିବହନ ଉପରେ ଅଙ୍କୁଶ ଲାଗିବ।

### ମୁଖ୍ୟ ସଚିବଙ୍କ ତାଗିଦ୍ ପରେ ନିଦ ଭାଙ୍ଗିଲା

# ସେପ୍ଟେମ୍ବର ସୁଦ୍ଧା ସବୁ ପୁରୁଣା ପେନ୍‌ସନ ମାମଲାର ଫଇସଲା



**ଭୁବନେଶ୍ୱର :** ରାଜ୍ୟ ସରକାରୀ କର୍ମଚାରୀ ଚାକିରିରୁ ଅବସର ଦିନ ହିଁ ପେନସନ ପାଇବାର ପ୍ରାବଧାନ ଥିବା ସତ୍ତ୍ୱେ ହଜାର ହଜାର କର୍ମଚାରୀ ନିଜର ପେନସନ୍ ପାଇ ଦୀର୍ଘଦିନ ଅପେକ୍ଷା କରିବାକୁ ନେଇ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା କଡ଼ା ତାଗିଦ୍ କରିବା ପରେ ଏବେ ବିଭାଗଗୁଡ଼ିକର ଚେତା ପଶିଛି। ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ପେନସନ୍ ସେଲ୍ ଖୋଲି ନିର୍ଦ୍ଧାରିତ ଅବଧିରେ ପେନସନ୍ ପ୍ରଦାନ ସହ ଏହାର ମାସିକ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେବା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମଧ୍ୟ ଅନୁରୂପ ନିର୍ଦ୍ଦେଶନାମା ଜାରି କରିଛି। ୨୦୧୫ ମସିହା ପୂର୍ବରୁ ବାକି ଥିବା ସମସ୍ତ ପେନସନ୍ ମାମଲାର ଫଇସଲା ଜୁଲାଇମାସ ଶେଷ ସୁଦ୍ଧା କରିବା ଏବଂ ୨୦୧୬ରୁ ୨୦୨୦ ମସିହା ମଧ୍ୟରେ ବାକି ଥିବା ପେନସନ୍ ମାମଲାର ଫଇସଲା ସେପଟ୍ଟେମ୍ବର ମାସ ଶେଷ ସୁଦ୍ଧା କରିବାକୁ ବୋର୍ଡ ଅଫ ରେଭନ୍ୟୁ, ଆରଡିସି ଓ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଜାରି କରିଛି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ଗତ ୧୩ତାରିଖରେ ଉକ୍ତ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ସମସ୍ତ ପ୍ରତିଷ୍ଠାନର ମୁଖ୍ୟଙ୍କୁ ଚିଠି ଲେଖି ସବୁ ବକେୟା ପେନସନ୍ ମାମଲାର ଫଇସଲା ପାଇଁ ସମୟସୀମା ଧାର୍ଯ୍ୟ କରିଛନ୍ତି। ଚାକିରି ନିୟମିତ ହୋଇନଥିବା ଓ ମୁଖ୍ୟ କାର୍ଯ୍ୟାଳୟରେ ପେନସନ୍ ପେପର ଦାଖଲ ହୋଇନଥିବା ଯୋଗୁ ବହୁ ସଂଖ୍ୟାରେ ପେନସନ୍ ମାମଲା ପଡ଼ି ରହିଛି ବୋଲି ବିଭାଗର ଦୃଷ୍ଟିକୁ ଆସିଛି। ସେ ସାଧାରଣ ପ୍ରଶାସନ ବିଭାଗର ୧୯୯୯ ଡିସେମ୍ବର ୩୦ତାରିଖର ଗାଇଡଲାଇନ ସମ୍ପର୍କରେ ସଚେତନ କରାଇ ପେନସନ ପ୍ରଦାନରେ ବିଳମ୍ବ ହେଲେ ବାର୍ଷିକ ୧୮ ପ୍ରତିଶତ ସୁଧ ହାରରେ ପେନସନଭୋଗୀଙ୍କୁ ପେନସନ୍ ପ୍ରଦାନ କରାଯିବ ଓ ଏଥିପାଇଁ ଦାୟୀ ବ୍ୟକ୍ତିଙ୍କଠୁ ସେହି ସୁଧ ଅର୍ଥ ଆଦାୟ କରାଯିବ ବୋଲି ପ୍ରାବଧାନ ରହିଛି। ତେଣୁ ବିଭାଗ ଅଧୀନରେ ବକେୟା ଥିବା ସମସ୍ତ ପେନସନ୍ ମାମଲାକୁ ନିର୍ଦ୍ଧାରିତ ଅବଧି ମଧ୍ୟରେ ଫଇସଲା କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେ ବକେୟା ଥିବା ପେନସନ୍ ମାମଲାର ଫଇସଲା ପାଇଁ ସମୟସୀମା ଧାର୍ଯ୍ୟ କରି କହିଛନ୍ତି ଯେ, ୨୦୧୫ ମସିହା ପୂର୍ବରୁ ଅବସର ନେଇଥିବା ସମସ୍ତ ସରକାରୀ କର୍ମଚାରୀଙ୍କ ପେନସନ୍ ମାମଲା ଚଳିତ ଜୁଲାଇ ମାସ ଶେଷ ସୁଦ୍ଧା, ୨୦୧୬ରୁ ୨୦୨୦ ମସିହା ମଧ୍ୟରେ ଅବସର ନେଇଥିବା ସରକାରୀ କର୍ମଚାରୀଙ୍କ ପେନସନ୍ ସେପ୍ଟେମ୍ବର ଶେଷ ସୁଦ୍ଧା, ୨୦୨୧ରୁ ୨୦୨୩ ମସିହା ମଧ୍ୟରେ ଅବସର ନେଇଥିବା ସରକାରୀ କର୍ମଚାରୀଙ୍କ ପେନସନ୍ ମାମଲା ଚଳିତବର୍ଷ ଡିସେମ୍ବର ଶେଷ ସୁଦ୍ଧା ଫଇସଲା କରିବାକୁ ଶ୍ରୀ ସାହୁ ପରାମର୍ଶ ଦେଇଛନ୍ତି। ଏହାସହିତ ବାକି ଥିବା ସମସ୍ତ ପ୍ରୋଭିଜିନାଲ ପେନସନ୍ ମାମଲାକୁ ୧୫ଦିନ ମଧ୍ୟରେ ମଞ୍ଜୁରୀ କରିବା ସହ ଏଣିକି ଅବସର ଦିନ ହିଁ ସମ୍ପୃକ୍ତ କର୍ମଚାରୀଙ୍କୁ ପ୍ରୋଭିଜିନାଲ ପେନସନ୍ ପ୍ରଦାନ କରିବାକୁ ସେ କହିଛନ୍ତି। ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ଏଭଳି ନିର୍ଦ୍ଦେଶ ପରେ ଜିଲ୍ଲାସ୍ତରରେ ପଡ଼ିରହିଥିବା ବହୁ ପେନସନ୍ ମାମଲାର ଫଇସଲା ସହଜ ହୋଇପାରିବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ମୁଖ୍ୟ ସଚିବ ଶ୍ରୀ ଜେନା ସମସ୍ତ ବିଭାଗର ସଚିବଙ୍କୁ ଚିଠି ଲେଖି ସାଧାରଣ ପ୍ରଶାସନ ବିଭାଗର ଗାଇଡଲାଇନରେ ଥିବା ପ୍ରାବଧାନ ସମ୍ପର୍କରେ ତାଗିଦ୍ କରାଇଥିଲେ। ଅବସରପ୍ରାପ୍ତ କର୍ମଚାରୀ ପେନସନ୍ ପାଇବାରେ ବିଳମ୍ବ ହେଲେ ସମ୍ପୃକ୍ତ ପେନସନଧାରୀଙ୍କୁ ବାର୍ଷିକ ୧୮% ସୁଧ ହାରରେ ପେନସନ୍ ପ୍ରଦାନ ଏବଂ ବିଳମ୍ବ ପାଇଁ ଦୋଷୀ କର୍ମଚାରୀଙ୍କଠୁ ଏହି ଅର୍ଥ ଆଦାୟ କରିବାକୁ ରହିଥିବା ପ୍ରାବଧାନ ଏବଂ ପେନସନ୍ ସଂକ୍ରାନ୍ତ ପ୍ରକ୍ରିୟାକୁ ବ୍ୟବସ୍ଥିତ କରିବାକୁ ପରାମର୍ଶ ଦେଇଥିଲେ। ଚଳିତ ଜୁଲାଇ ମାସଠୁ ପ୍ରତିମାସର ପ୍ରଥମ ସପ୍ତାହ ସୁଦ୍ଧା ଇ-ମେଲ୍ ମାଧ୍ୟମରେ ଏକ ନିର୍ଦ୍ଧାରିତ ଫର୍ମାଟରେ କେତେ ପରିମାଣର ପେନସନ୍ ମାମଲା ପଡ଼ିରହିଛି ଓ କେତେ ସଂଖ୍ୟକ ସମାଧାନ ହୋଇଛି ଏବଂ କେତେ କର୍ମଚାରୀ ଅବସର ନେଲେ ଓ କେତେଜଣଙ୍କୁ ପେନସନ୍ ମିଳିଲା ଆଦି ସମ୍ପର୍କରେ ନିୟମିତ ତଥ୍ୟ ତାଙ୍କ ପାଖକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା ୫ଲକ୍ଷ ଟଙ୍କାକୁ ବୃଦ୍ଧି




**ଭୁବନେଶ୍ୱର :** ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର କାର୍ଯ୍ୟରତ ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟବୀମା ପରିମାଣକୁ ୨ଲକ୍ଷ ଟଙ୍କାରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଏହି ସୁବିଧା ରାଜ୍ୟର ୮୭୧୭ଜଣ ସାମ୍ବାଦିକ ଓ ତାଙ୍କ ପରିବାର ସଦସ୍ୟଙ୍କୁ ମିଳିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ସୂଚନା ଅନୁସାରେ, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ୨୦୧୮ ଜୁନ୍ ମାସରୁ କାର୍ଯ୍ୟରତ ସାମ୍ବାଦିକ ଓ ସେମାନଙ୍କ ପରିବାରକୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳୁଛି। ଏହି ରାଶିକୁ ବୃଦ୍ଧି ପାଇଁ ସାମ୍ବାଦିକମାନେ ଦୀର୍ଘଦିନ ଧରି ଦାବି କରି ଆସୁଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ସ୍ୱାସ୍ଥ୍ୟବୀମା ରାଶି ୫ଲକ୍ଷ ଟଙ୍କାକୁ ବୃଦ୍ଧି ନିମନ୍ତେ ଘୋଷଣା କରିଛନ୍ତି। ଗତ କିଛିଦିନ ତଳେ ରାଜ୍ୟ ସରକାର ଏହି ବୀମା ପାଇଁ ଏକ ସ୍ୱତନ୍ତ୍ର ୱେବପୋର୍ଟାଲ ଉନ୍ମୋଚନ କରିଥିଲେ, ଯେଉଁଥିରେ ସାମ୍ବାଦିକମାନେ ଅନଲାଇନରେ ଆବେଦନ କରିବାର ସୁଯୋଗ ରହିଛି।

## ପୁରୀ ବଳିଆପଣ୍ଡାରେ ଥିବା ଅଳିଆ ଗଦା ହଟାଇବାକୁ ଏନ୍‌ଜିଟିର ନିର୍ଦ୍ଦେଶ



**ପୁରୀ:** ପୁରୀ ବଳିଆପଣ୍ଡାରେ ଥିବା ଅଳିଆ ଗଦା ହଟାଇବାକୁ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ନିର୍ଦ୍ଦେଶ ଦେଇଛନ୍ତି। ୮ ଏକର ପରିମିତ ୫୦ ଫୁଟ ଉଚ୍ଚର ଅଳିଆ ଗଦା ହଟାଇବାକୁ ନିର୍ଦ୍ଦେଶ ରହିଛି। ଆସନ୍ତା ଦୁଇ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୫ ଡିସେମ୍ବର ୩୧ ସୁଦ୍ଧା ଏହି ଅଳିଆ ଗଦାକୁ ହଟାଇବାକୁ କହିଛନ୍ତି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ୍। ଆଇନଜୀବୀ ଚିନ୍ମୟ ଦାଶଙ୍କ ପିଟିସନ ଆଧାରରେ ଜାତୀୟ ଗ୍ରୀନଟ୍ରିବ୍ୟୁନାଲ ଏହି ନିର୍ଦ୍ଦେଶ ଦେଇଛନ୍ତି। ବଳିଆପଣ୍ଡା ଅଞ୍ଚଳକୁ ସିସିଟିଭି ସର୍ଭିଲାନ୍ସରେ ରଖିବା ସହ ଯେପରି କେହି ତା' ଭିତରେ କେହି ନ ପଶିବେ ତା' ଉକପରେ ଗୁରୁତ୍ୱ ଦେଇଛନ୍ତି। ଏହାସହ ଅଳିଆ ଆବର୍ଜନକୁ ସଫା କରି ପୁରା ଜାଗାକୁ ବାଉଣ୍ଡରି କରିବା ଏବଂ ଭୂତଳ ଜଳ ପରୀକ୍ଷଣ କରି ରିପୋର୍ଟ ଦେବାକୁ କହିଛନ୍ତି ଜାତୀୟଗ୍ରୀନ ଟ୍ରିବ୍ୟୁନାଲ୍। କିଛି ମାସ ତଳେ ଆଇନଜୀବୀ ଚିନ୍ମୟ ଦାସ ଗ୍ରୀନ୍ ଟ୍ରିବ୍ୟୁନାଲରେ ମାମଲା ଦାୟର କରିଥିଲେ। ଏହାପରେ ଟ୍ରିବ୍ୟୁନାଲରେ ପୁରୀ ପୌରସଂସ୍ଥା ପକ୍ଷରୁ ଦାଖଲ ହୋଇଥିଲା ସତ୍ୟପାଠ। ପ୍ରୋସେସିଂ ସରିବା ପରେ ଡମ୍ପିଂୟାର୍ଡକୁ ସ୍ଥାନାନ୍ତର କରାଯିବ ପୌର ଅଧିକାରୀ ସୂଚନା ଦେଇଥିଲେ।

## ବାଲେଶ୍ୱରରେ ଟ୍ରାଇର ଡ୍ରାଇଭ୍ ଟେଷ୍ଟ୍ ନିୟନ୍ତ୍ରଣରେ କଲ୍ ଡ୍ରପ୍

**ଭୁବନେଶ୍ୱର :** ଟେଲିକମ୍ ସେବାର ମାନ ଯାଞ୍ଚ କରିବା ଲାଗି ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ଓଡ଼ିଶାର ବାଲେଶ୍ୱର ସମେତ ଦେଶର ୨୦ଟି ସ୍ଥାନରେ ଡ୍ରାଇଭ୍ ଟେଷ୍ଟ୍ କରାଯାଇଥିଲା। ଚଳିତ ବର୍ଷ ଜାନୁଆରିରେ କରାଯାଇଥିବା ଏହି ପରୀକ୍ଷଣର ରିପୋର୍ଟ ଜାରି କରାଯାଇଛି। ବାଲେଶ୍ୱରରେ ସମସ୍ତ ଚାରି ଟେଲିକମ୍ କଂପାନି ଜିଓ, ଏୟାରଟେଲ୍, ବିଏସ୍ଏନ୍ଏଲ୍ ଓ ଭୋଡାଫୋନ୍ ଆଇଡିଆର କଲ୍ ଡ୍ରପ୍ ନିର୍ଧାରିତ ସୀମା ୨% ଭିତରେ ରହିଛି। ହାଇଦ୍ରାବାଦ ସ୍ଥିତ ଟ୍ରାଇ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏହି ପରୀକ୍ଷଣ କରାଯାଇଥିଲା। ସେଥିରେ ବାରିପଦା, ଜଳେଶ୍ୱର, ବାଲେଶ୍ୱର, ଭଦ୍ରକ, ସୋର, ଚନ୍ଦନେଶ୍ୱର ଓ ଚାନ୍ଦିପୁର ଆଦି ସ୍ଥାନର ବିଭିନ୍ନ ଅଞ୍ଚଳରେ ପୂର୍ବାହ୍ନ ୯ଟାରୁ ରାତି ୮ଟା ପର୍ଯ୍ୟନ୍ତ ୨୦୨୩ ଜାନୁଆରି ୨୩ରୁ ୨୫ ଓ ୨୭ରେ ଏହି ପରୀକ୍ଷା କରାଯାଇଛି। ଚାରି ଦିନ ବ୍ୟାପୀ ଚାଲିଥବା ଏହି ପରୀକ୍ଷାରେ ୪୩୦ କିଲୋମିଟର ସଡ଼କ ଓ ୬ଟି ହଟ୍‌ସ୍ପଟ୍‌କୁ ସାମିଲ କରାଯାଇଥିଲା। ଟେଲିକମ୍ ସେବାର ମାନ ଜାଣିବା ଲାଗି ପ୍ରତି କଂପାନିର ନେଟ୍‌ୱର୍କରେ ପ୍ରାୟ ୩୯୦ କଲ୍ କରାଯାଇଥିଲା। ଚାରି ଟେଲିକମ୍ କଂପାନିର ୨ଜି, ୩ଜି ଓ ଏଲ୍‌ଟିଇ ନେଟ୍‌ୱର୍କରେ ଏହି ପରୀକ୍ଷଣ ହୋଇଥିଲା। ବାଲେଶ୍ୱର ସହରର ଆଇଟିଆଇ ଛକ, ରେମୁଣା ଗୋଲେଇ, ଏଫ୍ଏମ୍ ଗୋଲେଇ, ଷ୍ଟେସନ ଛକ, ସରକାରୀ ଆଇଟିଆଇ; ବାରିପଦାର ବେତନଟୀ ଛକ, ବମ୍ବେ ଛକ, ବଡ଼ ବଜାର, ଜଗନ୍ନାଥ ମନ୍ଦିର ରାସ୍ତା; ଜଳେଶ୍ୱରର ବସ୍‌ଷ୍ଟାଣ୍ଡ, ଚନ୍ଦନେଶ୍ୱର ଓ ଦିଘା, ସୋରର ସୋର ବଜାର ଓ କୁପାରି ରାସ୍ତା ଏବଂ ଭଦ୍ରକର ପଠାଣମହଲା, ଆରଡ଼ି ରାସ୍ତା ଓ ବନ୍ତ ଛକରେ ଏହି ପରୀକ୍ଷଣ କରାଯାଇଥିଲା।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୪ - ୩୦ ଜୁଲାଇ, ୨୦୨୩

# ସୀମା ଓ ସୀମା ସୁରକ୍ଷା

ସାମ୍ପ୍ରତିକ ସମୟରେ ଦେଶରେ ସୀମା ହାଇଦରକୁ ନେଇ ଚର୍ଚ୍ଚା ଏତେ ଅଧିକ ଯେ, ଏଥିରେ ବଜାର ଦର ବୃଦ୍ଧି ଆଲୋଚନା କମ ଜଣାପଡୁଛି। ତେବେ କିଏ ଏହି ସୀମା ? ସୀମା ହାଇଦର ଜଣେ ପାକିସ୍ତାନୀ ମହିଳା ଯିଏ ପବଜି ଖେଳି ଭାରତୀୟ ନାଗରିକ ସଚିନ ମୀନାକୁ ପ୍ରେମ ଜାଲରେ ଫସାଇ ନେପାଳ ବାଟେ ଭାରତକୁ ପ୍ରବେଶ କରିଥିଲା। ପ୍ରାରମ୍ଭିକ ସମୟରେ ସୀମାର ପ୍ରେମ କାହାଣୀ ରୋଚକ ମୋଡରେ ଥିଲା ବେଳେ ଧୀରେ ଧୀରେ ସୀମା ଏଠାକୁ ଗୁଇନ୍ଦାଗିରି କରିବା ପାଇଁ ଆସିଥିବା ଜଣାପଡିଲା। ଆରମ୍ଭରୁ ସୀମାକୁ ନେଇ ପୋଲିସ ଛାନଭିନ ବେଳେ ସୀମା-ସଚିନଙ୍କୁ ନେଇ ଅଧିକ ତଥ୍ୟ ମିଳିପାରିନଥିବା ବେଳେ ଏବେ ଉତ୍ତରପ୍ରଦେଶ ଏଟିଏସ ଦ୍ୱାରା ତଦନ୍ତ ଚାଲିଛି। ମାତ୍ର ପଞ୍ଚମ ଶ୍ରେଣୀ ଯାଏ ପାଠ ପଢିଥିବା ଜଣେ ପାକିସ୍ତାନୀ ମହିଳା ନିଜ ଶିଶୁପୁତ୍ରଙ୍କୁ ନେଇ କିଭଳି ଭାରତକୁ ପ୍ରବେଶ କଲା ତାହାକୁ ନେଇ ସନ୍ଦେହ ବଢୁଛି। ବେଆଇନ ଭାବେ ନିଜର ଚାରିପୁଅକୁ ଧରି ସୀମା ଭାରତରେ ପହଞ୍ଚିବା ଯେତିକି ଚାଞ୍ଚଲ୍ୟ ସୃଷ୍ଟି କରିଛି ତାହା କୌଣସି ଚଳଚ୍ଚିତ୍ର କାହାଣୀ ଠାରୁ କମ ନୁହଁ। କାହିଁକି ନା ଜଣେ ଚାରୋଟି ସନ୍ତାନର ଜନନୀ ପାକିସ୍ତାନ ଛାଡି ଭାରତ ଆସିଲା କାହିଁକି। ତଥ୍ୟ ମୁତାବକ ସୀମାର ସ୍ୱାମୀ ସାଉଦିରେ ରହି କାମ କରୁଛନ୍ତି ଏବଂ ସିଏ ମାସକୁ ମାସ ସୀମା ଓ ପିଲାଏ ଚଳିବା ପାଇଁ ସତୁରୀରୁ ଅଶୀ ହଜାର ପାକିସ୍ତାନୀ ଟଙ୍କା ପଠାଉଥିଲେ। ଯେଉଁଥିରେ ଘର ଚଳିବା ସହ ପିଲାଙ୍କ ପାଠପଢା ଖର୍ଚ୍ଚ ପରେ ମାସକୁ କୋଡିଏରୁ ତିରିଶ ହଜାର ଟଙ୍କା ବଳୁଥିଲା। ସେହି ବଳକା ଟଙ୍କାରେ ସୀମା ପାକିସ୍ତାନରେ ବାର ଲକ୍ଷ ଟଙ୍କା ଦେଇ ଏକ ଘର ମଧ୍ୟ କିଣିଥିଲା। ହେଲେ ସ୍ୱାମୀର ସମ୍ପର୍କରେ କଣ ଏଭଳି ଅସୁବିଧା ହେଲା ଯେ ସୀମା ନିଜ ଦେଶ ଛାଡି ପରଦେଶର ପରପୁରୁଷକୁ ଭଲପାଇ ବସିଲା। ବର୍ତ୍ତମାନ ୟୁପି ଏଟିଏସ ସୀମା ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ଜଣାପଡିଛି। ଏଥିରେ ସୀମା କେତେଟା ମୋବାଇଲ ଫୋନ ବ୍ୟବହାର କରୁଥିଲା ବା କରୁଛି ଓ ତାହା କେଉଁ ଦେଶରୁ କିଣାଯାଇଥିଲା, ଏଥିରେ କେଉଁ ଦେଶର ସିମ୍ ବ୍ୟବହାର ହୋଇଥିଲା ତାହା ମଧ୍ୟ ତଦନ୍ତ ପରିସରଭୁକ୍ତ ରହିଛି। ସୋସିଆଲ ମିଡିଆରୁ ସୀମା ବିଷୟରେ ଅନେକ କଥା ସାମ୍ନାକୁ ଆସୁଛି। ଯାହା ଦେଖିବାକୁ ମିଳୁଛି ସୀମା କେତେବେଳେ ପାକିସ୍ତାନୀ ଆର୍ମି ପୋଷାକରେ ରହିଛି ତ ଆଉ କେତେବେଳେ ସାମାଜିକ କାର୍ଯ୍ୟକ୍ରମରେ ଭଲ ନୃତ୍ୟ ପରିବେଷଣ କରୁଛି। ସୋସିଆଲ ମିଡିଆରେ ସୀମା ସମ୍ପର୍କିତ ଅନେକ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। କେତେବେଳେ ଆତଙ୍କବାଦୀ ଭଳି ବ୍ୟକ୍ତିଙ୍କ ସାଙ୍ଗରେ କଥା ହେଉଛି, ଯେଉଁଥିରେ ଭାରତ ବିରୋଧୀ ଷଡଯନ୍ତ୍ର ସାମିଲ ରହିଛି। ସୀମା ନିକଟରୁ ମିଳିଥିବା ତଥ୍ୟ ଅତି ଗୁରୁତ୍ୱପୂର୍ଣ୍ଣ। କାରଣ ସୀମା ଟାର୍ଗେଟରେ ଭାରତର ସାଧାରଣ ନାଗରିକ ନଥିଲେ, ଥିଲେ ଭାରତୀୟ ସେନାର ବଡ଼ ବଡ଼ ବ୍ରିଗେଡ଼ିଅର ଓ କର୍ଣ୍ଣେଲ। ପଚାଶ ଦିନରୁ ଅଧିକ ଭାରତରେ ରହି ସୀମା ପାକ ସେନାକୁ କି କି ତଥ୍ୟ ଦେଇଛି ତାହାର ଖିଅ ଖୋଜୁଛି ୟୁପି ଏଟିଏସ। ସୂଚନା ଅନୁସାରେ ଏଟିଏସ ଏବେ ସୀମାର ଜନ୍ମକୁଣ୍ଡଳୀ ପାଇଯାଇଛି। ହେଲେ ସୀମା ହାଇଦର ଏକ ସତ ନାଁ ନୁହଁ ବୋଲି ତଥ୍ୟ ସାମ୍ନାକୁ ଆସିଛି। ସୀମାର ଅସଲ ନାମ ସାମିୟା ରେହେମନ। ୟୁପି ଏଟିଏସ ସୀମାକୁ ୧୮ ଘଣ୍ଟା ଜେରା କରିସାରିଛି। ବର୍ତ୍ତମାନ ଯେଉଁ ନୂଆ ତଥ୍ୟ ସାମ୍ନାକୁ ଆସୁଛି ତାହା ହେଲା ସୀମାର ପ୍ରେମ ନାଟକ। ଏହା ଯଦି ସତ୍ୟ ହୋଇଥାଏ ତାହାହେଲେ ସୀମା ଅତି ଚତୁର ମହିଳା ନିଶ୍ଚୟ। ସୀମା ପାକିସ୍ତାନରେ ନିୟମିତ ଯେଉଁ ମୋବାଇଲ ଦୋକାନରେ ଫୋନ ରିଚାର୍ଜ କରେ ସେ ଦୋକାନର ନାଁ ହେଉଛି ଅର୍ଶଦ କମ୍ୟୁନିକେସନ। ଦୋକାନୀଙ୍କ କହିବା କଥା ହେଉଛି ସୀମା ତାଙ୍କ ଦୋକାନକୁ ଆସିଲା ବେଳେ ତା ସହ ଆଉଜଣେ ମହିଳା ଆସିଥାନ୍ତି। ଯିଏକି ସର୍ବଦା ମୁହଁ ଢାଙ୍କି ଆସନ୍ତି। ଉକ୍ତ ମହିଳାଙ୍କ କହିବା କଥା, ସିଏ ହେଉଛନ୍ତି ସୀମାର ପିଲାଦିନ ସାଙ୍ଗ। ହେଲେ ସୀମା ପ୍ରେମରେ ଡିଗ୍ରୀ କରିଥିବା ଓ ପାକିସ୍ତାନରେ ତାର ଅନେକ ପ୍ରେମିକ ଥିବା କଥା ସେ କହିଛନ୍ତି। ପବଜି ଜରିଆରେ ସେ ନୂଆ ନୂଆ ପୁରୁଷବନ୍ଧୁ ଖୋଜିବାରେ ମାହିର। ତେଣୁ ସୀମା କେତେବେଳେ କାହାକୁ ତାର ପ୍ରେମ ଜାଲରେ ଫସାଏ ତାହା ବୁଝିବା ମୁସ୍କିଲ। ତେଣୁ ସୀମା ଯେ ଏଥିରେ ସଚିନକୁ ଫସାଇବା କେତେ ସହଜ ହୋଇନଥିବ। ସୀମା ସମ୍ପର୍କରେ ଅନେକ ରୋଚକ ତଥ୍ୟ ସାମ୍ନାକୁ ଆସୁଥିଲା ବେଳେ ୟୁପି ଏଟିଏସ ସନ୍ଦେହ ପ୍ରକଟ କରୁଛି ଯେ, ସୀମା ପାକିସ୍ତାନର ଆଇଏସଆଇ ଲିଙ୍କରେ ଥାଇପାରେ। ତେଣୁ ପାକିସ୍ତାନ ଆର୍ମି ସୀମାକୁ ଆଇଏସଆଇ ସହଯୋଗରେ ଭାରତ ପଠାଇଥିବା ନେଇ ସନ୍ଦେହ ଉପୁଜୁଛି। ପ୍ରେମ ନା ଗୁଇନ୍ଦାଗିରି କରିବାକୁ ସୀମା ସଚିନ ସହଯୋଗରେ ଭାରତ ଆସିଥାଇପାରେ ବୋଲି ମଧ୍ୟ ଆଶଙ୍କା କରାଯାଉଛି। ନେପାଳ ରାସ୍ତାରେ ସୀମା କିଭଳି ଭାରତରେ ପ୍ରବେଶ କଲା ୟୁପି ଏଟିଏସ ଏହାର ଖୋଳତାଡ଼ ଆରମ୍ଭ କରିଛି। ନେପାଳରୁ କେଉଁ ମାର୍ଗ ଦେଇ ଏବଂ କେଉଁ ବସ ଦ୍ୱାରା ସୀମା ଭାରତ ମାଟିରେ ପାଦ ଦେଲା ଓ ଏହାର ସୁରକ୍ଷା ଯାଞ୍ଚ ସମ୍ପର୍କରେ ତଦନ୍ତ ଚାଲିଛି। ୟୁପି ଏଟିଏସ ଯେବେଠାରୁ ସୀମାକୁ ଜେରା କରିବା ଆରମ୍ଭ କରିଛି, ସେବେଠାରୁ ପାକିସ୍ତାନରେ ଭୟର ବାତାବରଣ ଦେଖାଦେଇଛି। ପାକ ସରକାର ଏବେ ଭାରତର ଗୃହ ମନ୍ତ୍ରାଳୟକୁ ଚିଠି ଲେଖିଛି, ସୀମା ସହ ଭାରତରେ ଥିବା ପାକିସ୍ତାନ ଏମ୍ବାସି ପକ୍ଷରୁ ପଚରାଉଚୁରା କରାଯିବାକୁ ଅନୁମତି ଦେବାପାଇଁ। ଏଥିପାଇଁ ଜଣେ କାଉନସିଲର ନିଯୁକ୍ତି ବିଷୟ ମଧ୍ୟ ପାକିସ୍ତାନ ସରକାର ଅନୁମତି ଲୋଡିଛନ୍ତି। ନେପାଳର ପୋଖରା ଦେଇ ନଏଡା ପହଞ୍ଚିବା ପର୍ଯ୍ୟନ୍ତ ଯାହା ଯାହା ଘଟିଛି ତାର ଯାଞ୍ଚ ଚାଲିଛି। ସୂତ୍ର ମୁତାବକ ଏପର୍ଯ୍ୟନ୍ତ ସୀମା କହିଥିବା କଥା, ଯଥା : ନେପାଳରେ ରହିଥିବା ହୋଟେଲ, ସଚିନ ସହ ବିବାହ କରିଥିବା ମନ୍ଦିର ସମ୍ପର୍କିତ ସବୁ କଥା ମିଛ। କେଉଁ ଟ୍ରାଭଲ ଏଜେନ୍ସି ସୀମାକୁ ନଏଡା ପର୍ଯ୍ୟନ୍ତ ପହଞ୍ଚାଇବାର ଦାୟିତ୍ୱ ନେଇଥିଲା ତାହା ଏବେ ତଦନ୍ତ ପରିସରଭୁକ୍ତ ହୋଇଛି। ସୀମାକୁ ନେଇ ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ବେଳେ ଏଟିଏସ ଆଗରେ ସୀମା ଆଇଏସଆଇ ଲିଙ୍କ କଥା ସ୍ୱୀକାର କରୁନଥିବା ଜଣାପଡିଛି। ତେବେ ସୀମା ହାଇଦର ପାକ ଆର୍ମିରେ ଥିବା ନେଇ ଅନେକ ତଥ୍ୟ ସୋସିଆଲ ମିଡିଆରେ ଘୁରିବୁଲୁଛି। ଦିନକୁ ଦିନ ସୀମାର କେତେ ରଙ୍ଗ, କେତେରୂପ ଯାହାକୁ ନେଇ ସନ୍ଦେହ ବଢୁଛି। ସୀମା ନିକଟରୁ ଦୁଇଟି ପାକିସ୍ତାନ ପାସପୋର୍ଟ ମିଳିଥିଲାବେଳେ ତିନୋଟି ଆଧାର କାର୍ଡ ମଧ୍ୟ ମିଳିଛି। ପାକିସ୍ତାନୀ ପାସପୋର୍ଟରେ ଥିବା ଦୁଇଟିରେ ଭିନ୍ନ ଭିନ୍ନ ଜନ୍ମ ତାରିଖ ରହିଛି। ଏଜେଣ୍ଟଙ୍କ ଜରିଆରେ ସୀମା ଆଧାର କାର୍ଡ ମଧ୍ୟ ହାତେଇଛି। ୟୁପି ଏଟିଏସ୍‌ର ତଦନ୍ତ ଯେତେଯେତେ ଆଗକୁ ଯାଉଛି ସୀମା ସମ୍ପର୍କରେ ସେତେସେତେ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ସୀମା ଏଟିଏସ୍‌କୁ ଦେଇଥିବା ବୟାନ ଏଯାଏ ବିଶ୍ୱାସଯୋଗ୍ୟ ହୋଇପାରିନାହିଁ। ହେଲେ ସୀମା କହୁଛି ମୁଁ ଖାଣ୍ଟି ହିନ୍ଦୁସ୍ତାନୀ। ପାକିସ୍ତାନ ଯିବାର ପ୍ରଶ୍ନ ଉଠୁନି। କାରଣ ସେଠାରେ ମୋ ଜୀବନ ପ୍ରତି ବିପଦ ରହିଛି। ହେଲେ ପ୍ରଶ୍ନ ଉଠୁଛି ନେପାଳ ଦେଇ ଭାରତକୁ କିଭଳି ପ୍ରବେଶ କଲା ସୀମା ହାଇଦର। ସୀମା ସୁରକ୍ଷାକୁ ନେଇ ଏହା ଏକ ପ୍ରଶ୍ନବାଚୀ ନୁହେଁ କି ?



ସମ୍ପାଦକୀୟ
ତାରକ ମହାନ୍ତି

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଚନ୍ଦ୍ରଯାନ -୩ ର ସଫଳତା ଉପରେ ବିଶ୍ୱର ନଜର



ଅସିତ ମହାନ୍ତି

ଆମେରିକା ଏବଂ ସୋଭିଏତ ଋଷର ମହାକାଶ ପ୍ରଯୁକ୍ତିର ବିକାଶ ଦ୍ୱାରା ଜଣେ ଭାରତୀୟ ବୈଜ୍ଞାନିକ ଡକ୍ଟର ବିକ୍ରମ ସାରାଭାଇ ବହୁତ ଅନୁପ୍ରାଣିତ ହୋଇଥିଲେ। ବିଶେଷକରି ଯେତେବେଳେ ୧୯୫୭ ମସିହାରେ ସ୍ପୁଟନିକ୍‌କୁ ମହାକାଶରେ ଲଞ୍ଚ କରାଯାଇଥିଲା, ସେ ଅନୁଭବ କଲେ ଯେ ଦେଶର ବିକାଶ ପାଇଁ ମହାକାଶ ବିକାଶ କେତେ ଗୁରୁତ୍ୱପୂର୍ଣ୍ଣ। ଏହା ସେହି ସମୟ ଥିଲା, ଯେତେବେଳେ ମହାକାଶ କାର୍ଯ୍ୟକ୍ରମରେ ଆମେରିକା ଏବଂ ସୋଭିଏତ ଋଷ ମଧ୍ୟରେ ଜବରଦସ୍ତ ପ୍ରତିଦ୍ୱନ୍ଦ୍ୱ ଚାଲିଥିଲା। ୧୯୬୨ ସୁଦ୍ଧା ସେ ଜବାହରଲାଲ ନେହେରୁଙ୍କୁ କହିଥିଲେ ଯେ ଭାରତର ନିଜସ୍ୱ ମହାକାଶ କାର୍ଯ୍ୟକ୍ରମ ରହିବା ଉଚିତ। ବାସ୍ତବରେ ଏହା ଇସ୍ରୋର ଜନ୍ମ ଥିଲା। ପ୍ରାରମ୍ଭରେ ଇସ୍ରୋରର ନାମ, INCOSPAR ((Indian National Committee for Space Research) ଥିଲା । ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏହାକୁ ପରମାଣୁ ଶକ୍ତି ବିଭାଗ ଅଧୀନରେ ସ୍ଥାପନ କରିଥିଲେ ଏବଂ ବିକ୍ରମ ସାରାଭାଇଙ୍କୁ ଏହାର ଚେୟାରମ୍ୟାନ ଭାବେ ନିଯୁକ୍ତ କରିଥିଲେ। ଏହାହିଁ ହେଉଛି କାରଣ ବିକ୍ରମ ସାରାଭାଇଙ୍କୁ ଭାରତୀୟ ମହାକାଶ କାର୍ଯ୍ୟକ୍ରମର ପିତା ବୋଲି ବିବେଚନା କରାଯାଏ। ୧୯୫୦ ଦଶକରେ ଭାରତକୁ ମହାକାଶ କାର୍ଯ୍ୟକ୍ରମରେ ବିଶ୍ୱ ଅଗ୍ରଣୀ କରାଇବା ବିକ୍ରମ ସାରାଭାଇଙ୍କର ସ୍ୱପ୍ନ ଥିଲା। ସେହି ସ୍ୱପ୍ନକୁ ସାକାର କରିବା ପାଇଁ ଭାରତର ନିଜସ୍ୱ ମହାକାଶ ସଂଗଠନ ଆବଶ୍ୟକ ଥିଲା - ଯାହା ସରକାରଙ୍କ ପାଇଁ ପ୍ରାଥମିକତା ନଥିଲା। କାରଣ ସେହି ସମୟରେ ଦେଶରେ ଦୁର୍ଭିକ୍ଷ, ଦାରିଦ୍ରତା ଏବଂ ଶତ୍ରୁ ଭଳି ଗମ୍ଭୀର ସମସ୍ୟା ଥିଲା। ଆମର ସଫଳତା ଉପରେ ଆନ୍ତର୍ଜାତୀୟ ସମ୍ପ୍ରଦାୟ ସନ୍ଦେହ କରୁଥିଲେ। ସମସ୍ତ ଅସୁବିଧା ସତ୍ତ୍ୱେ ବିକ୍ରମ ସାରାଭାଇ ଦକ୍ଷିଣ କେରଳରେ ବୈଜ୍ଞାନିକ ଦଳ ଏବଂ ଏକ ରକେଟ୍ ଉତକ୍ଷେପଣ ଷ୍ଟେସନ୍ ଗଠନ ଜାରି ରଖିଥିଲେ। କେରଳର ଛୋଟ ସହର ଥୁମ୍ବା- ଭାରତ ୧୯୬୩ରେ ପ୍ରଥମ ରକେଟ୍ ଉତକ୍ଷେପଣ କରିଥିଲା ଏବଂ ଏହା ଆମର ମହାକାଶ ଅନୁସନ୍ଧାନ ଯାତ୍ରା ଆରମ୍ଭ କରିଥିଲା। ୧୯୮୦ରେ ଭାରତ ସଫଳତାର ସହିତ ନିଜର ଉପଗ୍ରହ ଉତକ୍ଷେପଣ ଯାନ ତିଆରି କଲା। ଉପଗ୍ରହ ରୋହିଣୀକୁ କକ୍ଷପଥକୁ ପଠାଇବା ପାଇଁ ପ୍ରଥମ ଉପଗ୍ରହ ଲଞ୍ଚ ଯାନ, ଏସ୍‌ଏଲ୍‌ଭି-୩ ବ୍ୟବହୃତ ହୋଇଥିଲା। ତା'ପରେ ଏଏସ୍‌ଏଲ୍‌ଭି, ପିଏସ୍‌ଏଲ୍‌ଭି, ଜିଏସ୍‌ଏଲ୍‌ଭି। ନାସାର ସହାୟତା ନେଇ ଭାରତ ଇନ୍‌ସାଟ୍ ମହାକାଶରେ ସ୍ଥାପିତ କଲା। ଇସ୍ରୋ ଯେତେବେଳେ ନିଜସ୍ୱ ସ୍ପେସ୍ ଏଜେନ୍ସି ଚନ୍ଦ୍ରଯାନ -୧ ଲଞ୍ଚ କଲା, ସେତେବେଳେ ପୁରା ବିଶ୍ୱ ଦେଖି ଆଶ୍ଚର୍ଯ୍ୟ ହୋଇଗଲା ଯାହା ଏକଦା ସାଇକେଲରେ ରକେଟ୍ ପାର୍ଟ୍ସ ପରିବହନ କରୁଥିଲା, ବର୍ତ୍ତମାନ ଚନ୍ଦ୍ର ପାଇଁ ଲକ୍ଷ୍ୟ ରଖିଛି। ଏହି ସଫଳତା ପରେ ମଙ୍ଗଳ ଗ୍ରହକୁ ଏକ ମିଶନ ଯୋଜନା କରାଯାଇଥିଲା ଏବଂ ଚନ୍ଦ୍ରଯାନ -୨। ତା'ପରେ ଏକ ରକେଟରେ ଅଧିକାଂଶ ଉପଗ୍ରହ ଉତକ୍ଷେପଣ କରିବାକୁ ଏକ ବିଶ୍ୱ ରେକର୍ଡ ସ୍ଥିର ହୋଇଥିଲା ଯାହାକି ୪ ବର୍ଷ ପର୍ଯ୍ୟନ୍ତ ଅବିଭକ୍ତ ରହିଥିଲା। ୧୯୮୦ରେ ଭାରତ ସଫଳତାର ସହିତ ନିଜର ଉପଗ୍ରହ ଉତକ୍ଷେପଣ ଯାନ ତିଆରି କଲା। ଉପଗ୍ରହ ରୋହିନୀକୁ କକ୍ଷପଥକୁ ପଠାଇବା ପାଇଁ ପ୍ରଥମ ସାଟେଲାଇଟ୍ ଲଞ୍ଚ ଯାନ, ଏସ୍‌ଏଲ୍‌ଭି-୩ ବ୍ୟବହୃତ ହୋଇଥିଲା। ତା'ପରେ ଏଏସ୍‌ଏଲଭି, ପିଏସ୍‌ଏଲ୍‌ଭି, ଜିଏସ୍‌ଏଲ୍‌ଭି। ଇସ୍ରୋ ୫ ବର୍ଷରେ ୧୯ ଟି ଦେଶରୁ ୧୭୭ ଟି ବିଦେଶୀ ଉପଗ୍ରହ ଉତକ୍ଷେପଣ କରିଛି ଏବଂ ଏକ ବିଶ୍ୱସ୍ତ ଅଂଶୀଦାର ହୋଇପାରିଛି। ୧୪ ଜୁଲାଇ, ୨୦୨୩ରେ ଇସ୍ରୋ ସଫଳତାର ସହିତ ଚନ୍ଦ୍ରଯାନ -୩ ଲଞ୍ଚ କଲା। କୋଟି କୋଟି ଜନତା ଏହି ଘଟଣାକୁ ଟିଭି ଏବଂ ୟୁ-ଟ୍ୟୁବରେ ଲାଇଭ୍ ଦେଖିଲେ। ଗୋଟିଏ ପଟେ ଇସ୍ରୋ ନୂତନ ମାଇଲଖୁଣ୍ଟ ସ୍ଥାପନ କରୁଥିବାବେଳେ ଅନ୍ୟ ପଟେ- କମ୍ ପାଣ୍ଠି ସହିତ ଭାରତର ବୈଜ୍ଞାନିକ ପ୍ରତିଷ୍ଠା ହ୍ରାସ ପାଉଛି। ପ୍ରତିବନ୍ଧକ ସତ୍ତ୍ୱେ କ୍ରାୟୋଜେନିକ ଇଞ୍ଜିନ୍ ଟେକ୍ନୋଲୋଜିରେ କାମ କରୁଛି। ଡିଆରଡିଓ ଡ୍ରୋନ୍ ଆଣ୍ଟି-ଏୟାରକ୍ରାଫ୍ଟ କ୍ଷେପଣାସ୍ତ୍ର କିମ୍ବା ଯୁଦ୍ଧ ବିମାନ ଇଞ୍ଜିନ ଯୋଗାଇବାରେ ଅସମର୍ଥ ତେଣୁ ଆମେ ବିପୁଳ ପରିମାଣର ଟଙ୍କା ଦେଇ ଏହାକୁ ବାହାରୁ କିଣୁ। ବିଦ୍ୟାଳୟଗୁଡ଼ିକରୁ ବୈଜ୍ଞାନିକ ସ୍ୱଭାବ ମଧ୍ୟ କ୍ଷୟ ହେଉଛି। ଚନ୍ଦ୍ରାୟନ-୩ ସହିତ ଇସ୍ରୋରର ଚମତ୍କାର ସଫଳତା ଆମକୁ ବୈଜ୍ଞାନିକ ଯୁକ୍ତି ଏବଂ କୌତୂହଳ ଆଡକୁ ନେଇପାରିବ କି? ବୈଜ୍ଞାନିକ ଚିନ୍ତାଧାରାର ବୃଦ୍ଧି ସହିତ ଆମେ କଣ ଆମର ବୈଜ୍ଞାନିକ ସ୍ୱଭାବ ହାସଲ କରିପାରିବା, ଆମେ କେବଳ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳତା ହ୍ରାସ କରୁନାହୁଁ ବରଂ ଏକ ସମୟରେ ଏକ ମୋଟା ଟଙ୍କା ମଧ୍ୟ ସଞ୍ଚୟ କରୁ। ବିଦେଶର ବୈଜ୍ଞାନିକମାନେ ସେମାନଙ୍କର ନିଦ ହରାଇଛନ୍ତି ଯେ ଇସ୍ରୋ କିପରି ଆର୍ଥିକ ଦୃଷ୍ଟିରୁ ଏତେ ସକ୍ଷମ ନହେବା ପରେ ମଧ୍ୟ ମହାକାଶ ମିଶନ କରିବାରେ ସକ୍ଷମ ହେଉଛି? ମଙ୍ଗଳ ଗ୍ରହରେ ନାସାର ମିଶନ ମୂଲ୍ୟ ୬୭୧ ନିୟୁତ ଡଲାର ଥିଲା ଯେଉଁଠାରେ ଭାରତର ମଙ୍ଗଳ ଯାନର ମୂଲ୍ୟ ମାତ୍ର ୭୪ ମିଲିୟନ ଡ଼ଲାର ଥିଲା। ଚନ୍ଦ୍ରଯାନ -୩, ଚନ୍ଦ୍ରରେ ଏକ ରୋଭର ଅବତରଣ କରିବ ଏବଂ ଏହାର ମୂଲ୍ୟ ୬୫୦ କୋଟି ଟଙ୍କା ହେବ ଯାହା ଫିଲ୍ମ 'ଆଦିପୁରୁଷ' ର ବଜେଟର ନିକଟତର। ଯଦି ଇସ୍ରୋ କମ୍ ମୂଲ୍ୟରେ ସଫଳତା ହାସଲ କରିବ, ଏଥିରେ ଅନ୍ୟ ଦେଶର ବୈଜ୍ଞାନିକମାନେ ଏହା ବିଷୟରେ ଚିନ୍ତା କରିବା ଉଚିତ୍ । ଚନ୍ଦ୍ରଯାନ -୩ ର ମିଶନ ହେଉଛି ଚନ୍ଦ୍ର ପୃଷ୍ଠରେ ନରମ ଅବତରଣ(ସଫ୍ଟ ଲ୍ୟାଣ୍ଡିଙ୍ଗ)। ଏହି ଯାତ୍ରା ଚନ୍ଦ୍ରଯାନ-୧ ରୁ ଆରମ୍ଭ ହୋଇଥିଲା। ଏହା କଠିନ ପରିଶ୍ରମର ଫଳାଫଳ। ଚନ୍ଦ୍ରଯାନ -୧ ୨୦୦୮ରେ ଆରମ୍ଭ କରାଯାଇଥିଲା ଏହାର ଉଦ୍ଦେଶ୍ୟ ଥିଲା ଖଣିଜ ପଦାର୍ଥ ଏବଂ ରାସାୟନିକ ପଦାର୍ଥ ପାଇଁ ଚନ୍ଦ୍ର ପୃଷ୍ଠକୁ ସର୍ଭେ କରିବା। ରାସାୟନିକ ରଚନା ଅଧ୍ୟୟନ ଏବଂ ଚନ୍ଦ୍ରର ନିକଟ ଏବଂ ଦୂର ପାର୍ଶ୍ୱରେ ୩ଡ ଟପୋଗ୍ରାଫି ନେବା। ବୈଷୟିକ ସମସ୍ୟା ହେତୁ ମିଶନ୍ ୨ ବର୍ଷ ପାଇଁ ନିଷ୍କ୍ରିୟ ଥିଲା ପରବର୍ତ୍ତୀ ବର୍ଷରେ ଏହା କାର୍ଯ୍ୟ କଲା ଏବଂ ଏହାର ୯୫% ଲକ୍ଷ୍ୟ ପୂରଣ କଲା। ଚନ୍ଦ୍ରଜାନ-୧ ଚନ୍ଦ୍ରର ଦକ୍ଷିଣ ପୋଲ ଉପରେ ଏକ ଇମ୍ପାକ୍ଟର ଯାଞ୍ଚକୁ ଜାଣିଶୁଣି ଦୁର୍ଘଟଣାଗ୍ରସ୍ତ କଲା। ଇମ୍ପାକ୍ଟର ଅନୁସନ୍ଧାନ ଦୁର୍ଘଟଣାରେ ତଥ୍ୟ ସଂଗ୍ରହ କରିଥିଲା ଏବଂ ଚନ୍ଦ୍ର ପୃଷ୍ଠରେ ବରଫ ଆକାରରେ ଜଳ ଆବିଷ୍କାର କରିଥିଲା। ପରବର୍ତ୍ତୀ ମିଶନ ଥିଲା ଚନ୍ଦ୍ରାୟଣ-୨ ଯାହାର ଲକ୍ଷ୍ୟ ଚନ୍ଦ୍ରରେ ନରମ ଅବତରଣ ଏବଂ ଭୂପୃଷ୍ଠରେ ଚନ୍ଦ୍ରଯାନ -୧ର ଫଳାଫଳ ଅଧ୍ୟୟନ କରିବା। କିନ୍ତୁ ଚନ୍ଦ୍ରରେ ନରମ ଅବତରଣ କରିବା ଏକ ସହଜ କାର୍ଯ୍ୟ ନୁହେଁ। ଚନ୍ଦ୍ରଯାନ-୨ (୨୦୧୯)ର ଶୁଭାରମ୍ଭ ଏକ ସଫଳତା ଥିଲା କିନ୍ତୁ ଅବତରଣ କରିବା ବୈଜ୍ଞାନିକ ମାନଙ୍କୁ ନିରାସ କରିଥିଲା। ୧.୫ ମାସର ଯାତ୍ରା ପରେ ଚନ୍ଦ୍ରଯାନ -୨ର ବିକ୍ରମ ଲ୍ୟାଣ୍ଡର୍ ଚନ୍ଦ୍ର ପୃଷ୍ଠରେ ପହଞ୍ଚିବା ପରେ ଏହାର ପ୍ରାରମ୍ଭିକ ଗତି ହ୍ରାସ କରିପାରିଲା ନାହିଁ। ଯେହେତୁ ଏହା ଚନ୍ଦ୍ର ପୃଷ୍ଠକୁ ଯାଇ ସେଟ୍ ଟ୍ରାଜେକ୍ଟୋରୀରୁ ବିଚ୍ଛିନ୍ନ ହୋଇଯାଇଥିଲା। ଇସ୍ରୋ ସହିତ ଏକ ସଫ୍ଟୱେର୍ ଗ୍ଲିଚ୍ ଯୋଗାଯୋଗ ହେତୁ ଟଚ୍ ଡାଉନ୍ ଏବଂ ଲ୍ୟାଣ୍ଡର କ୍ରାସ୍ ହେବା ପୂର୍ବରୁ ଲ୍ୟାଣ୍ଡର କ୍ରାଶ ହୋଇଯାଇଥିଲା। କିନ୍ତୁ ଇସ୍ରୋ ସେହି ବିଫଳତା ପରେ ହାର ମାନିନଥିଲା। ବିଫଳତାର କାରଣ ଜାଣିବା ପାଇଁ ଏକ କମିଟି ଗଠନ କରାଯାଇଥିଲା ଏବଂ କିଛି ପରିବର୍ତ୍ତନ ବର୍ତ୍ତମାନ ଚନ୍ଦ୍ରଯାନ-୩ରେ କରାଯାଇଛି ଯାହା ଲଞ୍ଚ ଏବଂ ଅବତରଣ ଉଭୟକୁ ସଫଳ କରିବ। ବର୍ତ୍ତମାନର ଇସ୍ରୋର ଅଧକ୍ଷ ଏସ ସୋମନାଥ କହିଛନ୍ତି ଯେ ଚନ୍ଦ୍ରଯାନ-୨ ସଫଳତା ଭିତ୍ତିକ ଡିଜାଇନ୍ ପଦ୍ଧତି ଗ୍ରହଣ କରିଥିବାବେଳେ ଚନ୍ଦ୍ରଯାନ-୩ରେ ବିଫଳତା ଭିତ୍ତିକ ଡିଜାଇନ୍ ରହିଛି। ବିଫଳତାର କାରଣ ହୋଇପାରେ ଯେକୌଣସି ଜିନିଷକୁ ଦୁଇଥର ଯାଞ୍ଚ କରାଯାଇ ସଂଶୋଧନ କରାଯାଇଛି। ଅନେକ ଅପଗ୍ରେଡ୍ ଏବଂ ସୁରକ୍ଷା ବୈଶିଷ୍ଟ୍ୟ ସଂସ୍ଥାପିତ ହେବା ପରେ ୧୪ ଜୁଲାଇରେ ଚନ୍ଦ୍ରାୟଣ-୩ ସଫଳତାର ସହିତ ଆରମ୍ଭ ହୋଇଥିଲା। ଏହାର ପୂର୍ବବର୍ତ୍ତୀ ଚନ୍ଦ୍ରଯାନ -୩ ପରି ଇସ୍ରୋର ସବୁଠାରୁ ଶକ୍ତିଶାଳୀ ରକେଟ୍-ଜିଏସ୍‌ଏଲ୍‌ଭି୩ କିମ୍ବା ଏଲ୍‌ଭିଏମ୍୩ରେ ମଧ୍ୟ ଲଞ୍ଚ କରାଯାଇଥିଲା। ଚନ୍ଦ୍ରଯାନ -୩ର ୩ଟି ମିଶନ ଅଛି। ସଫ୍ଟ ଅବତରଣ ଏବଂ ରୋଭର ନିୟୋଜନ। ରୋଭର ଚନ୍ଦ୍ର ପୃଷ୍ଠକୁ ଅଧ୍ୟୟନ କରିବ, ନମୁନା ସଂଗ୍ରହ କରିବ ଏବଂ ପୃଥିବୀକୁ ପଠାଇବ। ମହାକାଶଯାନ ୧୦୦ କିଲୋମିଟର ଚନ୍ଦ୍ର କକ୍ଷପଥରେ ନହେବା ପର୍ଯ୍ୟନ୍ତ ପ୍ରପୁଲସନ୍ ମଡ୍ୟୁଲ୍ ଲ୍ୟାଣ୍ଡର ଏବଂ ରୋଭର ବିନ୍ୟାସ ବହନ କରିବ। ପ୍ରପୁଲସନ୍ ମଡ୍ୟୁଲ୍ ଏକ ରିଲେ ଉପଗ୍ରହ ପରି କାର୍ଯ୍ୟ କରିବ କାରଣ ଅବତରଣ ଚନ୍ଦ୍ରର ଦକ୍ଷିଣ ପାର୍ଶ୍ୱରେ ଅଛି ଯେଉଁଠାରୁ ପ୍ରତ୍ୟକ୍ଷ ଯୋଗାଯୋଗ ସମ୍ଭବ ନୁହେଁ। ଅଗଷ୍ଟରେ ବିକ୍ରମ ଲ୍ୟାଣ୍ଡର ସ୍ପର୍ଶ କରିବ ଏବଂ ପ୍ରଜ୍ଞାନ ରୋଭର ନିୟୋଜିତ ହେବ, ଯଦି ସବୁ ଠିକ୍ ହୁଏ ତେବେ ଭାରତ ପୁଣି ଚନ୍ଦ୍ରର ଦକ୍ଷିଣ ପାର୍ଶ୍ୱରେ ନରମ ଭୂମିରେ ପ୍ରଥମ ଦେଶ ଭାବରେ ଏକ ଚିହ୍ନ ସୃଷ୍ଟି କରିବ। ପ୍ରଥମ ପ୍ରୟାସରେ ସଫଳତାର ସହ ମଙ୍ଗଳ ଗ୍ରହରେ ପହଞ୍ଚିଥିବା ଭାରତ ମଧ୍ୟ ପ୍ରଥମ ଦେଶ। କିନ୍ତୁ ପ୍ରଶ୍ନ ହେଉଛି ଦକ୍ଷିଣ ପୋଲ ଅଞ୍ଚଳରେ ଅବତରଣ କରିବାର ଗୁରୁତ୍ୱ କ'ଣ? ଚନ୍ଦ୍ରଯାନ-୩ ଦ୍ୱାରା ବିଶ୍ୱ ଉତ୍ସାହର ସହିତ ଅପେକ୍ଷା କରିଛି? କାରଣ ଚନ୍ଦ୍ର ଦକ୍ଷିଣ ସ୍ଥାୟୀ ଭାବରେ ଛାଇରେ ଅଛି। ସୂର୍ଯ୍ୟଙ୍କ କିରଣ ସେଠାରେ ପହଞ୍ଚେ ନାହିଁ ଏବଂ ସେଥିପାଇଁ ଚନ୍ଦ୍ରରେ ବରଫ ଥାଇପାରେ ଏବଂ ଅନୁସନ୍ଧାନରୁ ଜଣାପଡିଛି ଯେ ସେଠାରେ ଜଳର ଅଣୁ ବିଦ୍ୟମାନ। ଏଠାରେ ଛୋଟ ଏବଂ ବଡ଼ ୧୩ କିଲୋମିଟର ଗଭୀର କ୍ରାଟର ଅଛି - ଏଗୁଡିକ ଅଧ୍ୟୟନ କରିବା ସୌର ପ୍ରଣାଳୀର ପ୍ରାରମ୍ଭିକ ପର୍ଯ୍ୟାୟ ଜାଣିବାରେ ସାହାଯ୍ୟ କରିବ। ଚନ୍ଦ୍ରଯାନ-୩କୁ ଆମେରିକା ତୀକ୍ଷ୍ଣ ନଜର ରଖିଛି କାରଣ ସେମାନଙ୍କର ଆର୍ଟେମିସ୍ କ୍ରିଉଡ ମିଶନ୍ ଚନ୍ଦ୍ର ଦକ୍ଷିଣ ପୃଷ୍ଠରେ ମଧ୍ୟ ଅବତରଣ କରିବ। ସେମାନେ ଅବତରଣ କରିବା ସମୟରେ ସମ୍ମୁଖୀନ ହେଉଥିବା ସମ୍ଭାବ୍ୟ ଆହ୍ୱାନକୁ ଅପେକ୍ଷା କରିଛନ୍ତି। ଆର୍ଟେମିସ୍ ପ୍ରକଳ୍ପର ମୂଲ୍ୟ ୯୩ ବିଲିୟନ ଡ଼ଲାର୍ ହୋଇଥିବାବେଳେ କେବଳ ଆର୍ଟେମିସ୍ -୧ ଯାହାର କାର୍ଯ୍ୟ କେବଳ ଚନ୍ଦ୍ର ଚାରିପଟେ ଘୁରିବାର ମୂଲ୍ୟ ୪ ବିଲିଅନ ଡଲାର। ଚନ୍ଦ୍ରଯାନ -୩ ଚନ୍ଦ୍ରମାରେ ପହଞ୍ଚିବ ଏବଂ ଲୁନାର ଲ୍ୟାଣ୍ଡର ର କାର୍ଯ୍ୟ କରିବ ଏବଂ ଏହା ସବୁ ମାତ୍ର ୮୦ ନିୟୁତ ଡଲାରରେ ହେବ - ଯାହା ଆମେରିକୀୟ ପ୍ରକଳ୍ପ ଖର୍ଚ୍ଚ ତୁଳନାରେ କିଛି ନୁହେଁ। ବାସ୍ତବରେ ବିଶ୍ୱ ସମ୍ମୁଖରେ ଇସ୍ରୋ ଏକ ଉଦାହରଣ। ବିଜ୍ଞାନ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଏତେ କମ ବଜେଟରେ ଇସ୍ରୋର କାର୍ଯ୍ୟ ଅତୁଳନୀୟ। ଅର୍ଥାତ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାରେ ଯଦି ଅଧୀକ ଖର୍ଚ୍ଚ କରଯାଏ, ନିଃସନ୍ଦେହ ଭାରତ ଅସମ୍ଭବକୁ ସମ୍ଭବ କରିବ। ୨୦୨୩ ବଜେଟରେ ୦.୩୬% ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟକୁ ଆବଣ୍ଟିତ ହୋଇଛି, ଯେଉଁଠାରେ ଚୀନ୍ ବୈଜ୍ଞାନିକ ବିକାଶ ପାଇଁ ୨.୪% ବଣ୍ଟନ କରିଛି। ବର୍ତ୍ତମାନ ବିଜ୍ଞାନରେ କିଏ ତ୍ୱରାନ୍ୱିତ ହେବ ତାହା ଆକଳନ କରନ୍ତୁ। ସରକାରଙ୍କୁ ବୁଝିବାକୁ ପଡିବ ଯେ ଅନୁସନ୍ଧାନ ଏବଂ ବିକାଶରେ ଟଙ୍କା ଖର୍ଚ୍ଚ ନକରି, ବୈଜ୍ଞାନିକ ସ୍ୱଭାବକୁ ପ୍ରୋତ୍ସାହିତ ନକରି, ସ୍ୱଦେଶୀ ସାମର୍ଥ୍ୟକୁ ଉତ୍ସାହିତ ନକରି- ଆମେ ଆଗକୁ ବଢିପାରିବା ନାହିଁ- ପ୍ରତ୍ୟେକ ଏଜେନ୍ସି ଇସ୍ରୋ ପରି ଆତ୍ମପ୍ରକାଶିତ ନୁହେଁ। ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ପାଇଁ ଆମେ ସବୁବେଳେ ଅନ୍ୟ ଦେଶ ଉପରେ ନିର୍ଭର କରିବୁ? ଆତ୍ମରକ୍ଷା ସ୍ୱପ୍ନ ବିଷୟରେ ଆମେ କଣ ଭାବୁଛୁ? ଥରେ ନେହେରୁ କହିଥିଲେ- କେବଳ ବିଜ୍ଞାନ କ୍ଷୁଧା ଏବଂ ଦାରିଦ୍ର, ପାଗଳାମି ଏବଂ ଅଶିକ୍ଷା, ଅନ୍ଧବିଶ୍ୱାସ ତଥା ମାରାତ୍ମକ ପ୍ରଥା ଏବଂ ପରମ୍ପରାର ସମାଧାନ କରିପାରିବ, ବିପୁଳ ଉତ୍ସଗୁଡିକ ନଷ୍ଟ ହେବାକୁ ଯାଉଛି, ଧନୀ ଦେଶର ଲୋକମାନେ ଅନାହାରରେ କାଳାତିପାତ କରୁଛନ୍ତି। ଆମେ ଆଶା କରୁଛୁ ଯେ ଚନ୍ଦ୍ରାୟଣ-୩ର ସଫଳତା ଆମକୁ ଗର୍ବିତ କରିବ ଏବଂ ଆମକୁ ବିଜ୍ଞାନର ପ୍ରଶଂସକ କରିବ, ଅନ୍ଧବିଶ୍ୱାସ ନୁହେଁ।

ସୁଜନପୁର , ଯାଜପୁର
ଦୂରଭାଷ : ୯୩୪୮୭୬୮୮୧୨

# ଗୋରା ଦେଶ ମାନଙ୍କର ଔପନିବେଶିକ ମାନସିକତା



ଡ.ସମନ୍ୱୟ ନନ୍ଦ

ଗୋରା ଦେଶ ମାନଙ୍କର ଏକ ଭିନ୍ନ ପ୍ରକାର ସମସ୍ୟା ରହିଛି। ସେମାନଙ୍କର ଔପନିବେଶିକ ମାନସିକତା ଏବେ ବି ଯାଇ ନାହିଁ। ସେମାନେ ଆଜି ବି ନିଜକୁ ସାରା ବିଶ୍ୱର ବିଶେଷ ଭାବେ ଏସିଆ ଓ ଆଫ୍ରିକାର ଦେଶ ମାନଙ୍କୁ ଶାସନ କରୁଥିବା ଭଳି ମାନସିକତାରେ ଅଛନ୍ତି। ସେମାନେ ଆଜି ବି ମନେ କରୁଛନ୍ତି ଯେ ଏସିଆ ଓ ଆଫ୍ରିକାର ଦେଶ ମାନେ କିଛି ଜାଣନ୍ତି ନାହିଁ, ସେଠାରେ କଣ ହେଉଛି, କଣ ନ ହେଉଛି ସେ ସମ୍ପର୍କରେ ଆମେ ସେମାନଙ୍କୁ ଜ୍ଞାନ ଦେବୁ। ସେମାନେ କଣ କରିବା ଉଚିତ, କଣ କରିବା ଉଚିତ ନୁହେଁ,ସେ ବିଷୟରେ ସେମାନଙ୍କୁ କହିବୁ। ସେମାନଙ୍କର ଆଭ୍ୟନ୍ତରୀଣ ମାମଲାରେ ଆମେ ବକ୍ତବ୍ୟ ଦେବୁ। ଏହି ଗୋରା ୟୁରୋପୀୟ ଦେଶ ମାନେ ଏସିଆ ଓ ଆଫ୍ରିକୀୟ ଦେଶ ମାନଙ୍କ ଉପରେ ଦୀର୍ଘ ସମୟ ଧରି ଶାସନ କରିଥିଲେ ଓ ଏହି ଦେଶ ମାନଙ୍କର ଲୋକ ମାନଙ୍କୁ ଶୋଷଣ କରିବା ସହ ବିପୁଳ ମାତ୍ରାରେ ଅର୍ଥ ଲୁଟ କରି ବଡ ବଡ ଅର୍ଥନୀତି ହୋଇଥିଲେ। ୟୁରୋପର ବିଭିନ୍ନ ଦେଶ ମାନେ ଏସିଆ ଓ ଆଫ୍ରିକାର ବିଭିନ୍ନ ଦେଶ ଉପରେ ଦୀର୍ଘ ଦିନ ଉପନିବେଶ ସ୍ଥାପିତ କରିଥିଲେ। ମାତ୍ର ସେମାନଙ୍କର ଉପନିବେଶ ଶେଷ ହୋଇ ଯିବା ସତ୍ତ୍ୱେ ସେମାନଙ୍କର ମାନସିକତାରେ କୌଣସି ପ୍ରକାର ପରିବର୍ତ୍ତନ ଆସିଥିବା ଭଳି ଜଣାପଡୁ ନାହିଁ। ସେମାନଙ୍କର ଔପନିବେଶିକ ମାନସିକତା ପୂର୍ବପରି ରହିଛି। ବିଶେଷ ଭାବେ ଏବେ ଏସିଆ ଓ ଆଫ୍ରିକାର ଦେଶ ମାନେ ଯେତେବେଳ ଆର୍ଥିକ ଓ ଅନ୍ୟ କ୍ଷେତ୍ରରେ ପ୍ରଗତି କରୁଛନ୍ତି ସେତେବେଳେ ଏହି ଗୋରା ୟୁରୋପୀୟ ଦେଶ ମାନେ ତାକୁ ଦେଖି ସହ୍ୟ କରି ପାରୁ ନାହାନ୍ତି। ସେତେବେଳେ ତାଙ୍କର ଏହି ଔପନିବେଶିକ ମାନସିକତାର ପ୍ରତିଫଳନ ଦେଖିବାକୁ ମିଳୁଛି।

ଏବେ ଠିକ ଏହି ପରି ଏକ ଘଟଣା ସାମନାକୁ ଆସିଛି। ମଣିପୁରରେ କିଛି ଦିନ ତଳେ ହୋଇଥିବା ହିଂସାକୁ ନେଇ ଏହି ଗୋରା ଦେଶ ମାନଙ୍କର ସଂଘ ଅର୍ଥାତ ୟୁରୋପୀୟ ସଂଘ ପକ୍ଷରୁ ଏକ ପ୍ରସ୍ତାବ ପାରିତ କରାଯାଇଛି। ଏହି ପ୍ରସ୍ତାବରେ କୁହା ଯାଇଛି ଯେ ସଂଖ୍ୟାଲଘୁ ଖ୍ରୀଷ୍ଟିଆନ ମାନଙ୍କ ପ୍ରତି ଅସହିଷ୍ଣୁତା କାରଣରୁ ମଣିପୁରରେ ଏଭଳି ସ୍ଥିତି ଉପୁଜିଛି। ଏହି ପ୍ରସ୍ତାବରେ ଭାରତ ଉପରେ ରାଜନୀତି ଦ୍ୱାରା ପ୍ରେରିତ ନୀତି ଆପଣା ଯାଉଥିବାର ଅଭିଯୋଗ କରାଯାଉଛି। ମଣିପୁରରେ ଇଂଟରନେଟ ସେବା ବନ୍ଦ କରାଯିବାକୁ ନେଇ ମଧ୍ୟ ଚିନ୍ତା ବ୍ୟକ୍ତ କରାଯାଇଛି।

ଏବେ କିଛି ଦିନ ତଳେ ୟୁକ୍ରେନ-ଋଷ ଯୁଦ୍ଧ ଆରମ୍ଭ ବେଳେ ଏହି ଗୋରା ଦେଶ ମାନେ ଚାହିଁଥିଲେ ଯେ ସେମାନେ ଯାହା ଚାହାନ୍ତି, ଭାରତ ସେପରି କରୁ। ସେମାନେ ଚାହୁଁଥିଲେ ଯେ ଭାରତ ଋଷର ବିରୋଧ କରୁ। ଋଷ ଉପରେ ଆର୍ଥିକ କଟକଣା ଲାଗୁ କରିବାକୁ ଏହି ଗୋରା ଦେଶମାନଙ୍କ ଘୋଷଣା କରିବା ପରେ ଭାରତ ଏହାକୁ ପାଳନ କରୁ ବୋଲି ସେମାନେ ଆଶା କରିଥିଲେ। କିଛି ଗୋରା ୟୁରୋପୀୟ ଦେଶ ଏ ସମ୍ପର୍କରେ ଭାରତ ଉପରେ ଚାପ ପ୍ରୟୋଗ କରିବାକୁ ମଧ୍ୟ ଚେଷ୍ଟା କରିଥିଲେ। ମାତ୍ର ଭାରତ ଏହି ୟୁରୋପୀୟ ଦେଶ ମାନଙ୍କ ଚାପ ଆଗରେ ମୁଣ୍ଡ ନୂଆଁଇବା ପରିବର୍ତ୍ତେ ସ୍ପଷ୍ଟ କରିଥିଲା ଯେ ଭାରତ ତାର ଜାତୀୟ ସ୍ୱାର୍ଥକୁ ଆଧାର କରି ନିଷ୍ପତି ନେବ। ଭାରତର ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ। ଉଭୟ ଦେଶ ବସି ଆଲୋଚନା କରି ମାମଲାର ସମାଧାନ କରିବା ଉଚିତ। କେବଳ ସେତିକି ନୁହେଁ ୟୁରୋପୀୟ ୟୁନିଅନ ଓ ଆମେରିକା ଦ୍ୱାରା କଟକଣା ଲଗା ଯିବା ସତ୍ତ୍ୱେ ଭାରତ ଋଷ ଠାରୁ ଅଶୋଧିତ ତୈଳ କ୍ରୟ କରିବା ଆରମ୍ଭ କରି ଦେଇଥିଲା। ଏହି ୟୁରୋପୀୟ ଗୋରା ଦେଶ ମାନଙ୍କ ପାଇଁ ଏହା ବଡ କଷ୍ଟକର ସମୟ ଥିଲା। କାରଣ ସେମାନେ ଭାବି ପାରୁ ନ ଥିଲେ ଯେ ଭାରତ ଭଳି ଦେଶ ତାଙ୍କର ପରାମର୍ଶକୁ ଖାରଜ କରି ଋଷରୁ ଅଶୋଧିତ ତୈଳ କ୍ରୟ କରୁଛି।

ତେଣୁ ଭାରତର ବିଶ୍ୱ ରାଜନୀତିରେ ବଢୁଥିବା ଭାବମୂର୍ତ୍ତି, ଶକ୍ତି ଓ ଗୋରା ମାନଙ୍କର କଥାକୁ ଭୃକ୍ଷେପ ନ କରି ନିଜ ଦେଶର ସ୍ୱାର୍ଥକୁ କେନ୍ଦ୍ର କରି ନିଷ୍ପତି ଗ୍ରହଣ କରିବା ୟୁରୋପୀୟ ୟୁନିୟନକୁ ହଜମ ହେଉ ନାହିଁ। ତେଣୁ ୟୁରୋପୀୟ ୟୁନିୟନ ଏଭଳି ଅବାଂଛିତ ପ୍ରସ୍ତାବ ଭାରତ ସମ୍ପର୍କରେ ପାରିତ କରିଛି। ଏହି ପ୍ରସ୍ତାବକୁ ୟୁରୋପୀୟ ୟୁନିୟନର ଫ୍ରଷ୍ଟ୍ରେସନ ରୁପେ ମଧ୍ୟ ଦେଖା ଯାଇ ପାରେ।

ମଣିପୁର ସମ୍ପର୍କରେ ୟୁରୋପୀୟ ୟୁନିୟନର ଏଭଳି ଟିପ୍ପଣୀ କୌଣସି ଦୃଷ୍ଟିରୁ ଗ୍ରହଣଯୋଗ୍ୟ ନୁହେଁ। ଏହା ସିଧା ସିଧା କୌଣସି ସାର୍ବଭୌମ ଦେଶର ଆଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପର ପ୍ରୟାସ। କୌଣସି ସ୍ୱାଭିମାନୀ ଦେଶ ତାର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ଅନ୍ୟ କେହି ଦେଶ ଏପରି ମନ୍ତବ୍ୟ ଦେଉ ତାହାକୁ ସ୍ୱୀକାର କରେ ନାହିଁ। କିନ୍ତୁ ୟୁରୋପୀୟ ୟୁନିୟନ ଏବେ ମଧ୍ୟ ସେହି ପୂର୍ବର ମାନସିକତାରେ ଥିବାରୁ ଏଭଳି ବକ୍ତବ୍ୟ ଦେଇଛି।

ତେବେ ଭାରତ ସରକାର ଏହି ପ୍ରସଙ୍ଗରେ ଯେଭଳି କଡା ଉତର ଦେବା କଥା ସେପରି ଉତର ଦେଇଛନ୍ତି। ଭାରତର ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଅରିନ୍ଦନ ବାଗଚୀ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ଭାରତର ଆଭ୍ୟନ୍ତରୀଣ ମାମଲାରେ ଏଭଳି ହସ୍ତକ୍ଷେପକୁ କଦାପି ସ୍ୱୀକାର କରାଯାଇ ପାରିବ ନାହିଁ।

ସେ କହିଛନ୍ତି, "ଆମେ ଦେଖିଛୁ ଯେ ୟୁରୋପୀୟ ସଂଘର ପାର୍ଲିଆମେଂଟରେ ମଣିପୁରର ବର୍ତମାନ ସ୍ଥିତିକୁ ନେଇ ଆଲୋଚନା କରାଯାଇଛି ଓ ତଥାକଥିତ ଭାବେ ଏକ ତାତ୍କାଳିକ ପ୍ରସ୍ତାବ ପାରିତ କରାଯାଇଛି। ଭାରତର ଆଭ୍ୟନ୍ତରୀଣ ମାମଲାରେ ଏଭଳି ହସ୍ତକ୍ଷେପ ଆମ ପାଇଁ ଅସ୍ୱୀକାର୍ଯ୍ୟ। ଏହା ୟୁରୋପୀୟ ୟୁନିୟନର ଔପନିବେଶିକ ମାନସିକତାକୁ ଦର୍ଶାଉଛି।"

ସେ କହିଛନ୍ତି ଯେ ନ୍ୟାୟପାଳିକା ସମେତ ସମସ୍ତ ସ୍ତରରେ ଭାରତୀୟ ଅଧିକାରୀ ମଣିପୁର ସ୍ଥିତି ସମ୍ପର୍କରେ ଅବଗତ ଅଛନ୍ତି ଓ ଶାନ୍ତି, ସଦଭାବ ଓ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାକୁ ଆବଶ୍ୟକ ପଦକ୍ଷେପ ଉଠାଉଛନ୍ତି।

ଏହି ପ୍ରସ୍ତାବ ସମ୍ପର୍କରେ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତରରେ ସେ କହିଛନ୍ତି, "ୟୁରୋପୀୟ ୟୁନିୟନର ପାର୍ଲିଆମେଂଟକୁ ପରାମର୍ଶ ଦିଆଯିବ ଯେ ସେମାନେ ନିଜର ସମୟ ନିଜର ଆଭ୍ୟନ୍ତରୀଣ ପ୍ରସଙ୍ଗ ଗୁଡିକ ପାଇଁ ଅଧିକ ଉତ୍ପାଦକ ଢଙ୍ଗରେ କରନ୍ତୁ।"

ଭାରତ ସରକାର ୟୁରୋପୀୟ ୟୁନିୟନକୁ ଏ ସମ୍ପର୍କରେ ଅତ୍ୟନ୍ତ କୂଟନୈତିକ ଭାଷାରେ କଠୋର ଉତର ଦେଇଛନ୍ତି। ଏହା ଠାରୁ ଅଧିକ କଡା ଭାଷାରେ ଉତର ଦେବା ବୋଧ ହୁଏ ସମ୍ଭବ ହୋଇ ନ ଥାନ୍ତା। ତେବେ ଔପନିବେଶିକ ମାନସିକତାରେ ଥିବା ଏହି ଗୋରା ଦେଶ ମାନେ ଭାରତ ଠାରୁ ଏଭଳି ପ୍ରତିକ୍ରିୟା ପାଇଁ ମଧ୍ୟ ଆଶା କରି ନ ଥିବେ। ତେଣୁ ସେମାନଙ୍କୁ ବଡ ଧକ୍କା ଲାଗିବା ସ୍ୱାଭାବିକ। ଏହା ଦ୍ୱାରା ଯେ ସେମାନେ ତାଙ୍କର ଔପନିବେଶିକ ମାନସିକତାରେ ପରିବର୍ତ୍ତନ ଆଣିବେ ବୋଲି ଭାବିବା ଭୁଲ ହେବ।

## ଧାରାବାହିକ ଉପନ୍ୟାସ

## ଓଢ଼ଣା ଦୃଶ୍ୟ



**କ୍ଷୀରୋଦ ଦାସ**




ଭାଗ-୦୪

: ଲାଭଟା ବା କ'ଣ ? ପ୍ରତିପ୍ରଶ୍ନ କରନ୍ତି ରାଜଲକ୍ଷ୍ମୀ।

: ଆତ୍ମସନ୍ତୋଷ। - ଗୋଟିଏ ଶବ୍ଦରେ ଉତ୍ତର ଦିଅନ୍ତି ଶୁଭକାନ୍ତ।

: ସେଇଟା କେମିତିକା ଚିତ୍ର ମ ! କାଇଁ, ମୁଁ ତ ଆଖି ଉଠିଲା ଦିନରୁ ଦେଖିନାଇଁ ତାକୁ। ଦେଖେଇଲ, କୋଉଠି ରଖିଛ, ଦେଖିବା ! - ତାଚ୍ଛଲ୍ୟ କରନ୍ତି ରାଜଲକ୍ଷ୍ମୀ।

ବେଳେବେଳେ ରାଜଲକ୍ଷ୍ମୀଙ୍କର ଏପରି ମାନସିକତା ଦେଖି ଆହତ ହୁଅନ୍ତି ଶୁଭକାନ୍ତ। କିନ୍ତୁ ନିଜ ବିବେକ ଅନୁମୋଦିତ କର୍ମ ପଥରୁ କେବେ ବିଚ୍ୟୁତ୍ ହୋଇ ନାହାନ୍ତି ସେ। ସେଥିପାଇଁ ସକାଳୁ ରାତି ଅଧଯାଏ ଭିଡ ଲାଗିରହିଥାଏ ତାଙ୍କ ନର୍ସିଂହୋମରେ। କାହିଁ କେତେ ଦୂରରୁ ଦିନ ଦିନ ଆଗରୁ ରୋଗୀମାନେ ଆସି ଅପେକ୍ଷା କରି ରହିଥାଆନ୍ତି। ତାଙ୍କ ଠାରୁ ଚିକିତ୍ସା ପାଇବା ପାଇଁ। ସେମାନଙ୍କର ରହଣି ପାଇଁ ନର୍ସିଂହୋମ୍ ପାଖକୁ ଲାଗି ନିଜ ଜମି ଭିତରେ ଦି ତିନି ବଖରା ଆଜବେଷ୍ଟସ ଘର ତିଆରି କରିଛନ୍ତି ସେ। ଦୂରଦୂରାନ୍ତରୁ ଆସିଥିବା ଅଭାବୀ ରୋଗୀ ଓ ସେମାନଙ୍କ ଆତ୍ମୀୟମାନେ ସେଠାରେ ରୁହନ୍ତି ବିନା ଦେୟରେ। ସେମାନଙ୍କ ପାଇଁ ମାଗଣା ଖାଦ୍ୟପେୟର ବି ବ୍ୟବସ୍ଥା କରାଯାଏ। ଖାସ୍ ସେଇଥିପାଇଁ ଦୁଇଜଣ ଲୋକଙ୍କୁ ସେଠାରେ ନିଯୁକ୍ତି ଦେଇଛନ୍ତି ଶୁଭକାନ୍ତ।

ଇନିସ୍‌ପେକ୍ଟରଙ୍କ ମା'ଙ୍କର ୟୁଟ୍ରସ ରିମୁଭ୍ ଅପରେସନ କରିଥିଲେ ଶୁଭକାନ୍ତ, ସାତ ଆଠ ବର୍ଷ ପୂର୍ବେ। ସେକଥା ଶୁଭକାନ୍ତ ଭୁଲିଯାଇଥିଲେ। ଭୁଲିଯିବା ବି ସ୍ୱାଭାବିକ। ଏତେ ରୋଗୀମାନଙ୍କ ଭିତରୁ କାହାକୁ କେମିତି ସେ ମନେ ରଖିପାରିବେ ? ଏହା ସମ୍ଭବ କି ?

କିନ୍ତୁ ଭୁଲି ନଥିଲେ ଇନିସ୍‌ପେକ୍ଟର। ଡାକ୍ତରଙ୍କ ପ୍ରତି ତାଙ୍କ ମନରେ ଥିଲା ଅଶେଷ ଶ୍ରଦ୍ଧା ଓ ସମ୍ମାନ। ସେ ମନେ ମନେ ଭାବୁଥିଲେ ଏତେ ସମ୍ମାନୀୟ ବ୍ୟକ୍ତିଙ୍କ ସହିତ କିପରି ଆରମ୍ଭ କରିବେ ସେହି କଥା।

: ଚା' କପେ ପଇବେ କି ଆଜ୍ଞା ! - ଶୁଭକାନ୍ତଙ୍କୁ ପଚାରି ଇନିସପେକ୍ଟର ଇସାରା କଲେ ପାଖରେ ଠିଆହୋଇଥିବା ଜଣେ କନେଷ୍ଟବଳଙ୍କୁ।

: ନା, ଆପଣ କାମ ସାରନ୍ତୁ। ମୁଁ ଅପେକ୍ଷା କରିଛି। ଚା' ଦରକାର ନାହିଁ। ଅଶେଷ ଧନ୍ୟବାଦ। - କହିଲେ ଡାକ୍ତର ଶୁଭକାନ୍ତ।

ବାସ୍ତବିକ ସେପରି କୌଣସି ଜରୁରୀ କାମ ନଥିଲା ଇନିସ୍‌ପେକ୍ଟରଙ୍କର। ସେ କାମର ବାହାନା କରି ମନେ ମନେ ଭାବୁଥିଲେ, କିପରି ଆରମ୍ଭ କରାଯିବ କଥା।

: ମୋତେ କହିବାକୁ ବଡ କଷ୍ଟ ଲାଗୁଛି ଆଜ୍ଞା...

ଏମିତି କହି ଚୁପ୍ ହୋଇଗଲେ ଇନିସ୍‌ପେକ୍ଟର। ଗ୍ଲାସେ ପାଣି ପିଇଲେ। ରୁମାଲରେ ଅତି ଯତ୍ନରେ ପୋଛିଲେ ମୁହଁ ଓ ନିଶ। ଟିକେ ଗଳା ଝାଡିଲେ ଏବଂ ଆରମ୍ଭ କଲେ...

"ମୁଁ ଆଶ୍ଚର୍ଯ୍ୟ ହେଉଛି ସାର୍, ଆପଣଙ୍କ ପୁଅ... ଆଇ ମିନ୍ ସଂଜୟ ସାମଲ ହିଁ ଏ ସମୁଦାୟ ନାରୀୟ କାଣ୍ଡର ମାଷ୍ଟର ମାଇଣ୍ଡ। ସମୁଦାୟ ଚାରିଜଣ ସେଇ ଜଘନ୍ୟ, ନୀଚ ଘୃଣ୍ୟ ଦୁଷ୍କର୍ମରେ ଲିପ୍ତ। ଏକଥା ନିଜେ ସ୍ୱୀକାର କରିଛି ସଂଜୟ...

ଚୁପ୍‌ଚାପ୍ ବସିଥିଲେ ଶୁଭକାନ୍ତ। ବିଶେଷ ଆଗ୍ରହୀ ନଥିଲେ ଇନିସ୍‌ପେକ୍ଟରଙ୍କ ବକ୍ତବ୍ୟ ଶୁଣିବା ପାଇଁ। ସେ କେବଳ ଜାଣିବାକୁ ଚାହୁଁଥିଲେ କେଉଁ ବିଶେଷ କାରଣ ପାଇଁ ତାଙ୍କୁ ଡକାଯାଇଛି ଥାନାକୁ। ସେତକ ଶୁଣିସାରି ସେ ଚୁପ୍‌ଚାପ୍ ଚାଲିଯିବେ ତାଙ୍କ ଘରକୁ। ବାସ୍।

: ମୁଁ ଚକିତ ଏବଂ ମର୍ମାହତ, ଆପଣଙ୍କ ପରି ଜଣେ ସୁନାମଧନ୍ୟ ବ୍ୟକ୍ତିଙ୍କ ପୁଅ ହୋଇ ସେ ଏପରି କାମ କଲା କିପରି ? ଇଟ୍‌ସ ଏ ମ୍ୟାଟର ଅଫ୍ ଡିପ୍ ରିଗ୍ରେଟ୍...

କଥା ମଝିରୁ ହସ୍ତକ୍ଷେପ କଲେ ଶୁଭକାନ୍ତ- "ସାର୍, ଆପଣ ତାକୁ ମୋ ପୁଅ ନ କହି କେବଳ ସଂଜୟ ସାମଲ କହିଲେ ମୋର କୌଣସି ଆପତ୍ତି ନାହିଁ। ତା'ର 'ବାପା' ବୋଲି ଶବ୍ଦଟେ ଶୁଣିବାର ଆଗ୍ରହ ଏବେ ଆଉ ମୋ ପାଖରେ ଆଦୌ ନାହିଁ।"

ଚୁପ୍ ହୋଇଗଲେ ଇନିସ୍‌ପେକ୍ଟର।

: ଆଉ ଗ୍ଲାସେ ପାଣି ପିଇ ଦେଇ ପାରିବେ ? - ମାଗିଲେ ଶୁଭକାନ୍ତ- "ମୁଣ୍ଡଟା ଟିକେ ଘୂରିବା ପରି ଲାଗୁଛି। ଆଜି ବି.ପି. ଟାବ୍‌ଲେଟ୍ ଖାଇବା ପାଇଁ ମୁଁ ଭୁଲିଯାଇଛି।

ପୂର୍ବୋକ୍ତ ମହିଳା କନେଷ୍ଟବଳ ଜଣକ ପାଣି ଗ୍ଲାସ ଆଣି ବଢ଼ାଇଦେଲେ ତାଙ୍କ ହାତକୁ। ପାଣି ପିଇସାରି ତୃପ୍ତିର ଏକ ଦୀର୍ଘଶ୍ୱାସ ଛାଡିଲେ ଶୁଭକାନ୍ତ।

ଇନିସ୍‌ପେକ୍ଟର କପଡାବନ୍ଧା ଗୋଟେ ପୁଡିଆ ଶୁଭକାନ୍ତଙ୍କ ଆଡକୁ ବଢ଼ାଇଦେଇ କହିଲେ: "ଏଥିରେ ସଂଜୟର ବ୍ୟବହାର୍ଯ୍ୟ ଜିନିଷ କିଛି ଅଛି। ଆଉ କିଛି ତଦନ୍ତ ଉପଯୋଗୀ ଜିନିଷ ଅଛି ଆମ ପାଖରେ। ସବୁଗୁଡାକର ଫୋରେନ୍‌ସିକ୍



ଟେଷ୍ଟ ସରିଯାଇଛି। ଏଗୁଡାକୁ ଆପଣ ନେଇଯାଇପାରନ୍ତି ସାଙ୍ଗରେ।"

: କିଛି ଦରକାର ନାହିଁ ଆମର ସେସବୁ। ସେସବୁ ଜିନିଷକୁ ସ୍ପର୍ଶ କରିବାର ଇଚ୍ଛା ମୋର ନାହିଁ। ଏଗୁଡାକୁ ଆପଣ ରଖିପାରନ୍ତି କିମ୍ବା ଡଷ୍ଟବିନ୍‌କୁ ଫୋପାଡି ଦେଇ ପାରନ୍ତି- କହିଲେ ଶୁଭକାନ୍ତ।

ପୁଅର କୁକର୍ମ ପାଇଁ ଜଣେ ବୃଦ୍ଧବାପା ଯେ କେତେ ପରିମାଣରେ ଆହତ, ମର୍ମାହତ, ତାହା ଇନିସ୍‌ପେକ୍ଟର ସ୍ପଷ୍ଟ ଦେଖିପାରୁଥିଲେ ଶୁଭକାନ୍ତଙ୍କ ବିକଳ ମୁହଁକୁ ଚାହିଁ। ପ୍ରତିଷ୍ଠିତ ସେଇ ଡାକ୍ତରଙ୍କ ପ୍ରତି ତାଙ୍କର ଥିଲା ଅଶେଷ ସମ୍ମାନ। ମନେ ମନେ ସେ ସମବେଦନା ପ୍ରକାଶ କରୁଥିଲେ ତାଙ୍କ ପ୍ରତି। ଅଥଚ ଏବେ, ପ୍ରକାଶ୍ୟରେ ତାହା କରିବା ସମ୍ଭବ ନୁହେଁ, କାରଣ ଜଣେ ଜଘନ୍ୟ ଅପରାଧୀର ବାପା ହିସାବରେ ସେ ଏବେ ତାଙ୍କ ସାମ୍ନାରେ।

ଇନିସ୍‌ପେକ୍ଟର କହିଲେ - "ସହରର ଶେଷ ଭାଗରେ ଅବସ୍ଥିତ ଏକ ଭଙ୍ଗା, ପରିତ୍ୟକ୍ତ କୋଠା ଭିତରେ ଲୁଚିଥିଲେ ସେମାନେ। ସମସ୍ତଙ୍କୁ ଗିରଫ କରାଯାଇଛି। ସମୁଦାୟ ଚାରିଜଣ। ଜଣେ ଅଟୋ ଡ୍ରାଇଭର, ଆପଣଙ୍କ ପୁଅ ଓ ତା'ର ଦୁଇଜଣ ସାଙ୍ଗ..."

ତାଙ୍କ କଥାକୁ ଅଧା ରଖି ଶୁଭକାନ୍ତ କହିଲେ- "ସରି ଇନିସ୍‌ପେକ୍ଟର, ଆପଣ ତାକୁ ବାରମ୍ବାର ମୋ ପୁଅ ମୋ ପୁଅ ବୋଲି କୁହନ୍ତୁ ନାହିଁ ମୋ ଆଗରେ। ଖୁବ୍ କଷ୍ଟ ଦେଉଛି ମୋତେ ଆପଙ୍କର ଏଇ କଥଣ। ଜଣେ ଅପରାଧୀର ବାପା ହେବାକୁ ମୋର ଘୋର କୁଣ୍ଠା ଆଜ୍ଞା। ତା ନାଁ ଧରି ଆପଣ କୁହନ୍ତୁ, ଯାହା କହିବାର ଅଛି ଆପଣଙ୍କର କିମ୍ବା ଯାହା କହିବାକୁ ଆପଣ ମୋତେ ଏଠିକି ଡକାଇଛନ୍ତି।"

: ସମସ୍ତଙ୍କର ଡାକ୍ତରୀ ମାଇନା ସରିଛି। କାଲି ସୁଦ୍ଧା ସମସ୍ତଙ୍କୁ କୋର୍ଟ ଫରଓ୍ୱାଡ୍ କରାଯିବ। - କହିଲେ ଇନିସ୍‌ପେକ୍ଟର।

ଏଠାରୁ ସରିଗଲା ବୋଧେ ତାଙ୍କ କାପ ! ଏଥର ସେ ଫେରିବେ ଘରକୁ। ଆଉ ଏଠାରେ, ଏ ପରିସ୍ଥିତିରେ, ଏପରି ମାନସିକତାରେ ବସି ରହିବା ସମ୍ଭବ ନୁହେଁ ଜମା। ଭାବୁଥିଲେ ଶୁଭକାନ୍ତ।

: ଅଟୋ ଡ୍ରାଇଭରକୁ ଛାଡିଦେଲେ ଅନ୍ୟ ତିନିଜଣଯାକ ଧନୀ, ଶିକ୍ଷିତ, ସଂଭ୍ରାନ୍ତ ଘରର ପିଲା। ଉଚ୍ଚଶିକ୍ଷିତ... ନା ନା ସେମାନଙ୍କୁ ଶିକ୍ଷିତ ବୋଲି କହିବା ବୋଧହୁଏ ଭୁଲ୍ ହେବ। ସବୁଗୁଡା ଅଭଦ୍ର, ନରାଧମ ପଶୁ। କହିବାକୁ କଷ୍ଟ ଲାଗୁଛି ଆଜ୍ଞା, ଅତି ଅମାନୁଷିକ ଭାବରେ ସେମାନ ଝିଅଟିକୁ କ୍ଷତବିକ୍ଷତ କରିଛନ୍ତି। ହିଂସ୍ର ଜାନୁଆର ପରି ତା ଉପରେ ଆକ୍ରମଣ କରି ତାକୁ ଲହୁଲୁହାଣ କରିଛନ୍ତି। ଝିଅଟିର ଅବସ୍ଥା ଖୁବ୍ ଗୁରୁତର। ଚିକିତ୍ସିତ ହେଉଛି ସରକାରୀ ଡାକ୍ତରଖାନାରେ। ମୃତ୍ୟୁ ସହିତ ସଂଗ୍ରାମ କରୁଛି...

ନିରବ ରହିଲେ ଇନ୍‌ସିପେକ୍ଟର। ଜଣେ ଦୁଷ୍କର୍ମଚାରୀ ଆସାମୀର ବାପା ଆଗରେ ଏସବୁ କଥା କହିବାର ତାତ୍ପର୍ଯ୍ୟ କିଛି ନାହିଁ ବୋଲି ଜାଣି ମଧ୍ୟ ସେ ପୁଣି ଆରମ୍ଭ କଲେ-

"ବାପା ମା' ମାନେ ନିଜ ପିଲାମାନଙ୍କୁ ଶାସନ କରି ଅକ୍ତିଆରରେ ନ ରଖିଲେ ପରିଣତି ଯେ କେତେ ଭୟଙ୍କର ହୋଇପାରେ, ଏ ଘଟଣାଟି ତାର ଜ୍ୱଳନ୍ତ ଉଦାହରଣ। ଏହାହିଁ ହେଉଛି ସମାଜରେ ପ୍ରତିନିୟତ ଘଟୁଥିବା ଅସଂଖ୍ୟ ଅପରାଧର ମୂଳ କାରଣ...।"

"ଢ଼େର୍ ବିଳମ୍ବ ହୋଇଗଲାଣି। ମୁଁ ଏବେ ଆସିପାରେ କି ଆଜ୍ଞା !" - ପଚାରିଲେ ଶୁଭକାନ୍ତ ଏବଂ ବସିବା ସ୍ଥାନରୁ ଉଠିପଡି ନମସ୍କାର କଲେ ଇନିସ୍‌ପେକ୍ଟରଙ୍କୁ।

ଠିଆ ହୋଇପଡି ଇନିସ୍‌ପେକ୍ଟର ହାତ ଯୋଡିଲେ।

ବୋଧେ କିଛି ଭୁଲ୍ କହୁ ନଥିଲେ ଇନିସ୍‌ପେକ୍ଟର।

ବାପା ମା'ଙ୍କର ଛୋଟ ବଡ ଅନେକ ତ୍ରୁଟି ଯୋଗୁ ପିଲା ଭୁଲ୍ ବାଟରେ ଯାଏ। ପିଲା ଉପରେ ଅତ୍ୟଧିକ ସ୍ନେହ ଓ ଆସ୍ଥା ପିଲାକୁ ବିପଥଗାମୀ କରାଏ। ସଂଜୟ କ୍ଷେତ୍ରରେ ତାହାହିଁ ଘଟିଥିଲା।

*(କ୍ରମଶଃ)*



## ମୀନ ଅବତାର



**ଦୀନବନ୍ଧୁ ସାହୁ**

ଯେତେ ହସିଲେ, କ'ଣ ହବ
ମୃତ୍ୟୁଞ୍ଜୟ ?
ତମେ ମାନ କି ନମାନ
ଗଣ୍ଡୂଷେ ଜଳ ମାତ୍ରେ ଇଁ
ଆମର ସୁଡୁକାଏ ଜୀବନ !
ହଁ,
ଜୀବନ ଜୀଇଁଚି ଯେତେବେଳେ
ଅନେକ ନିରୀହ ଜୀବନର
ମୁଁ ଜଣେ ହତ୍ୟାକାରୀ;
କେହି ଜାଣୁ କି ନଜାଣୁ
ସେଥିରେ ମୋର କିଛି ଯା' ଆସ ନାଇଁ !
ପାପର ରକ୍ତଛିଟାକୁ ଧୋଉଧୋଉ
ଗଡ଼ି ଯାଉଚି ଆୟୁଷ,
ତଥାପି କୋଉଠି ଟିକେ ରହି ଯାଉଚି ରକ୍ତଦାଗ;
ଆଉ ସେଇ ଟିକେ ରକ୍ତଦାଗକୁ ନେଇ
ଗଣ୍ଡୁଷେ ଜଳ ଭିତରେ ଛଟପଟ ମନ-ମୀନ !
ଏଇ ଦେଖ, ମୃତ୍ୟୁଞ୍ଜୟ !
ଟିକେ ନିରୀଖେଇ, ଭଲ କରି ଦେଖ;
ଗଣ୍ଡୂଷେ ଜଳ ଭିତରେ କିମିତି ଉଦିତ ସୂର୍ଯ୍ୟଂକୁ
କରେ ମୁଁ ତର୍ପଣ ! ଏଇ ଦେଖଦେଖ:
ଗଣ୍ଡୂଷେ ଜଳ ଭିତରେ କିମିତି ଦିଶି ଯାଉଚି
ଶଙ୍ଖ ଚକ୍ର ଗଦା ଶତଦଳ କମଳ,
ଏବଂ ଶଫରୀର ମୀନ ଅବତାର !
ହଁ, ତମେ ଠିକ୍ ଦେଖି ପାରୁଚ ତ
ମୃତ୍ୟୁଞ୍ଜୟ ?
ଏଇ ଗଣ୍ଡୁଷେ ମାତ୍ର ଜଳ ଇଁ ସୁଡୁକାଏ ଜୀବନ;
ଆମର ଉଲ୍ଲାସ ଆୟୁଷ ନିର୍ବାଣ ଭାଗ୍ୟ ଭଗବାନ !!

*ପଦ୍ମାବତୀ, ନୟାଗଡ*
*ଦୂରଭାଷ: ୮୨୪୯୬୯୨୮୯୪*

## ଫେରିବାର ବେଳ



**ସନ୍ଧ୍ୟାରାଣୀ ଘଡ଼େଇ**

ଫେରିବାର ବେଳ ଏବେ କୁଆଡେ
ପାଖେଇ ଆସିଲାଣି,
ଶେଷ ବେଳକୁ ମୋହ ଗ୍ରସ୍ତ ମନ
ଆହୁରି ଡୁବି ଯାଏ ମୋହରେ।
ବିକଳ ମନଟା ବିଦାରୁଥାଏ
ଆଉ କାହା ଅଭାବି ମନକୁ
ସତକୁ ମିଛ କରି ଏ ମନ ପରଖୁ ଥାଏ
ଅଲିଖିତ ଯାତନା ମେଞ୍ଚାଏ।

ଆୟତ୍ତକୁ ଅଣାୟତ୍ତ କରି
ଆବୋରି ବସେ ଅନୁକମ୍ପା ଯେତେକ,
ଐଶ୍ୱର୍ଯ୍ୟର ପାହାଡକୁ ଚଢ଼ିବାର ନିଶାରେ
ଉହଳ ବିକଳ ମନଟା
ବିକଳ ହୁଏ ଦିବା ନିଶି।
ଆକାଶର ରଙ୍ଗରେ ରଙ୍ଗୀନ ହୁଏ ମନ
ଅସହାୟ ହୃଦୟ ଟା ମିଛେ ହସୁଥାଏ
କୃଷ୍ଣଚୂଡ଼ାର ରଙ୍ଗରେ ରଙ୍ଗୀନ
ମନରେ ପୁଣି କେବେ ଘୋଟିଯାଏ
ଧୂଳିର ଆସ୍ତରଣ
ବିନା ଆସକ୍ତିରେ ବି ଜୀବନ
ଖୋଜୁଥାଏ ମାୟା'ର ପୃଥିବୀ
ବିଳପୁଥାଏ କିଛି ଅନନ୍ୟ ଆଶାରେ।
ଫେରିବାର ବେଳ ହେଲେ
ଲେଉଟାଣି ଖରା ମୁହଁକୁ ଥାପୁଡାଏ ପରସ୍ତ ପରସ୍ତ,
ଜୀବନ ଜିଣିବାର ହକରେ ଅଜଣା ରାସ୍ତା
ସରୁଥାଏ କ୍ରମଶଃ,
ଭାବୁଥାଏ ଫେରିବାର ବେଳ ହେଲେ
ଏତେ ଯଦି ଆଶା କି ଆଶଙ୍କା,
ପ୍ରେମ କି ପ୍ରଣୟ
ବଞ୍ଚିଯିବି କି କିଛି କ୍ଷଣ ?
ସୁନେଲି ଅତୀତର ନିରୀମାଖି
ପଖାଳ କଂସାରେ
ହାତ ପୁରେଇ ଢ଼ୋକିବିକି ଗୁଣ୍ଡାଏ ସଂଘର୍ଷ
କିଛି ଅନ୍ତରଙ୍ଗ ମୁହୂର୍ତ୍ତ କୁ ଆପଣେଇବି କି
ଜୀବନ ଯିଁ ବାର ଖସଡ଼ା ରାସ୍ତାରେ।

*ଯାଜପୁର ରୋଡ, ଯାଜପୁର*

## ବର୍ଷାରାଣୀ

**ରାମଚନ୍ଦ୍ର ବେହେରା**



ଆସିଲାଣି ବର୍ଷାରାଣୀ
ସୁଶୀତଳ ଜଳର ପରଶେ
ତରୁଲତା ସବୁଜ ବନାନୀ
ନୀଳ ବର୍ଣ୍ଣ ଗାଲିଚାରେ
ବସୁଧା ସଜେଇ ହେଲାଣି
ବନ୍ୟଜନ୍ତୁଂକ କୁହାଟ ଚିତ୍କାର
ଧୀରେ ଧୀରେ ଉଭେଇ ଗଲାଣି
ନଈ ନାଳ ଭରିଲାଣି ଗୋଳିଆ ପାଣିରେ
ବନ୍ୟା ତା'ର ଆଭାସ ଦେଲାଣି
ଗରିବଂକ ପଲିଥିନ ଛପର ଫାଟି
ଘରେ ପାଣି ଜମିଲାଣି
ଲଗାତାର ଝିପିଝିପି ବର୍ଷାର କାରଣେ
ଦୀନ ମଜୁରିଆ ମୂଲ ବିନା
କଡା ସର୍ତ୍ତେ କରଜ ନେଲାଣି
ଚଷାଭାଇ ତା କ୍ଷେତରେ
ଚାରା ରୋଇଲାଣି
ସ୍କୁଲ ଯିବା ସମୟରେ
ବର୍ଷାଟା ବାଧକ ହେଲାଣି
ଛତା ବିନା ଭିଜି ଭିଜି
ନାକରୁ ପାଣି ବୋହିଲାଣି
ମଶାଂକ ବଂଶ ବିସ୍ତାରରେ
ଡେଂଗୁ ଧୀରେ ମୁଣ୍ଡ ଟେକିଲାଣି
କାଉଡିଆଂକ ଜଳ ସମର୍ପଣେ
ଭୋଳାନାଥ ପ୍ରସନ୍ନ ହେଲେଣି
ଇନ୍ଦ୍ରଧନୁ ସପ୍ତରଂଗ
ବାଦଲର ବୁକୁ ଚିରି
ଆକାଶରେ ଖୁବ ହସିଲାଣି.....
ବାଡିରେ ଟଗର,ଚରାଟ
ନଦୀତଟେ କଇଁ ଓ ପଦୁଅଁ
ଲୋକଂକ ମନ କିଣିଲେଣି
କଦମ୍ବର ସୁନ୍ଦର ମହକ
ନଦୀପଠା ଶୁଭ୍ର କାଶତଣ୍ଡୀ
ପବନରେ ଦୋଳି ଖେଳିଲେଣି
ଝିଂକାରୀ ଓ ଭେକର କର୍କଶ ସ୍ୱର
କାନକୁ ଖୁବ ବାଧିଲାଣି
ସେଥିଲାଗି ଲାଗୁଅଛି
ମୌସୁମୀର ସବାରିରେ
ଆସିଲାଣି ବର୍ଷାରାଣୀ
ଝରଝର ପାଣିର ପରଶେ
ଧରଣୀ ମା' ଖୁବ ଭିଜିଲାଣି...

*ଟେନ୍ତୁଳିପଦା,ଜଗତସିଂହପୁର*
*ଦୂରଭାଷ : ୭୩୫୫୬୩୪୩୪୬*

## ଚଳନ୍ତି ଠାକୁର

**ନିରଞ୍ଜନ ସାହୁ**



ସେଦିନ ମ୍ୟୁନିସପାଲିଟିର ମିନି ଷ୍ଟାଡିୟମରେ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଥିଲା। ତେଣୁ ମିନି ଷ୍ଟାଡିୟମ ଥିଲା ଲୋକାରଣ୍ୟ। କେବଳ ଫାଇନାଲ ମ୍ୟାଚ ଦେଖିବାକୁ ଲୋକାରଣ୍ୟ ହୋଇଥିଲା ଭାବିବାଟା ବୋଧହୁଏ ସମୀଚିନ ହେବନାହିଁ। କାରଣ ଏହିଦିନ ମିନି ଷ୍ଟାଡିୟମ ଖୁବ ସୁନ୍ଦର ଭାବରେ ସାଜସଜ୍ଜା ହେବା ସହିତ ଚିୟର୍ସ ଗାର୍ଲମାନଙ୍କର ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ ଖେଳର ମାହାଲଟାକୁ ସରଗରମ କରି ତୋଳିଥିଲା। ଡ଼ିଜେ ସାଉଣ୍ଡର ତାଳେ ତାଳେ ଝୁମୁଥିଲେ ଦର୍ଶକ। ଛକା ଚଉକାର ତାଳେ ତାଳେ ଆନନ୍ଦରେ ତାଳିମାରି ଡେଉଁଥିଲେ ଦର୍ଶକ। ଏପରିକି, ହାଟ୍ରିକ ଛକା, ଚଉକା ଅବା ଉଇକେଟ ପିଛା ଏତେ ଟଙ୍କା ପୁରସ୍କାର ମିଳିବ ବୋଲି ବିଭିନ୍ନ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନର ନାମ ଘୋଷଣା ଚାଲିଥାଏ। ଯେଉଁ ଦର୍ଶକ ଯେଉଁ ଦଳକୁ ସମର୍ଥନ କରୁଥିଲେ ସେମାନଙ୍କ ସଫଳତାରେ ଏମାନେ ଖୁବ ଉତ୍ସୁକତା ପ୍ରକାଶ କରୁଥିଲେ।

ତେବେ ଖେଳର ହାରଜିତ ନିର୍ଣ୍ଣାୟକ ମୋଡ଼ରେ ଥିବା ସହ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ଓଡ଼ିଆ ସିନେମା ଷ୍ଟାର, ସ୍ଥାନୀୟ ରାଜନେତା, ବିଧାୟକ, ସାଂସଦ, ମନ୍ତ୍ରୀ, ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀମାନଙ୍କୁ ଟୁର୍ଣ୍ଣାମେଣ୍ଟର କର୍ମକର୍ତ୍ତାମାନେ ଆମନ୍ତ୍ରଣ ଜଣାଇଥିଲେ। ଅପରାହ୍ନ ଚାରିଟା ସୁଦ୍ଧା ସେମାନଙ୍କୁ ପ୍ରସେସନ କରି ମିନି ଷ୍ଟାଡିୟମର ମଞ୍ଚ ନିକଟରେ ଉପସ୍ଥିତ କରାଇ ସେମାନଙ୍କୁ ଯଥା ଆସନରେ ଉପବେଶନ କରାଇ ଖେଳର ଶେଷ କେତୋଟି ଓଭର ଦେଖିବା ପାଇଁ ସୁଯୋଗ ଦିଆଯାଇଥଲା। ତେବେ ସେମାନଙ୍କ ଚାରିଚକିଆ ଗାଡ଼ିଗୁଡିକ ରଖିବା ପାଇଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ୟବସ୍ଥା କରାଯାଇଥଲା। ସେଠାରୁ ଅତିଥିମାନଙ୍କୁ ପ୍ରସେସନ କରି ପାଛୋଟି ଆଣି ସଭାମଞ୍ଚ ଉପରେ ଉପବେଶନ କରାଇଥିଲେ ଆୟୋଜକମାନେ।

ଖେଳ ସରିଯିବା ପରେ ମିନି ଷ୍ଟାଡିୟମରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଚାଲିଥିଲା। ଆତସବାଜିରେ ପ୍ରକମ୍ପିତ ହେଉଥିଲା ଚତୁର୍ଦ୍ଦିଗ। ନେତାମାନଙ୍କର ଭାଷଣ, ଅଭିନେତାଅଭିନେତ୍ରୀଙ୍କର ସଂଳାପ ଓ ନୃତ୍ୟ ପରିବେଷଣରେ ଦର୍ଶକମାନେ ଆନନ୍ଦରେ ଅଧିର ହୋଇ ପଡୁଥିଲେ। ଦର୍ଶକଙ୍କ ହୋ ହାଲ୍ଲା ତଥା ବିଜୟୀ ଦଳଙ୍କ ହିପିହିପି ହୁରରେ କମ୍ପମାନ ହେଉଥିଲା ସମଗ୍ର ଷ୍ଟାଡିୟମ।

କ୍ରମେ ସନ୍ଧ୍ୟା ସମୟ ଉପନୀତ ହେବା ସହିତ କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା ପରେ ସମସ୍ତ ଅତିଥିଗଣ ବ୍ଲକ କାର୍ଯ୍ୟାଳୟ ପରିସରକୁ ଆସିଥିଲେ। ସେଠାରେ ସେମାନଙ୍କ ପାଇଁ ଅତିଥି ଚର୍ଚ୍ଚା ବ୍ୟବସ୍ଥା ହୋଇଥିଲା। ଏହାଛଡା ସେମାନଙ୍କର ଗାଡିଗୁଡିକ ଏହିଠାରେ ଥିବାରୁ ସେମାନେ ଏଠାରୁ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବାର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ତେଣୁ ଏତେ ସବୁ ଭିଆଇପି ବ୍ୟକ୍ତିବିଶେଷଙ୍କ ଉପସ୍ଥିତି ଦୃଷ୍ଟିରୁ ପୁଲିସ ବିଭାଗ ପକ୍ଷରୁ କଡା ସୁରକ୍ଷା ବଳୟ ମଧ୍ୟରେ ବ୍ଲକ କାର୍ଯ୍ୟାଳୟ ପରିସରକୁ ରଖାଯାଇଥିଲା। ଯେପରି କୌଣସି ପ୍ରକାର ଅଘଟଣ ନ ଘଟେ ସେଥିପାଇଁ ମଧ୍ୟ ପୁଲିସ ବିଭାଗ ସତର୍କ ଦୃଷ୍ଟି ରଖିଥିଲା।

ସେଦିନ ସନ୍ଧ୍ୟା ସମୟରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଶ୍ରୀଗଣେଶଙ୍କ ମନ୍ଦିରରେ ସନ୍ଧ୍ୟା ଆଳତି କରିବା ପାଇଁ ପୂଜକ ମହାଶୟ ଚିରାଚରିତ ଢଙ୍ଗରେ ନିଜର ସାଇକେଲ ଖଣ୍ଡିକ ଚଢି



ପହଞ୍ଚିଥିଲେ ସବୁଦିନ ଭଳି। ମାତ୍ର ସେଦିନ ତାଙ୍କୁ ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀ ବ୍ଲକ କାର୍ଯ୍ୟାଳୟ ଭିତରକୁ ଯିବାକୁ ଅନୁମତି ଦେଇନଥିଲେ। ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସମାନେ ମଧ୍ୟ ପୂଜକ ମହାଶୟଙ୍କର ପରିଚିତ ଥିଲେ ବି ସେମାନେ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଯାଇ ପୂଜକ ମହାଶୟଙ୍କୁ ବାହାରେ ଅପେକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ପୂଜକ ମହାଶୟ ସେମାନଙ୍କୁ ଯେତେ ନେହୁରା ହୋଇ ବୁଝାଇଲେ ମଧ୍ୟ ପୁଲିସ ବାବୁମାନଙ୍କ ଉପରେ ତାହାର କିଛି ପ୍ରଭାବ ପଡିନଥିଲା। ସନ୍ଧ୍ୟା ଗଡି ଯାଉଥିବା ଦର୍ଶାଇ ଠାକୁରଙ୍କ ନୀତିରେ ବିଭ୍ରାଟ ନ କରିବାକୁ ଯେତେ ଅନୁରୋଧ କଲେ ବି ପୁଲିସ ବାବୁମାନେ ସମ୍ପୂର୍ଣ୍ଣ ନାଚାର ବୋଲି କହି ପୂଜକ ମହାଶୟଙ୍କ ଶେଷ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ।

ଶେଷରେ ପୂଜକ ମହାଶୟ ସମ୍ପୂର୍ଣ୍ଣ ନିରାଶ ହୋଇ ସେହିଠାରେ ଶ୍ରୀଗଣେଶ ଠାକୁରଙ୍କ ଉଦ୍ଦେଶ୍ୟରେ ହାତଯୋଡି ମୁଣ୍ଡିଆ ମାରି ସାଇକେଲ ବୁଲାଇ ନିରବରେ ଫେରିଥିଲେ। ବ୍ଲକ ଗେଟ ସାମ୍ନାରେ ଥିବା ଲୋକମାନେ ଏହି ଦୃଶ୍ୟକୁ ଖୁବ ଉପଭୋଗ କରୁଥିଲେ। ସବୁ ଜାଣିଶୁଣି ଅଜଣା ଭଳିଆ 'କ'ଣ ଆଜ୍ଞା, ଫେରି ଆସିଲେ 'କହି ପୂଜକ ମହାଶୟଙ୍କ ଠାରୁ କିଛି ଶୁଣିବାକୁ କାନଡେରି ମଜା ଉଠାଉଥିଲେ। ପୂଜକ ମହାଶୟ ଭାରି ମନଦୁଃଖରେ ସମସ୍ତଙ୍କୁ କହୁଥିଲେ, 'ଆଜିକାଲିର ଯୁଗରେ ଏହିମାନେ ତ ଚଳନ୍ତି ଭଗବାନ। ଏମାନଙ୍କୁ ଆପ୍ୟାୟିତ କରି ସନ୍ତୁଷ୍ଟ କରିପାରିଲେ ସେମନଙ୍କ କୃପାରୁ ତତକ୍ଷଣାତ ଭାଗ୍ୟ ବଦଳି ଯିବାର ଅନେକ ଉଦାହରଣ ରହିଅଛି। ଏମାନଙ୍କର ଅହେତୁକ ଅନୁଗ୍ରହରେ ଅଚାନକ ଫଳପ୍ରାପ୍ତି ହେବା ସହ ସେମାନଙ୍କର ଆକ୍ରୋଶର ଶିକାର ହେଲେ ଅଚାନକ ଦୁର୍ଭାଗ୍ୟ ସମୁଦ୍ର ଜୁଆର ପରି ମାଡି ଆସିବାର ସମ୍ଭାବନା ଥିବାରୁ ସେମାନଙ୍କୁ ସନ୍ତୁଷ୍ଟ କରାଇବା ଉଚିତ କର୍ତ୍ତବ୍ୟ ଅଟେ। ତାହା ନ କରି ଏ ପଥର ତିଆରି ଠାକୁରଙ୍କ ସେବା କଲେ କେଉଁ ଫଳ ମିଳିବ ଯେ ? ଏମାନେ ସଙ୍ଗେସଙ୍ଗେ ବର ଦେବେ ନା ସାହାଯ୍ୟ କରିପାରିବେ ? ତେଣୁ ଚଳନ୍ତି ଠାକୁରମାନଙ୍କର ସେବା ସର୍ବପ୍ରଥମେ ହେବା ଦରକାର।'

ପୂଜକ ମହାଶୟ ଗଭୀର ମାନସ୍ତାପରେ ସ୍ୱଗୃହ ଅଭିମୁଖେ ଫେରୁଥିଲେ। କିଛି ସମୟ ପରେ ଅତିଥିମାନେ ସେମାନଙ୍କ ଯାନବାହନ ଦ୍ୱାରା ସ୍ୱସ୍ଥାନ ଲେଉଟାଣି ଆରମ୍ଭ କରିଥିଲେ। ସହର ସାରା ସେଦିନ ଉକ୍ତ କାର୍ଯ୍ୟକ୍ରମ ବାବଦରେ ସରଗରମ ଆଲୋଚନା ଚାଲିଥିଲା। ସହର ସାରା ସେଦିନ ସବୁଦିନ ପରି ଷ୍ଟ୍ରିଟ ଲାଇଟଗୁଡିକ ଜଳୁଥିଲା। ବଜାର ଗୁଡିକରେ ଥିବା ଦୋକାନ ଗୁଡିକ ରଙ୍ଗୀନ ଆଲୋକ ମାଳାରେ ସୁନ୍ଦର ଦିଶୁଥିଲେ। ମାତ୍ର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଶ୍ରୀଗଣେଶଙ୍କ ମନ୍ଦିରରେ ବିଜୁଳି ବତୀ ଜଳୁନଥିଲା କି ଠାକୁରଙ୍କ ସାମ୍ନାରେ ସନ୍ଧ୍ୟା ଦୀପ ଜଳୁନଥିଲା। ମନ୍ଦିର ଭିତରେ ଥିବା ଶ୍ରୀଗଣେଶଙ୍କ ବିଗ୍ରହ ବୋଧହୁଏ ଏହି ଚଳନ୍ତି ଠାକୁର ମାନଙ୍କର ଗତିବିଧି ଦେଖି ନିଜର ପାରିବା ପଣିଆକୁ ଧିକ୍କାର କରି କହୁଥିଲେ, 'ସିଏ ତ ସ୍ୱୟଂ ନିଜର ମନ୍ଦିରରେ ନିଜ ପାଇଁ ଆଲୋକ ଜାଳିବାକୁ ଅକ୍ଷମ। ଏତେବଡ଼ ଦେଶଦୁନିଆ ଚଳାଇବାକୁ ସେ ସକ୍ଷମ ହେବେ କିପରି ?'

*ନିହଲ ପ୍ରସାଦ, ଗଁଡିଆ ପାଟଣା*
*ଢେଙ୍କାନାଳ*
*ଦୂରଭାଷ : ୯୯୩୮୭୪୧୫୮୩*

### ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବ୍ଲକ୍ ପ୍ରଶାସନ ଶୁଣୁନି

# ଜନସାଧାରଣଙ୍କ ଅଭିଯୋଗ ଶୁଣିବ କିଏ ?

**ନବରଙ୍ଗପୁର :** ରାଜ୍ୟ ସରକାରଙ୍କ ମୋ ସରକାର ୫ଟି ଯୁଗରେ ବି କୁନି କୁନି ପିଲାଙ୍କୁ ଅଣଦେଖା କରାଯାଉଥିବା ବିକଳ ଚିତ୍ର ଦେଖିବାକୁ ମିଳୁଛି। ବାରମ୍ବାର ଅଭିଯୋଗ ପରେ ବି ଆଜି ବେସାହାରା ହଇଛନ୍ତି କୋଷାଗୁମୁଡା ବ୍ଲକ କୋଷାଗୁମୁଡା ସଦରମହକୁମା ସ୍ଥିତ ମିର୍ଗାନ ସାହି ପ୍ରାଥମିକ ବିଦ୍ୟାଳୟ ର କୁନି କୁନି ସ୍କୁଲ ଛାତ୍ର ଛାତ୍ରୀଙ୍କ କଥା। କିଏ ଶୁଣିବ ବା ପିଲାଙ୍କ ଦୁଃଖ କିଏ ବା ଦେଖିବ ପିଲାଙ୍କ ଦାରୁଣ ଦୃଶ୍ୟ। ବିଦ୍ୟାଳୟ ସମ୍ମୁଖରେ ହିଁ ପଚ ପଚ କାଦୁଅ ସହ ଜମିରହିଛି ବର୍ଷା ପାଣି। ଯଦି ଅକସ୍ମାତ୍ ପିଲାଙ୍କ ଗୋଡ଼ ଖସି କିଛି ଦୁର୍ଘଟଣା ଘଟେ ତେବେ ଦାୟୀ ରହିବ କିଏ ? ପିଲାଙ୍କ ଅଭିଭାବକ ମାନେ ବିଦ୍ୟାଳୟ ପଠାଇବା ଚିନ୍ତାର କାରଣ ହୋଇଛି। ଆଦିବାସୀ ଅଧ୍ୟୁଷିତ ବିଦ୍ୟାଳୟରେ ପ୍ରାୟତଃ ଆଦିବାସୀ ପିଲାମାନେ ହିଁ ପାଠ ପଢୁଛନ୍ତି, ପିଲାଙ୍କ ଅଭିଭାବକ ବି ଅଶିକ୍ଷିତ କାହାର ସାହସ ଟିକେ ନାହିଁ ଯେ ସରକାର ବିରୁଦ୍ଧରେ ମୁହ ଖୋଲି କହିବାକୁ ଯାହାର ଫାଇଦା ଉଠାଇ ଚାଲିଛନ୍ତି ପ୍ରଶାସନ। ବ୍ଲକ ସଦରମହକୁମା ଠାରେ



ରହିଛି ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ହେଲେ ବି ବିଦ୍ୟାଳୟର ରାସ୍ତାଘାଟର ଦୃଶ୍ୟ ଜମା ଦିଶୁନାହିଁ ଗୋଷ୍ଠି ଶିକ୍ଷାଧିକାରୀଙ୍କୁ। ପଞ୍ଚାୟତ କଥା କହିବ ବା କଣ ସାହିବାସୀ ସରପଞ୍ଚଙ୍କୁ କେତେ ଯେ କହିବେ ଭୋଟ ବେଳେ ସାହିରେ ଦିଶିବେ, ତା ପରେ ଆଉ ଜମା ଧରା ଛୁଆ ବି ଦେବେନି। ଖୋଦ୍ ବିଦ୍ୟାଳୟର ଶିକ୍ଷୟତ୍ରୀ ମଧ୍ୟ ତିନି ତିନି ଥର ସରପଞ୍ଚଙ୍କୁ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ କାଦୁଅ ଜମୁଥିବା କଥା କହିଲେ, ହେଲେବି କିଛି ଲାଭ ହେଲାନାହିଁ। ସାହିର ଭଦ୍ର ବ୍ୟକ୍ତି ବାରମ୍ବାର ବ୍ଲକ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରି ୨ ବର୍ଷ ବିତିଗଲା, କିନ୍ତୁ କିଛି ଫାଇଦା ହେଲା ନାହିଁ। ଶେଷରେ କୋଷାଗୁମୁଡା ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଜନଶୁଣାଣୀ ଅଭିଯୋଗ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର କୋଷାଗୁମୁଡା ଗୋଷ୍ଠୀଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକଙ୍କୁ ଯଥା ଶୀଘ୍ର ବିଦ୍ୟାଳୟ ସାମ୍ନା ରାସ୍ତା ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଥିଲା। ତଥାପି କାହିଁ ଜିଲ୍ଲାପାଳଙ୍କ କଥାକୁ ଖାତିରି କରୁନାହାନ୍ତି ସ୍ଥାନୀୟ ପ୍ରଶାସନ, ଯାହାକୁ ନେଇ ଏବେ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରୁଥିବା ଦେଖିବାକୁ ମିଳୁଛି। ସାହି ବାସିନ୍ଦାଙ୍କୁ ଅଣଦେଖା ତ କରାଗଲା ତାହା ଠିକ୍, କିନ୍ତୁ ପ୍ରାଥମିକ ବିଦ୍ୟାଳୟର କୁନି କୁନି ପିଲାଙ୍କୁ ଅଣଦେଖା କରିବା କେତେ ଯୁକ୍ତିଯୁକ୍ତ ବୋଲି ମିର୍ଗାନ ସାହିବାସୀ ପ୍ରଶାସନ ଆଗରେ ଆଜି ପ୍ରଶ୍ନ କରୁଛନ୍ତି, କିନ୍ତୁ ଉତ୍ତର ଦେବ ବା କିଏ ? ସରପଞ୍ଚଙ୍କୁ କହିଲେ ପଞ୍ଚାୟତରେ ଟଙ୍କା ନାହିଁ ବ୍ଲକକୁ କହିଲେ ଉପର ମହଲକୁ ଯିବା ପାଇଁ ଦେଖାଇଲେ ଶେଷରେ ଜିଲ୍ଲାପାଳଙ୍କୁ କହିବା ସତ୍ତ୍ୱେ ବି ସୁଫଳ ମିଳିଲା ନାହିଁ ଯାହା କି ଏବେ ଚର୍ଚ୍ଚାର ବିଷୟ ପାଲଟିଥିବା ଦେଖିବାକୁ ମିଳୁଛି। ନବୀନ ସରକାରଙ୍କ ମୋ ସରକାର ୫ଟି ଯୁଗରେ ବି କୁନି କୁନି ପିଲାଙ୍କୁ ଅଣଦେଖା କରାଯାଉଥିବା କଥା ସତ ପାଲଟିଛି ବୋଲି ସାହିବାସୀ ମତ ପ୍ରକାଶ କରୁଛନ୍ତି। ତୁରନ୍ତ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେମିତି ହେବ ...

ଟିଚିଂଷ୍ଟାଫ ସଂଖ୍ୟା ୨୫୭ ରହିଥିବା ବେଳେ ସଂପୂର୍ଣ୍ଣ ପାଠପଢା ଭାର ଠିକା ଅଧ୍ୟାପକଙ୍କ କାନ୍ଧରେ ରହିଛି। କାରଣ ବାରମ୍ବାର ରାଜ୍ୟ ସରକାରଙ୍କୁ କହିବା ପରେ ମଧ୍ୟ ୧୨୦ ଅଧ୍ୟାପକ ପଦବି ପୂରଣ ହୋଇପାରୁ ନାହିଁ। ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୧୧୭ ଅଧ୍ୟାପକ ପଦବି ମଧ୍ୟରୁ ୪୩ ପଦବି ଖାଲି ପଡ଼ିଥିବା ବେଳେ ବାରିପଦାର ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ମୋଟ୍ ୧୧୫ ପଦବିରୁ ୭୬ ପଦବି ଖାଲି ରହିଛି। କେବଳ ବିଶ୍ୱବିଦ୍ୟାଳୟ କୁଳପତି ନୁହନ୍ତି ଅଧ୍ୟାପକ ଅଭାବକୁ ନେଇ ମୁହଁ ଖୋଲିଛନ୍ତି ଛାତ୍ରଛାତ୍ରୀ। ସେପଟେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସଚୀ ନାୟକଙ୍କ କହିବା ଅନୁସାରେ ଖାଲିଥିବା ଅଧ୍ୟାପକ ପଦବି ପୂରଣ କରିବା ପାଇଁ ପ୍ରକ୍ରିୟା ଚାଲିଛି।

### ଦେଶରେ ...

ଯୋଗୁଁ ଘଟଣା ସାମ୍ନାକୁ ଆସିଛି। ପ୍ରାୟ ୪୦ ପରିବାରର ବସ୍ତି ବି.ଫିନୋମ ଗାଁର ୬୫ ବର୍ଷିୟ ମୁଖିଆ ଥାଙ୍ଗବୋଇ ଭାଇଫେଇ ମେ' ୧୮ ତାରିଖରେ ସାଇକୁଲ ପୋଲିସ ଷ୍ଟେସନରେ ଏନେଇ ଅଭିଯୋଗ କରିଥିଲେ। ସ୍ଥାନୀୟ ଖବର ପୋର୍ଟାଲ ହିଲ୍ସ ଜର୍ଣ୍ଣାଲ ଘଟଣା ଉପରେ ଏକ ଖବର ମଧ୍ୟ ପ୍ରକାଶ କରିଥିଲା। କିନ୍ତୁ ମଣିପୁର ପୋଲିସକୁ ଏଫ୍‌ଆଇଆର ପଞ୍ଜୀକରଣ କରିବା ପାଇଁ ଏକ ମାସରୁ ଅଧିକ ସମୟ ଲାଗିଲା। ଶେଷରେ ପୋଲିସ ଜୁନ୍ ୨୧ରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। କିନ୍ତୁ ସେତେବେଳେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ନେଲାନି ? ଭିଜୁଆଲ ସହ ପ୍ରମାଣ ଥିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ନେବାକୁ କାହିଁକି ପୋଲିସ ଏତେଦିନ ସମୟ ନେଇଗଲା ସମଗ୍ର ଦେଶବାସୀ ଏହି ପ୍ରଶ୍ନ କରୁଛନ୍ତି। ମାମଲାରେ ପୋଲିସ ଦାୟିତ୍ୱ ସମ୍ପାଦନ କରିଥିଲେ ହୁଏତ ଆଜି ସମଗ୍ର ଦେଶକୁ ଲଜ୍ଜିତ ହେବାକୁ ପଡ଼ିନଥାନ୍ତା। ଘଟଣା ପଛର ପ୍ରକୃତ କାରଣ ଏବଂ ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡ ଦେବାକୁ ସାଧାରଣରେ ଦାବି।

### ବିନା ସୁଧରେ ...

କ୍ୟାନସର ପୀଡ଼ିତ ଲୋକ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ନିଜସ୍ୱ ଖର୍ଚ୍ଚ ହ୍ରାସ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏସବୁ ମେଡିକାଲରେ ରେଡିଓଥେରାପି, ବ୍ରାକିଥେରାପି, ହିଷ୍ଟୋପାଥୋଲେଜି, କର୍କଟ ଶଲ୍ୟ ଚିକିତ୍ସା, କେମୋଥେରାପି ଓ ପାଲିଏଟିଭ୍ କେୟାର ସେବାକୁ ସୁବ୍ୟବସ୍ଥିତ କରାଯିବ। ପ୍ରତ୍ୟେକ ଅନୁଷ୍ଠାନରେ ଅପରେସନ୍ ଥିଏଟର, ଆଇସିୟୁ, କେମୋଥେରାପି, ରେଡିଓଥେରାପି ଓ ପାଲିଏଟିଭ୍ କେୟାର ୟୁନିଟ୍ ସମେତ ୫୦ରୁ ୧୦୦ବେଡ ସୁବିଧା କରାଯିବ। ଆବଶ୍ୟକ ପଡ଼ିଲେ ବେଡ୍ ସଂଖ୍ୟା ବୃଦ୍ଧି କରାଯିବ। ରାଜ୍ୟ ସରକାରଙ୍କ ଅଧୀନରେ ନିୟମିତ କ୍ୟାଡ଼ର ସ୍ପେଶାଲିଷ୍ଟ, ସୁପର ସ୍ପେଶାଲିଷ୍ଟ ଓ ବୈଷୟିକ କର୍ମଚାରୀଙ୍କ ପଦବୀ ସୃଷ୍ଟି କରାଯାଇ ଏହି ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହା ବ୍ୟତୀତ, ବଜେଟ ଘୋଷଣା ଅନୁସାରେ ମିଶନ ଶକ୍ତି ସ୍କୁଟର ଯୋଜନାକୁ କାର୍ଯ୍ୟକାରୀ କରି ୫ବର୍ଷରେ ୫୨୮.୫୫କୋଟି ଟଙ୍କା ବ୍ୟୟରେ ୨ଲକ୍ଷ କମ୍ୟୁନିଟି ସର୍ପୋଟ ଷ୍ଟାଫ ଓ ଏସଏଚଜି ମହାସଂଘ କାର୍ଯ୍ୟନିର୍ବାହୀ ସଦସ୍ୟାମାନଙ୍କୁ ସ୍କୁଟି କିଣିବା ପାଇଁ ସୁଧ ରିହାତି ଦେବା, ମାର୍କଫେଡ୍ ପାଇଁ ୫ବର୍ଷ ନିମନ୍ତେ ୫୦୦କୋଟି ଟଙ୍କାର ସହାୟତା ପାଣ୍ଠି, ଚାଷୀଙ୍କୁ ଫସଲ ଋଣ ବାବଦରେ ସମବାୟ ବ୍ୟାଙ୍କ ଓ ସମବାୟ ସମିତିକୁ ୫ବର୍ଷ ପାଇଁ ୫୭୦୦କୋଟି ଟଙ୍କାର ସୁଧ ରିହାତି, ମାର୍ଶାଘାଇ-ଜମ୍ବୁ ରାସ୍ତା ସମ୍ପ୍ରସାରଣ, ବନ ସୁରକ୍ଷା ସମିତି ପାଇଁ ୧୦ହଜାର କୋଠା ଘର ନିର୍ମାଣ, ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଚିପ୍ ନିର୍ମାଣ ପାଇଁ ନୂଆ ନୀତି, ଓଡ଼ିଶା ଲୋକସେବା ଆୟୋଗରେ ଦୁଇଜଣ ନୂଆ ସଦସ୍ୟ ପ୍ରଫେସର ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ଓ ଗୌରାଙ୍ଗ ଚରଣ ସାହୁଙ୍କ ନିଯୁକ୍ତି, ଓଏଇଏସ୍ କ୍ୟାଡ଼ର, ଓଡ଼ିଶା ପର୍ଯ୍ୟଟନ ସେବା କ୍ୟାଡ଼ରରେ ସଂଶୋଧନ, ଲୋକାୟୁକ୍ତଙ୍କ ବାର୍ଷିକ ରିପୋର୍ଟ-୨୦୨୨ ଆଦିକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି।

### ମିଛ ପ୍ରମାଣପତ୍ର ...

ଉଠୁଛି ଜଣେ ଶିକ୍ଷକ ଯଦି ମିଥ୍ୟା ପ୍ରମାଣପତ୍ର ଦେଇ ଶିକ୍ଷକ ଭାବେ ଚାକିରି କରେ ପିଲାମାନେ ତାଙ୍କଠାରୁ କେଉଁ ଶିକ୍ଷା ଲାଭ କରିବେ। ପୂର୍ବରୁ ତାଙ୍କ ନାମରେ ତିହିଡି ପିଏସ୍ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଥିଲା ବେଳେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାରଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ବିଇଓ ଥିବା ସମୟରେ ସେ ଅନେକ ଦୁର୍ନୀତି କରିଥିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ହେଲେ ଶ୍ରୀ ସାହୁ ଏଥିପାଇଁ କେବେ ଲଜ୍ଜିତ ନହୋଇ ବରଂ ଗର୍ବର ସହ ନିଜକୁ ଜଣେ ଭଲ ମଣିଷ ବୋଲି କହିବୁଲନ୍ତି। ବିଡମ୍ବନାର ବିଷୟ ସମ୍ପ୍ରତି ଶ୍ରୀ ସାହୁ ପଦୋନ୍ନତି ପାଇ ଭଦ୍ରକ ଶିକ୍ଷା ଜିଲ୍ଲାରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭାବରେ ଅବସ୍ଥାପିତ ହୋଇଛନ୍ତି। ହେଲେ ତାଙ୍କ ବିରୋଧରେ ଥିବା ଅନେକ ଅଭିଯୋଗର ସୂଚନା ପାଇଁ ତାଙ୍କୁ ସୂଚନା ଅଧିକାର କର୍ମୀ ତଥା ସାମ୍ବାଦିକ ବିକାଶ କୁମାର ଧଳ ତଥ୍ୟ ମାଗିଥିଲେ ବି ସେ କୌଣସି ଠୋସ୍ ପ୍ରମାଣପତ୍ର ଦେଉନାହାନ୍ତି। ବରଂ କହୁଛନ୍ତି ଯେ, ଶିକ୍ଷା ବିଭାଗ ତାଙ୍କ ହାତ ମୁଠାରେ, କେହି ତାଙ୍କର କିଛି କରିପାରିବେନି। ପ୍ରଶ୍ନ ଉଠୁଛି ଜଣେ ନକଲି ଶିକ୍ଷକ ଏଭଳି ପଦୋନ୍ନତି ପାଇବା ପଛରେ କାହାର ହାତ ରହିଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ସାମ୍ନାକୁ ଆସିପାରିବ।

### ସର୍ଭେ ପାଇଁ ...

ଜ୍ଞାନବାପୀ ପରିସରରେ ଥିବା ସବୁ ଅଞ୍ଚଳର ସର୍ଭେ କରିବ। ସର୍ଭେ ରିପୋର୍ଟ କୋର୍ଟଙ୍କ ହସ୍ତଗତ ହେବା ପରେ ଏ ସଂପର୍କରେ ପରବର୍ତ୍ତୀ ଶୁଣାଣି କରାଯିବ। ଶୁଣାଣି ବେଳେ ମୁସଲିମ ପକ୍ଷରୁ ପିଟିସନକୁ ବିଚାରପତି ଖାରଜ କରିଦେଇଥିଲେ। ସୂଚନାଯୋଗ୍ୟ, କାଶୀ ବିଶ୍ୱନାଥ ମନ୍ଦିରକୁ ଲାଗି ଥିବା ବାରଣାସୀର ଜ୍ଞାନବାପୀ ମସଜିଦ ପରିସରରେ ଶିବଲିଙ୍ଗ ରହିଛି। କାଶୀ ବିଶ୍ୱନାଥ ମନ୍ଦିରର ଏକ ଅଂଶକୁ ଧ୍ୱଂସ କରାଯାଇ ମସଜିଦ ନିର୍ମାଣ କରାଯାଇଛି। ମୁସଲିମ ଶାସକ ଔରଙ୍ଗଜେବଙ୍କ ଶାସନକାଳରେ ଷୋଡ଼ଶ ଶତାବ୍ଦୀରେ ଏହି ମସଜିଦ ନିର୍ମାଣ ହୋଇଥିବା ନେଇ ୧୯୯୧ ମସିହାରେ ବାରାଣସୀର ଏକ କୋର୍ଟରେ ପିଟିସନ ଦାଖଲ ହୋଇଥିଲା। ଏହାର ପରିସରକୁ ଏଏସଆଇ ସର୍ଭେ କଲେ କାନ୍ଥରେ ସ୍ୱସ୍ତିକ ଚିହ୍ନ ସହ ଶିବଙ୍କ ଶ୍ଲୋକ ମିଳିବ ବୋଲି ପିଟିସନରେ ଦର୍ଶାଯାଇଥିଲା। ଏହି ମାମଲା ଏଯାଏ ବିଚାରାଧୀନ ରହିଥିଲା ବେଳେ ଜିଲ୍ଲା କୋର୍ଟର ଆଜିର ରାୟ ହିନ୍ଦୁ ପକ୍ଷଙ୍କ ବଡ଼ ବିଜୟ ବୋଲି କୁହାଯାଉଛି।

### ଦରବୃଦ୍ଧି ପ୍ରଭାବ ...

ସଙ୍କଟ ଓ ଦରବୃଦ୍ଧି ଦେଇ ଗତି କରୁଥିବା ଦେଶଗୁଡ଼ିକୁ ଏଭଳି ବ୍ୟାନ୍ ନିଷ୍ପତ୍ତି ପ୍ରଭାବିତ କରିବ। ଗତବର୍ଷ ଭାରତ ୧୦.୩ ମିଲିୟନ ଟନ୍ ଚାଉଳ ରପ୍ତାନୀ କରିଥିଲା। ଆବଶ୍ୟକ ଚାହିଦା ପୂରଣ ନିମନ୍ତେ ଅନ୍ୟ କେହି ରପ୍ତାନୀକାରୀ ଏପର୍ଯ୍ୟନ୍ତ ମିଳି ନଥିବା ରୋବବ୍ୟାଙ୍କ ବରିଷ୍ଠ ବିଶେଷଜ୍ଞ ପ୍ରକାଶ କରିଛନ୍ତି। ଥାଇଲାଣ୍ଡ, ଭିଏତନାମ ସମେତ କିଛିକାଂଶରେ ପାକିସ୍ତାନ ଓ ଆମେରିକା ଚାଉଳ ରପ୍ତାନୀ କରୁଥିଲେ ହେଁ ଏହା ବିଶ୍ୱ ବଜାରର ଆବଶ୍ୟକତା ପୂରଣ ନିମନ୍ତେ ଯଥେଷ୍ଟ ନୁହେଁ। ମସ୍କୋ ବ୍ଲାକ୍ ସି ଗ୍ରେନ୍ ଚୁକ୍ତିରୁ ଓହରି ଯିବା ପରେ ଗହମ ଦର ବୃଦ୍ଧି ପାଇଛି। ଯେଉଁମାନେ ଗହମ ବ୍ୟବହାର କରୁଥିଲେ ବିକଳ୍ପ ଭାବେ ଶସ୍ତାରେ ମିଳୁଥିବା ଚାଉଳ ବ୍ୟବହାର କରୁଥିଲେ। ଏବେ ଭାରତ ଚାଉଳ ରପ୍ତାନୀ ବନ୍ଦ ନିଷ୍ପତ୍ତି ନେଇଥିବାରୁ ବିଶ୍ୱବାସୀଙ୍କ ଖାଦ୍ୟ ଥାଳିକୁ ପ୍ରଭାବିତ କରିବା ଅନୁମାନ କରାଯାଉଛି। ସୂଚନା ଥାଉକି, ଗତବର୍ଷ ଠାରୁ ଦର ନିୟନ୍ତ୍ରଣ ନିମନ୍ତେ ଗହମ ଓ ଚିନି ରପ୍ତାନୀ ଉପରେ ଭାରତ ସରକାର କଟକଣା ଜାରି କରିଥିଲେ।

### ୫ ହଜାର ...

ଡାକ୍ତରୀ ନିଯୁକ୍ତି କରୁନାହାନ୍ତି। ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ମେଡିକାଲ କଲେଜରୁ ୨୦୧୯ରେ ୭୩୭ଜଣ, ୨୦୨୦ରେ ୭୫୮ ଜଣ ଏମବିବିଏସ୍ ଡିଗ୍ରୀଧାରୀ କୃତକାର୍ଯ୍ୟ ହୋଇଥିବାବେଳେ ୨୦୨୨ରେ ଏହି ସଂଖ୍ୟା ୧୦୨୫କୁ ବୃଦ୍ଧି ପାଇଛି। ରାଜ୍ୟରେ ଏବେ ଉଭୟ ସରକାରୀ,ବେସରକାରୀ ଓ ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ପ୍ରାୟ ୨୭ହଜାର ଡାକ୍ତର କାର୍ଯ୍ୟରତ ଥିବାବେଳେ ଓଡ଼ିଶାର ଜନସଂଖ୍ୟା ଆଧାରରେ (ପ୍ରତି ହଜାର ଲୋକଙ୍କୁ ଜଣେ ଡାକ୍ତର)ରେ ମୋଟ ୪୬ହଜାର ଡାକ୍ତରଙ୍କ ଆବଶ୍ୟକତା ରହିଛି। ଏହି ୫ହଜାର ନୂଆ ଡାକ୍ତରୀ ପଦବୀ ସୃଷ୍ଟି ପରେ ରାଜ୍ୟରେ ଉଭୟ ଘରୋଇ ଓ ସରକାରୀ କାର୍ଯ୍ୟରତ ଡାକ୍ତରଙ୍କ ସଂଖ୍ୟା ୩୨ହଜାରକୁ ବୃଦ୍ଧି ପାଇବ। ରାଜ୍ୟରେ ମୋଟ ମଞ୍ଜୁରୀପ୍ରାପ୍ତ ଏଲୋପ୍ୟାଥିକ ଡାକ୍ତର ପଦବୀ ସଂଖ୍ୟା ୧୦୭୭୪ଥିବାବେଳେ ଏବେ ୮୨୧୩ଜଣ କାର୍ଯ୍ୟରତ ଓ ବାକି ପ୍ରାୟ ୨୫୬୧ଟି ପଦବୀ ଖାଲି ପଡ଼ିଥିବା ଜଣାପଡ଼ିଛି। ସେହିପରି ଏହି ୫ହଜାର ନୂଆ ଡାକ୍ତରୀ ପଦବୀ ସୃଷ୍ଟି ସହ ରାଜ୍ୟରେ ମୋଟ ମଞ୍ଜୁରୀପ୍ରାପ୍ତ ଡାକ୍ତରୀ ପଦବୀ ସଂଖ୍ୟା ୧୫୭୭୪କୁ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ,ଓଡ଼ିଶାରେ ଜନସଂଖ୍ୟା ଏବେ ୪.୬୩ କୋଟି ହୋଇଥିବାବେଳେ ରାଜ୍ୟରେ ପ୍ରାୟ ୪୬ହଜାର ଡାକ୍ତରଙ୍କ ଆବଶ୍ୟକତା ରହିଛି। ଯଦିଓ ଚଳିତବର୍ଷରୁ ରାଜ୍ୟରେ ବାର୍ଷିକ ୧୦୨୫ଜଣ ଛାତ୍ରଛାତ୍ରୀ ଏମବିବିଏସ୍ ଡିଗ୍ରୀ ହାସଲ କରୁଛନ୍ତି, ତଦନୁପାତରେ ସେମାନଙ୍କୁ ନିଯୁକ୍ତି ସରକାରୀସ୍ତରରେ ଦିଆଯାଉନଥିବା ଜଣାପଡ଼ିଛି।

### ବ୍ୟାଙ୍କ ...

୧୪୨୧୮ଜଣଙ୍କ ଆବେଦନ ଉପରେ କ୍ଷେତ୍ରସ୍ତରରେ ଯାଞ୍ଚ (ଫିଲଡ୍ ଭେରିଫିକେସନ) ହୋଇଛି। ସେମାନଙ୍କ ମଧ୍ୟରୁ ୭୭୪୭ଜଣ ଆବେଦନକାରୀଙ୍କ ଗୃହ ନିର୍ମାଣର ଯୋଜନା ଓ ଆକଳନ ଅପଲୋଡ୍ ହୋଇଥିବାବେଳେ ୮୧୨୦ଜଣଙ୍କ ଜିଓଟ୍ୟାଗିଂ ହେବା ସହ ମାତ୍ର ୪୬୬୭ଜଣ ଆବେଦନକାରୀଙ୍କୁ ଋଣ ଦେବା ପାଇଁ ବ୍ୟାଙ୍କକୁ ସୁପାରିଶ କରାଯାଇଛି। ଅର୍ଥାତ୍ ଆବେଦନକାରୀଙ୍କ ମଧ୍ୟରୁ ୧ଲକ୍ଷ ୧୦ହଜାର ୨୧୦ଜଣଙ୍କ ଆବେଦନ ଏବେବି ବ୍ଲକସ୍ତରରେ ପଡ଼ିରହିଛି। ଗତ ସପ୍ତାହକ ମଧ୍ୟରେ ଆଉ ୪ରୁ ୫ହଜାର ଆବେଦନ ମିଳିଥିବା ଜଣାପଡ଼ିଛି। ଏହି ଯୋଜନାକୁ ନେଇ ଲୋକଙ୍କ ମଧ୍ୟରେ ଆଗ୍ରହ ରହୁନଥିବାରୁ ଆବେଦନ ସଂଖ୍ୟା ମଧ୍ୟ ଉତ୍ସାହଜନକ ହୋଇନାହିଁ। ସେହିପରି 'ମୋ ଘର' ଯୋଜନାରେ ଆବେଦନକାରୀଙ୍କ ନାଁରେ ଜମି ପଟ୍ଟା ଥିବା ବାଧ୍ୟତାମୂଳକ ହୋଇଥିବାରୁ ଗ୍ରାମାଞ୍ଚଳର ଗରିବ ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଛନ୍ତି। ରାଜ୍ୟର ଗ୍ରାମାଞ୍ଚଳରେ ୯୦ ପ୍ରତିଶତରୁ ଅଧିକ ବାସଜମି ବା ଘରବାରି ଜମିଗୁଡ଼ିକ ଇଜମାଇଲ୍ ସମ୍ପତ୍ତି। ଆବେଦନକାରୀଙ୍କ ପିତା ଅବା ଜେଜେଙ୍କ ନାଁରେ ଏସବୁ ସମ୍ପତ୍ତି ଥିବାବେଳେ ଏହି ଘର ନିର୍ମାଣ ନିମନ୍ତେ ଜମିର ସ୍ୱତ୍ତାଧିକାରୀ ଆବେଦନକାରୀ ହୋଇଥିବା ବାଧ୍ୟତାମୂଳକର ପ୍ରାବଧାନ ଯୋଗୁ ଅନେକ ଆବେଦନ କରିପାରୁନାହାନ୍ତି। ଇଜିମାଇଲ ସମ୍ପତ୍ତି ହୋଇଥିବାରୁ ସେହି ଜମି ପଟ୍ଟାକୁ ବନ୍ଧକ ରଖିବାକୁ ମଧ୍ୟ ଅନ୍ୟ ଅଂଶୀଦାରମାନେ ସମ୍ମତି ଦେଉନାହାନ୍ତି। ସେହିପରି ଆବେଦନ ପରେ ବନ୍ଧକ ରଖିବାକୁ ଦିଆଯାଇଥିବା ଜମିର ଇସି ବାହାର କରିବା ଦାୟିତ୍ୱ ବ୍ୟାଙ୍କଗୁଡ଼ିକର ହୋଇଥିଲେ ମଧ୍ୟ ଆବେଦନକାରୀଙ୍କୁ ଏହି ଇସି ବାହାର କରିବା ନିମନ୍ତେ ବାଧ୍ୟ କରାଯାଉଛି। କେବଳ ସେତିକି ନୁହେଁ ଆଦିବାସୀବହୁଳ ଅଞ୍ଚଳ ଅର୍ଥାତ୍ ସିଡ୍ୟୁଲ ଏରିଆରେ ଆଦିବାସୀଙ୍କ ଜମିକୁ ବନ୍ଧା ରଖିବାରେ ଆଇନଗତ ସମସ୍ୟା ରହିଛି। ଏସବୁ ବ୍ୟତୀତ ଗ୍ରାମାଞ୍ଚଳର ବହୁ ଗରିବ ଲୋକ ବିଭିନ୍ନ ସୋସାଇଟିରୁ ଫସଲ ଋଣ କିମ୍ବା କୌଣସି ସ୍ୱୟଂ ସହାୟକ ଗୋଷ୍ଠୀରୁ ଋଣ ନେଇଥିବା ଜଣାପଡ଼ିଛି। ଯେଉଁଥିପାଇଁ ବ୍ୟାଙ୍କ ସେମାନଙ୍କୁ 'ଡିଫଲ୍ଟ'କାରୀ ଭାବେ ବିବେଚନା କରୁଛି। ଗ୍ରାମାଞ୍ଚଳର ଅଧିକାଂଶ ଲୋକଙ୍କର ସିବିଲ୍ ସ୍କୋର ମଧ୍ୟ ଠିକ୍ ନାହିଁ। ତେଣୁ ଏସବୁକୁ ବ୍ୟାଙ୍କ କର୍ତ୍ତୃପକ୍ଷ କଡ଼ାକଡ଼ି ଯାଞ୍ଚ କରୁଥିବାରୁ ଗ୍ରାମାଞ୍ଚଳର ଗରିବ ଯୋଗ୍ୟ ବ୍ୟକ୍ତିଟିଏ ପାଇଁ ଘର ପାଇବା ସ୍ୱପ୍ନରେ ରହିଯାଇଛି। ଗ୍ରାମାଞ୍ଚଳ ଗରିବଙ୍କ ପାଇଁ ୪ଟି ଗୃହନିର୍ମାଣ ଯୋଜନା କାର୍ଯ୍ୟକାରୀ କରୁଥିବା ସରକାର ଆର୍ଥିକ ଦୁର୍ବଳ ବର୍ଗଙ୍କୁ ସିଧାସଳଖ ଘର ଆବଣ୍ଟନ ନକରି ଏଭଳି କ୍ୟାପିଟାଲ ସବସିଡି ଦେବାକୁ ନିଷ୍ପତ୍ତି ନେଇଥିବାରୁ ଗରିବ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ସରକାର 'ବିଜୁ ପକ୍କାଘର' ଯୋଜନାରେ ଗୋଟିଏ ବି ଘର କାହାରିକୁ ଆବଣ୍ଟନ କରିନଥିବା ଜଣାପଡ଼ିଛି। ଯଦିଓ ବଜେଟରେ ଏଥିପାଇଁ ୪୮୬.୯୦କୋଟି ଟଙ୍କାର ବ୍ୟବସ୍ଥା ରଖିଛନ୍ତି। ଆଉ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟର ଅଂଶଧନ ବାବଦରେ ୫୯୩୩.୭୦କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା ରାଜ୍ୟ ସରକାର କରିଛନ୍ତି। ରାଜ୍ୟର କ୍ଷମତାସୀନ ବିଜେଡି ସରକାର ନିଜର ନିର୍ବାଚନୀ ଇସ୍ତାହାରରେ ସମସ୍ତଙ୍କ ମୁଣ୍ଡରେ ଛାତ ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତି ଦେଇଥିବାରୁ ନିଜସ୍ୱ ଗ୍ରାମୀଣ ଗୃହନିର୍ମାଣ ଯୋଜନା 'ବିଜୁ ପକ୍କାଘର'ରେ ଗରିବ ଲୋକଙ୍କୁ ଗୃହ ଯୋଗାଣ କିମ୍ବା 'ମୋ ଘର'ଯୋଜନାର ସର୍ତ୍ତାବଳୀକୁ କୋହଳ ସହ ବ୍ୟାଙ୍କରେ ରାଜ୍ୟ ସରକାର ନିଜେ ଗ୍ୟାରେଣ୍ଟର ରହିଲେ କିମ୍ବା କୋହଳ ନୀତି ଅବଲମ୍ବନ କଲେ ହିଁ ଏହି ଯୋଜନା ସଫଳ ରୂପ ନେଇପାରିବ ବୋଲି ସାଧାରଣରେ ଚର୍ଚ୍ଚା।

### ଜାତୀୟ ଚିତ୍ରକଳା ପ୍ରଦର୍ଶନୀ 'ଭିଭିଡ୍ ହ୍ୟୁଜ୍-୨' ଉଦ୍‌ଘାଟିତ

# ସହଭାଗିତା କଲେ ଓଡ଼ିଆ ଶିଳ୍ପୀ ଡ. ପଞ୍ଚାନନ ସାମଲ



**ଭୁବନେଶ୍ୱର:** ବାଙ୍ଗାଲୋରସ୍ଥିତ କର୍ଣାଟକ ଚିତ୍ରକଳା ପରିଷଦ ଆର୍ଟ ଗ୍ୟାଲେରୀ -୪ ପରିସରରେ ହାଇଦ୍ରାବାଦର କଳାମିତ୍ର ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଜାତୀୟ ଚିତ୍ର ଓ ସ୍ଥାପତ୍ୟ କଳା ପ୍ରଦର୍ଶନୀ 'ଭିଭିଡ୍ ହ୍ୟୁଜ୍-୨' ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ଟୋଟାଲ୍ ଇନ୍‌ଭାରୋମେଣ୍ଟ ବିଲଡିଂ ସିଷ୍ଟମ୍ ପ୍ରା. ଲିଃ. ବାଙ୍ଗାଲୋରର ପ୍ରତିଷ୍ଠାତା ଶିବାନୀ ସାଗର ମୁଖ୍ୟ ଅତିଥି, ବରିଷ୍ଠ ଚିତ୍ରଶିଳ୍ପୀ କେ. ଜି. ଲିଙ୍ଗାଦେଭାରୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବା ସହ ଶିଳ୍ପୀ ମାନଙ୍କ ସୃଜନାତ୍ମକ ଚିନ୍ତାଧାରାରୁ ସୃଷ୍ଟ କଳାକୃତିକୁ ବୁଲି ଦେଖିଥିଲେ ଏବଂ ଶିଳ୍ପୀ ମାନଙ୍କ କାର୍ଯ୍ୟ ଦକ୍ଷତାକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଜାତୀୟ ପ୍ରଦର୍ଶନୀରେ ଅର୍ନ୍ତଜାତୀୟ ଚିତ୍ରଶିଳ୍ପୀ ତଥା ଓଡ଼ିଶା ଲଳିତକଳା ଏକାଡେମୀର ସଚିବ ଡଃ ପଞ୍ଚାନନ ସାମଲ ଆମ ରାଜ୍ୟରୁ ପ୍ରତିନିଧିତ୍ୱ କରି ଓଡ଼ିଶାର କଳା ଓ କଳାକାରଙ୍କ ପାଇଁ ସୁନାମ ସାଉଁଟିଛନ୍ତି। ଏତଦ୍ ବ୍ୟତିତ ବାଙ୍ଗାଲୋରରୁ ଅସୀମା ଚୌଧୁରୀ, ଗଙ୍ଗାଧର ସୋମାପ୍ପା, ଜୋସ୍ନା କାନସି, ଡଃ ସିମନ୍ତିନୀ ଦେଶାଇ (ଏମ୍‌ଡି), ହାଇଦରାବାଦରୁ ଜେ. ଚନ୍ଦ୍ର ବାବୁ ଓ ମୋଥୁକୁରୀ ରମେଶ ଏବଂ ଖଡ୍ଗରୁ ନବୀନ ବି. ପଟ୍ଟାରଙ୍କ କଳାକୃତି ପ୍ରଦର୍ଶନୀ ର ନବକଳେବରକୁ ଦ୍ୱିଗୁଣିତ କରିଥିଲା। ଅଂଶ ଗ୍ରହଣକାରୀ ଚିତ୍ରଶିଳ୍ପୀମାନଙ୍କୁ ଅତିଥି ବୃନ୍ଦ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଶେଷରେ କଳାମିତ୍ର ଫାଉଣ୍ଡେସନର ପ୍ରତିଷ୍ଠାତା ମୋଥୁକୁରୀ ରମେଶ ଧନ୍ୟବାଦ ଅର୍ପଣ କରିଥିଲେ।

# 'ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ନଖେଳି ଶିକ୍ଷକ ନିଯୁକ୍ତି କରନ୍ତୁ'



**ଭୁବନେଶ୍ୱର :** ଓଡ଼ିଶା ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ମରୁଡି। ନାକ୍ ମାନ୍ୟତା ହ୍ରାସ ପାଉଛି ବିଶ୍ୱବିଦ୍ୟାଳୟରେ। ରାଜ୍ୟ ସରକାର ଗବେଷଣା ଓ ଗୁଣାତ୍ମକ ଶିକ୍ଷାକୁ ନେଇ ବାଃ ବାଃ ନେଉଥିବାବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ବିଫଳ। ଚଳିତ ବର୍ଷ ୩ଟି ବିଶ୍ୱବିଦ୍ୟାଳୟ ଯଥା ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ୧୪ଟି ବିଭାଗ ପାଇଁ ୪୪୦ସିଟ୍, ଓଡ଼ିଆ ବିଶ୍ୱବିଦ୍ୟାଳୟରେ ୩ବିଭାଗ ୭୨ଟି ସିଟ୍ ଓ ଧରଣୀଧର ବିଶ୍ୱବିଦ୍ୟାଳୟ ୧୭ବିଭାଗ ପାଇଁ ୩୦୪ସିଟ୍‌ରେ ଆଡମିସନ ଚାଲିଥିବାବେଳେ ସେଠାରେ ଏପର୍ଯ୍ୟନ୍ତ କୁଳପତି, ଅଧ୍ୟାପକ ଓ ପ୍ରଶାସନିକ ଅଧିକାରୀ ନାହାନ୍ତି। ଉଚ୍ଚଶିକ୍ଷାରେ ଟ୍ରାନ୍ସପରେନ୍ସି ଅଛି କି? ୯୦୦ରୁ ଅଧିକ ପଦ ଖାଲିପଡିଥିଲେ ବି ରାଜ୍ୟ ସରକାର ସେଥିରେ କାହିଁକି ନିଯୁକ୍ତି କରୁନାହାନ୍ତି। ଆଡମିସନ ନେଇଥିବା ଛାତ୍ରଛାତ୍ରୀଙ୍କୁ କିଏ ପାଠ ପଢ଼ାଇବେ? ଗତକାଲି ନୟାଗଡ ଯାଇ କଲେଜକୁ ୫-ଟି କରିବେ ବୋଲି ଘୋଷଣା କରିଥିଲେ କିନ୍ତୁ ଏପଟେ ଉକ୍ତ ବିଶ୍ୱବିଦ୍ୟାଳୟରେ ୨୫୭ ଅଧ୍ୟାପକ ପଦବି ମଞ୍ଜୁର ରହିଛି ହେଲେ ଅଧ୍ୟାପକ ନାହାନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୧୮୨ଟି ଅଧ୍ୟାପକ ପଦବୀରୁ ୮୦ ପଦବି ଖାଲି ପଡିଛି। ରମାଦେବୀ ବିଶ୍ୱବିଦ୍ୟାଳୟରେ ୨୪୫ଅଧ୍ୟାପକ ଆବଶ୍ୟକ ରହିଛି। ସରକାର ୧୩୯ ଅଧ୍ୟାପକ ପଦବିକୁ ମଞ୍ଜୁର କରିଛନ୍ତି ହେଲେ ୬୦ଜଣ ଅଧ୍ୟାପକରେ ପାଠପଢ଼ା ଚାଲିଛି। ଏଠାରେ ୩୨ବିଭାଗରେ ୧୦୩୬ସିଟ୍ ରହିଛି ହେଲେ ୬୦ଜଣ ଅଧ୍ୟାପକରେ କିପରି ପାଠପଢ଼ା ଏବଂ ଗବେଷଣା ହେଉଛି ବୋଲି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡା ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

ଶ୍ରୀ ପରିଡା କହିଛନ୍ତି ଯେ, ରାଜ୍ୟ ସରକାର ୫-ଟି ଭେଳିକି ବନ୍ଦ କରି ଓଡ଼ିଶାରେ କିଭଳି ଉଚ୍ଚଶିକ୍ଷାର ମାନ ବୃଦ୍ଧି ହେବ ସେ ନେଇ ସମୀକ୍ଷା କରନ୍ତୁ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ନଖେଳି ଶିକ୍ଷକ ନିଯୁକ୍ତି କରନ୍ତୁ। ରାଜ୍ୟ ସରକାର ପ୍ରାଥମିକ ଓ ଉଚ୍ଚପ୍ରାଥମିକ ଶିକ୍ଷାକୁ ନେଇ ରାଜନୀତି ବନ୍ଦ କରନ୍ତୁ। ୨୩ବର୍ଷ ଶାସନରେ ରହି ରାଜ୍ୟ ସରକାର ଶିକ୍ଷାକୁ ପ୍ରତି ଅବହେଳା କରିବା ଅତ୍ୟନ୍ତ ଲଜ୍ୟା। ୫-ଟି ନାଁରେ ରାଜ୍ୟ ସରକାର ଭେଳିକି ବନ୍ଦ କରି କେଉଁ ବିଶ୍ୱବିଦ୍ୟାଳୟରେ କେତେ ଅଧ୍ୟାପକ, ଅଣ ଅଧ୍ୟାପକ ଓ ଛାତ୍ରଛାତ୍ରୀ ତାହାର ତୁରନ୍ତ ରିପୋର୍ଟ ପ୍ରଦାନ କରନ୍ତୁ। ରାଜ୍ୟ ସରକାର ମିଥ୍ୟା ପ୍ରଚାର ପ୍ରସାର କଲେ ଶିକ୍ଷାର ମାନ ବୃଦ୍ଧି ହେବ ନାହିଁ ବରଂ ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକଙ୍କ ନିଯୁକ୍ତି ଆବଶ୍ୟକତା ରହିଛି। ତେଣୁ ରାଜ୍ୟ ସରକାର ମିଥ୍ୟା ଆତ୍ମପ୍ରଚାରରେ ନମାତି ଗୁଣାତ୍ମକ ଶିକ୍ଷା, ପ୍ରଦାନ ପାଇଁ ଆବଶ୍ୟକ ଶିକ୍ଷକ ନିଯୁକ୍ତି ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ଶ୍ରୀ ପରିଡା ଦାବି କରିଛନ୍ତି।

# ପୂର୍ବତନ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ କବାସୀଙ୍କ ବିୟୋଗ



**ପଡ଼ିଆ:** ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକର ବିଜୁ ମହିଳା ସଭାନେତ୍ରୀ ତଥା ପୂର୍ବତନ ପଡ଼ିଆ ବ୍ଲକ ସମିତି ଅଧ୍ୟକ୍ଷା ଶ୍ରୀମତୀ ରାଜେଶ୍ୱରୀ କ୍ୱାସୀଙ୍କ ଦେହାନ୍ତ ଘଟିଛି। କିଛି ଦିନ ପୂର୍ବରୁ ତାଙ୍କେ ଅସୁସ୍ଥ ଥିଲେ। ସେ ଭୁବନେଶ୍ୱର ଏମ୍ସ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ପରିବାର ଲୋକ ସେଠାରୁ ମର ଶରୀରକୁ ନିଜ ବାସଭବନ ପଡ଼ିଆକୁ ଆଣି ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ତାଙ୍କ ମୃତ୍ୟୁରେ ପଡ଼ିଆ ବ୍ଲକ ରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଶେଷକୃତ୍ୟ କାର୍ଯ୍ୟକ୍ରମ ଅବସରରେ ମାଲକାନଗିରି ଜିଲ୍ଲା ଉପଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ, ମାଲକାନଗିରି ଜିଲ୍ଲା ପୁର୍ବତନ ବିଧାୟକ ମାନସ ମାଡକାମି, ପୁର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ମାଲକାନଗିରି ପୌରାଧ୍ୟକ୍ଷ ମନୋଜ କୁମାର ବାରିକ, ସତନ୍ତ୍ର ଉନୟନ ପରିଷଦ ଅଧ୍ୟକ୍ଷ ତଥା ଜିଲ୍ଲା ବିଜୁ ଯୁବ ସଭାପତି ଆଡ଼ମା ରାବା,ସମାଜସେବି ତଥା ବରିଷ୍ଠ ନେତା ପ୍ରଭାକର ହନ୍ତାଳ, ପଡ଼ିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ଯମୁନା ମୁସାକୀ, ବିଜୁ ମହିଳା ଜନତା ଦଳ ମାଲକାନଗିରି ଜିଲ୍ଲା ସଭାନେତ୍ରୀ ତଥା ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ପଡ଼ିଆ ଜିଲ୍ଲା ପରିଷଦ ସଭ୍ୟା ସୁରଭି ଭୌମିକ, ପୂର୍ବତନ ମାଲକାନଗିରି ବ୍ଲକ ଅଧ୍ୟକ୍ଷ ସର୍ବକୁମାର ବିଶୋଇ, ପଡ଼ିଆ ସାଂସଦ ପ୍ରତିନିଧି ସି.ଏଚ. ରେବିଡ କୁମାର, ପଡ଼ିଆ ଜୋନ ସଭାପତି ଏମ.ମେଷାକ ମାଦ୍ରି, ଜିଲ୍ଲା ଯୁବ ଉପସଭାପତି କଣ୍ଟେଶ୍ୱର ପୋଟଲା, ଏମ.ଡି.ଫାରୁକ, ଜିଲ୍ଲା ଯୁବ ସମ୍ପାଦକ ବସନ୍ତ ନାୟକ,ପତ୍ରକାର ତଥା ସମାଜସେବୀ ସନୁ ଅନୁଗୁ,ପଡ଼ିଆ ସରପଞ୍ଚ ଗଙ୍ଗା କାରାମ, ପୁର୍ବତନ ସରପଞ୍ଚ ଦେବେ ମାଡ଼ି, ବି.ବିଭୁତି ଭୂଷଣଙ୍କ ସହ ସମସ୍ତେ ସମିତି ସଭ୍ୟ ସଭ୍ୟା ଓ ବହୁ ବରିଷ୍ଠ ବୁଦ୍ଧିଜୀବୀ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା କରିଥିଲେ।

# ଆମ ସହର ବାଲେଶ୍ୱର



ସୁଚରିତା ବେହେରା





ସାର୍ବଭୌମତ୍ୱ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷର ରାଷ୍ଟ୍ର ଭାରତବର୍ଷର ଉତ୍ତର ପୂର୍ବାଞ୍ଚଳରେ ଅବସ୍ଥିତ ଆମ ସହର 'ବାଲେଶ୍ୱର'। ଏହି ସହରକୁ ବାଲିର ସହର ଏବଂ ମିସାଇଲ ସିଟି ମଧ୍ୟ କୁହାଯାଇଥାଏ। କାରଣ ଏହା ସମୁଦ୍ର ଉପକୂଳ ସ୍ଥିତ ସହର ଏବଂ ଏଠାରେ ମିସାଇଲ ପରୀକ୍ଷଣ କେନ୍ଦ୍ର 'ଚାନ୍ଦିପୁର' ଅବସ୍ଥିତ। ଏଠାରେ ପ୍ରତିଥର କ୍ଷେପଣାସ୍ତ୍ର ଆଦିମାନ ପରୀକ୍ଷା କରାଯାଏ। ଏଠାରେ ସେନାବାହିନୀ ମାନଙ୍କୁ ଉପଯୁକ୍ତ ନୈତିକତା ଓ ମୂଲ୍ୟବୋଧର ଶିକ୍ଷା ଦିଆଯାଇ ଯୋଗ୍ୟ ବିବେଚିତ କରାଯାଏ। ଏଥିପାଇଁ ଏହି ସ୍ଥାନ ବାଲେଶ୍ୱରର ଗର୍ବ ଓ ଗୌରବର ପ୍ରତୀକ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉନ୍ନତି ଓ ସର୍ବୋତ୍ତମ ପ୍ରଗତି ପାଇଁ ଏଠାରେ ବିଭିନ୍ନ ପ୍ରକଳ୍ପ ମାନ ପ୍ରତିଷ୍ଠା କରାଯାଇଛି। ତନ୍ମଧ୍ୟରୁ ନୌ ବାଣିଜ୍ୟ କେନ୍ଦ୍ର, ଇମାମି ପେପର ମିଲସ, ବିର୍ଲା ଟାୟାର୍ସ, ବାଲେଶ୍ୱର ଏଲୋୟସ ଲିମିଟେଡ଼, ବାଲେଶ୍ୱର ମେରାଇନ ଏକ୍ସପୋର୍ଟ ପ୍ରାଇଭେଟ ଲିମିଟେଡ଼, ଓଡିଶା ଏକ୍ସଟ୍ରସାନ୍ସ ପ୍ରାଇଭେଟ ଲିମିଟେଡ଼, ସାହିଲ ମେରାଇନ ଏକ୍ସପୋର୍ଟ ପ୍ରାଇଭେଟ ଲିମିଟେଡ଼, ଉତ୍କଳ ପଲିମର ପ୍ରାଇଭେଟ ଲିମିଟେଡ଼, ହରି ଉଦ୍ୟୋଗ ପ୍ରାଇଭେଟ ଲିମିଟେଡ଼, ଅରିପ୍ଲାଷ୍ଟ ପ୍ରାଇଭେଟ ଲିମିଟେଡ଼, ଉତ୍କଳ ପାଲିଓ୍ୱେଭ ଇଣ୍ଡଷ୍ଟ୍ରି ପ୍ରାଇଭେଟ ଲିମିଟେଡ଼ ଇତ୍ୟାଦି ପ୍ରକଳ୍ପ ମାନ ସ୍ୱତନ୍ତ୍ର ଓ ଅନ୍ୟତମ। ଆମ ସହର ବାଲେଶ୍ୱରରେ ପ୍ରସିଦ୍ଧ ଔପନ୍ୟାସୀକ, ସମାଜ ସଂସ୍କାରକ, ସମାଜ ସୁଧାରକ ଏବଂ ସାହିତ୍ୟିକ ସ୍ୱର୍ଗତ ବ୍ୟାସକବି ଫକୀର ମୋହନ ସେନାପତି ଜନ୍ମଗ୍ରହଣ କରିଥିଲେ। ଓଡ଼ିଆ ସାହିତ୍ୟ ଜଗତ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ରହିଛି। ଓଡ଼ିଆ ଭାଷା ଓ ସାହିତ୍ୟକୁ ଚିରସ୍ଥାୟୀ ଓ ବୁଦ୍ଧିମନ୍ତ କରି ଗଢି ତୋଳିବାରେ ତାଙ୍କର ଭୂମିକା ଅନନ୍ୟ। ତାଙ୍କର ଲେଖନୀ ନିଃସୃତ ଛମାଣ, ଆଠଗୁଣ୍ଠ, ଲଛମା, ମାମୁଁ, କାବେରୀ ଇତ୍ୟାଦି ପ୍ରସିଦ୍ଧ ଲାଭ କରିଅଛି। ତାଙ୍କ ରଚିତ ଉପନ୍ୟାସ ସମାଜକୁ ନାରୀ ମାନଙ୍କର ଶିକ୍ଷା ଓ ସମ୍ମାନର ଗୁରୁତ୍ୱକୁ ପ୍ରୋତ୍ସାହନ ଦେବା ସହ ବାଲ୍ୟ ବିବାହକୁ ମଧ୍ୟ ଅବରୋଧ କରାଇବାରେ ସହାୟକ ହୋଇ ପାରିଛି। ତଦବ୍ୟତୀତ ବୀରପୁରୁଷ ମାନଙ୍କର ବୀରଭୂମିରେ ଓଡ଼ିଆ ସାହିତ୍ୟର ପ୍ରମୁଖ ସ୍ରଷ୍ଟାମାନ ଯେପରିକି 'ରୀତି ଓ ଭକ୍ତି କବି ଦିନକୃଷ୍ଣ ଦାସ', 'ପଦ୍ମଶ୍ରୀ, ପଦ୍ମଭୂଷଣ, ସାହିତ୍ୟ ଏକାଡେମୀ ଓ ସରସ୍ୱତୀ ସମ୍ମାନରେ ସମ୍ମାନିତ କବି ମନୋଜ ଦାସ', ଅତିବଡ଼ି ଜଗନ୍ନାଥ ଦାସ ପୁରସ୍କାର ପ୍ରାପ୍ତ, ସାହିତ୍ୟ ଭାରତୀ ସମ୍ମାନରେ ସମ୍ମାନିତ, ଟାଗୋର ସାହିତ୍ୟ ପୁରସ୍କାର ପ୍ରାପ୍ତ କବି ବ୍ରଜନାଥ ରଥ, 'ଓଡ଼ିଆ ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଏବଂ ବିଷୁବ ମିଳନ ପୁରସ୍କାର ପ୍ରାପ୍ତ କବି କମଳା କାନ୍ତ ଲେଙ୍କା। ଏତଦବ୍ୟତୀତ ଲେଖକ ଲକ୍ଷ୍ମୀ ନାରାୟଣ ସାହୁ ଏକାଧାରରେ ଜଣେ କବି, ସାମ୍ବାଦିକ, ସମାଜସେବୀ, ସମାଜ ସଂସ୍କାରକ, ଏବଂ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ ହୋଇଥିଲେ। ଏହି ପୁଣ୍ୟଭୂମିରେ ଜନ୍ମ ଗ୍ରହଣ କରିଛନ୍ତି କବିବର ରାଧାନାଥ ରାୟଙ୍କ ଭଳି ଅଜୟ ଏବଂ ଚିରସ୍ଥାୟୀ ଅମରତ୍ୱ ପ୍ରାପ୍ତ କରିଥିବା ବିଶିଷ୍ଟ ଔପନ୍ୟାସୀକ ଓ ସାହିତ୍ୟିକ। ଏମାନେ ଓଡ଼ିଆ ଭାଷା ଓ ସାହିତ୍ୟ ସଂସ୍କୃତି ସହ ଓତଃପ୍ରୋତ ଭାବରେ ଜଡିତ ଥିଲେ ଏବଂ ଏହାର ଉନ୍ନତି ଓ ସ୍ଥାୟୀତ୍ୱ ପ୍ରତି ଏହି ପ୍ରସିଦ୍ଧ ଲେଖକ ମାନଙ୍କର ଅତୁଳନୀୟ ଅବଦାନ ରହିଛି। ଏହି ବୀରପୁରୁଷ ମାନଙ୍କର ପ୍ରତ୍ୟେକ ଲେଖନୀ ନିଃସୃତ ଉପନ୍ୟାସ, ଗଳ୍ପ, କବିତା ଏକ ଶିକ୍ଷିତ ସମାଜ ଗଠନରେ ସହାୟକ ହୋଇଛି। ଏକ ଶିକ୍ଷିତ ସମାଜ ହିଁ ଶିକ୍ଷିତ ରାଷ୍ଟ୍ରର ଦର୍ପଣ ଅଟେ। ଏଠାରେ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିବାରୁ ଏଠାରେ ବିଭିନ୍ନ ବିଶ୍ୱ ବିଦ୍ୟାଳୟ ମାନ ପ୍ରତିଷ୍ଠା କରାଯାଇଛି। ତନ୍ମଧ୍ୟରୁ ଫକୀର ମୋହନ ବିଶ୍ୱ ବିଦ୍ୟାଳୟ, ଫକୀର ମୋହନ ସ୍ୱୟଂଶାସିତ ବିଦ୍ୟାଳୟ, ବାଲେଶ୍ୱର କଲେଜ ଅଫ ଇନ୍‌ଷ୍ଟିଚ୍ୟୁଟ୍ ଏଣ୍ଡ ଟେକ୍ନୋଲୋଜି, ଏକାଡେମୀ ଅଫ ବିଜନେସ ଏଣ୍ଡ ଆଡମିନିଷ୍ଟ୍ରସନ, ଇଣ୍ଡଷ୍ଟିଆଲ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍, ମଡ଼ର୍ଣ୍ଣ ଇଞ୍ଜୀନିଅରିଂ ଏଣ୍ଡ ମ୍ୟାନେଜମେଣ୍ଟ, ଓଡିଶା ପଲିଟେକନିକ, ଗଭରମେଣ୍ଟ ପଲିଟେକନିକ, ଝାଡ଼େଶ୍ୱର ଇନ୍‌ଷ୍ଟିଚ୍ୟୁଟ୍ ଏଣ୍ଡ ଟେକ୍ନୋଲୋଜି, ବ୍ୟାସକବି ଜୁନିଅର ଯୁକ୍ତ ଦୁଇ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ଶ୍ରୀରାମ ଯୁକ୍ତ ଦୁଇ ବିଦ୍ୟାଳୟ, ବାଲେଶ୍ୱର ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି ଆଦି ଶିକ୍ଷାନୁଷ୍ଠାନ ମାନ ପ୍ରତିଷ୍ଠା କରାଯାଇଛି। ଆମ ଜିଲ୍ଲା ବାଲେଶ୍ୱରରେ ଭିନ୍ନ ଭିନ୍ନ ଶୈବପୀଠ ଏବଂ ଦେବାଳୟ ପାଇଁ ବିଶ୍ୱ ପ୍ରସିଦ୍ଧ ଲାଭ କରିଅଛି। ସେଥିମଧ୍ୟରୁ ବାବା ଭୂଷଣ୍ଡେଶ୍ୱର ଶୈବପୀଠ ଏସିଆର ସର୍ବବୃହତ ଶୈବପୀଠ ଭାବରେ ପ୍ରତିଷ୍ଠିତ। ଏତଦବ୍ୟତୀତ ବାବା ଚନ୍ଦନେଶ୍ୱର ଙ୍କର ଶୈବପୀଠ, ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠ, ବାବା ମଣି ନାଗେଶ୍ୱର ଶୈବପୀଠ, ବାବା ଝାଡ଼େଶ୍ୱର ଶୈବପୀଠ ଏବଂ ସ୍ୱପ୍ନେଶ୍ୱର ଶୈବପୀଠ ସ୍ୱତନ୍ତ୍ର ସ୍ଥାନରେ ଅଧିଷ୍ଠିତ। ଏହି ପବିତ୍ର କ୍ଷେତ୍ରରେ ବର୍ଷ ସାରା ଭକ୍ତ ମାନଙ୍କର ସମାରୋହ ଲାଗି ରହିଥାଏ। ଏଠାରେ ଥିବା ସିନ୍ଧୁଆ ଡ୍ୟାମ, ତାଳଶାରୀ ଡ୍ୟାମ, ଚାନ୍ଦିପୁର ବେଳାଭୂମି, ବ୍ଲୁ ଲେକ, ପଦ୍ମାବତୀ ପାର୍କର ପ୍ରାକୃତିକ ପରିବେଶ ପର୍ଯ୍ୟଟକ ମାନଙ୍କୁ ବେଶ ଆକୃଷ୍ଟ କରିଥାଏ। ଏଠାରେ ଶିକ୍ଷା ଓ ପ୍ରକଳ୍ପ ସହିତ କୃଷି କାର୍ଯ୍ୟକୁ ମଧ୍ୟ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ। ଏଠାରେ ଧାନ ଚାଷ, ପାନ ଚାଷ, ମୀନ ଚାଷ ସହ ଅନ୍ୟାନ୍ୟ କୃଷିଜାତୀୟ ଦ୍ରବ୍ୟ ଉତ୍ପାଦନ କରାଯାଇଥାଏ। ତେଣୁ ଏହି ଜିଲ୍ଲା ସଦାସର୍ବଦା ଶସ୍ୟଶ୍ୟକ୍ଷମଳା ଓ ଚିରସୁନ୍ଦର। ଏଠାରେ ବଳାରାମଗଡ଼ି ଓ ତାଳଶାରୀ ଠାରେ ଅଧିକ ପରିମାଣରେ ମତ୍ସ୍ୟ ବ୍ୟବସାୟ ଅଧିକ ପରିମାଣରେ ହୋଇଥାଏ ଓ ଅନ୍ୟ ସ୍ଥାନକୁ ମଧ୍ୟ ରପ୍ତାନି କରାଯାଇଥାଏ। ଏହି ଜିଲ୍ଲା ନିଜର ଐତିହାସିକ ଓ ଆଧୁନିକ ବିଶେଷତ୍ୱ ପାଇଁ ବିଶ୍ୱ ପ୍ରସିଦ୍ଧ ଅଟେ। ବାଲେଶ୍ୱରରେ ନୀଳଗିରିରେ ଅବସ୍ଥିତ ଉତ୍କଳର ରାଜା ରାଣୀଙ୍କ ଦ୍ୱାରା ନିର୍ମିତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଏହାର ରଥଯାତ୍ରା ପାଇଁ ପ୍ରସିଦ୍ଧ ଲାଭ କରିଅଛି। ରେମୁଣାରେ ଅବସ୍ଥିତ 'କ୍ଷୀରଚୋରା ଗୋପୀନାଥ ମନ୍ଦିର' ଯେଉଁଠାରେ ଭଗବାନ ଶ୍ରୀକୃଷ୍ଣ ଆରାଧ୍ୟ ରୂପରେ ପୂଜିତ ହୋଇ ଆସୁଛନ୍ତି। ଏହାର ପ୍ରସାଦ 'ରାବିଡ଼ି' ପାଇଁ ଏହା ପ୍ରସିଦ୍ଧ ହୋଇଅଛି। ରେମୁଣାର ଗୋଲେଇ ନିକଟରେ ଅବସ୍ଥିତ ଇମାମି ପେପର ମିର୍ଲସ ଅବସ୍ଥିତ। ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ମନ୍ଦିର ନିର୍ମିତ ହୋଇଅଛି ଯାହାର ସ୍ୱରୂପ ସମ୍ପୂର୍ଣ୍ଣ ରୂପରେ ଶ୍ରୀକ୍ଷେତ୍ର ଓ ପାବନଭୂମି ପୁରୀ ଜିଲ୍ଲାର ବଡଦାଣ୍ଡରେ ଅବସ୍ଥିତ ଶ୍ରୀମନ୍ଦିରଙ୍କର ସ୍ୱରୂପ ସହିତ ସମାନ। ଏଥିପାଇଁ ଆମ ଜିଲ୍ଲା ବାଲେଶ୍ୱର ଉତ୍କଳର ଏକ ଅଭିନ୍ନ ଅଙ୍ଗ ଏବଂ ସର୍ବୋଚ୍ଚ ସ୍ଥାନରେ ସର୍ବଦା ଅଧିଷ୍ଠିତ। ଏହି ଜିଲ୍ଲାର ଐତିହାସିକ ଓ ଆଧୁନିକ ବିଶେଷତଃ ସର୍ବୋପରି ଚିରସ୍ଥାୟୀ। ତେଣୁ ଏହା କଳା, ସଂସ୍କୃତି, ସାହିତ୍ୟ, ପରମ୍ପରା, ଐତିହ୍ୟ ଓ ବୀରପୁରୁଷ ମାନଙ୍କର ବୀରଭୂମି।










*ଫକୀର ମୋହନ ନଗର,*
*ବାଲେଶ୍ୱର*

# କୃଷି କ୍ଷେତ୍ରରେ ନୂଆ ଅଧ୍ୟାୟ; ୪୦୬ ନୂଆ ନିଯୁକ୍ତି

**ଭୁବନେଶ୍ୱର :** କୃଷି କ୍ଷେତ୍ରରେ ନୂଆ ଅଧ୍ୟାୟ। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ୪୦୬ ନୂଆ ନିଯୁକ୍ତି। ଏଥିମଧ୍ୟରୁ ୨୬୧ ଜଣ ସହକାରୀ କୃଷି ଅଧିକାରୀ, ୧୦୨ଜଣ ସହକାରୀ କୃଷି ଇଞ୍ଜିନିୟର ଭାବରେ ଯୋଗ ଦେଇଛନ୍ତି। ସେହିପରି ୪୩ ଜଣ ରାଜ୍ୟ ବିହନ ନିଗମରେ ନିଯୁକ୍ତି ପାଇଛନ୍ତି। ଲୋକସେବା ଭବନଠାରେ ନିଯୁକ୍ତି ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହି ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ବଡ଼ ନିଯୁକ୍ତି କୃଷି ବିଭାଗକୁ ଉତ୍ସ ଯୋଗାଇବ। ସେ ଆଗକୁ କହିଥିଲେ, କୃଷି ଏବଂ ସହଯୋଗୀ କ୍ଷେତ୍ର ତାଙ୍କ ସରକାରଙ୍କ ପ୍ରମୁଖ ପ୍ରାଥମିକତା। କ୍ରମାଗତ ଭାବେ କୃଷକଙ୍କ ଆୟ ବଢ଼ାଇବାକୁ ଏବଂ ସେମାନଙ୍କୁ ସଶକ୍ତ କରିବାକୁ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି । କୃଷି କାର୍ଯ୍ୟକଳାପ ଏବଂ ଉତ୍ପାଦର ବିଭିଦତାକୁ ସମର୍ଥନ କରିବା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରାଯାଇଛି। କାଳିଆ ଏବଂ ବଳରାମ ଭଳି ଯୋଜନା କୃଷକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଏବଂ ବିଶ୍ୱାସ ସୃଷ୍ଟି କରିପାରିଛି। ଏହା ବ୍ୟତୀତ ଉତ୍ପାଦନ ବୃଦ୍ଧି ଏବଂ ଆମର ଅଭାବୀ ପ୍ରାକୃତିକ ସମ୍ପଦର ନ୍ୟାୟପୂର୍ଣ୍ଣ ବ୍ୟବହାରକୁ ସୁଗମ କରିବା ପାଇଁ ଫାର୍ମ ମେକାନାଇଜେସନ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ଆମେ ସ୍ଥାନୀୟ ଯୁବକମାନଙ୍କୁ କୃଷିକ୍ଷେତ୍ରରେ ଉଦ୍ୟୋଗୀକରଣରେ ଭାଗନେବାକୁ ଉତ୍ସାହିତ କରୁଛୁ। କୃଷକମାନଙ୍କୁ ଗୁଣାତ୍ମକ ବିହନ ଯୋଗାଇବାରେ ଓଡ଼ିଶା ରାଜ୍ୟ ବିହନ ନିଗମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୃଷକମାନେ ଠିକ୍ ସମୟରେ ଗୁଣାତ୍ମକ ବିହନ ପାଇବା ନେଇ ସୁନିଶ୍ଚିତ କରିବାକୁ ସେ ବିଭାଗକୁ ପରାମର୍ଶ ଦେଇଛନ୍ତି। ନବ ନିଯୁକ୍ତଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଆସନ୍ତା ତିନି ଦଶନ୍ଧି ମଧ୍ୟରେ ସେମାନେ ଆମର କୃଷି କ୍ଷେତ୍ରରେ ମହତ ଯୋଗଦାନ କରିବେ। ନୂତନ ଅଧିକାରୀମାନଙ୍କର କୃଷକମାନଙ୍କୁ ସେବା ଯୋଗାଇବା ପାଇଁ ଆବଶ୍ୟକ ଜ୍ଞାନ, ଦକ୍ଷତା ଏବଂ ଅଭିଜ୍ଞତା ରହିଛି। ୫ଟି ନୀତି ଅନୁସରଣ କରିବାକୁ ଏବଂ କୃଷି କ୍ଷେତ୍ରର ପରିବର୍ତ୍ତନରେ ସହଯୋଗ କରିବାକୁ ନବନିଯୁକ୍ତଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଆପଣମାନଙ୍କର ସମସ୍ତ କାର୍ଯ୍ୟ କୃଷକମାନଙ୍କ ସଶକ୍ତିକରଣ ଦିଗରେ ନିର୍ଦ୍ଦେଶିତ ହେବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ନିଯୁକ୍ତ କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ପ୍ରମୁଖ ସଚିବ ଅରବିନ୍ଦ ପାଢୀ, କୃଷି ନିର୍ଦ୍ଦେଶକ ପ୍ରେମଚାନ୍ଦ ଚୌଧୁରୀ, ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ବିଜୟ ନାୟକ, ଡେଭେଲପମେଣ୍ଟ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।



# ରାଜ୍ୟର ବିକାଶ ପାଇଁ ନିଷ୍ଠାର ସହ କାମ କର : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ସମାଜର ଦଳିତ ଓ ନିଷ୍ପେସିତ ବର୍ଗଙ୍କ ପାଇଁ ସର୍ବଦା ସମ୍ବେଦନଶୀଳ ହୁଅ। ପ୍ରତ୍ୟେକ ଲୋକଙ୍କ ପାଖରେ ସରକାରୀ ସେବା ପହଞ୍ଚାଇବା ଦିଗରେ ଦାୟିତ୍ୱ ସମ୍ପାଦନ କର। ମଙ୍ଗଳ ସଂପ୍ରସାରଣ ଅଧିକାରୀ ଭାବେ ଲୋକଙ୍କ ଜୀବନ ଜୀବିକା ବିକାଶ ସାଙ୍ଗକୁ ସମାଜର ତୃଣମୂଳ ସ୍ତରର ଉନ୍ନତି କ୍ଷେତ୍ରରେ ଗୁରୁ ଦାୟିତ୍ୱ ରହିଛି। ନିଷ୍ଠାର ସହ ଦାୟିତ୍ୱ ସମ୍ପାଦନ ଏବଂ ଲୋକଙ୍କ ସମସ୍ୟା ବୁଝିବାବେଳେ ସର୍ବଦା ସ୍ପର୍ଶକାତର ହେବାକୁ ନବ ନିଯୁକ୍ତ ୧୨୯ ମଙ୍ଗଳ ସଂପ୍ରସାରଣ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ଲୋକସେବା ଭବନରେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗରେ ନିଯୁକ୍ତି ପାଇଥିବା ୧୨୯ ଜଣ ଅଧିକାରୀଙ୍କୁ ଦିଗଦର୍ଶନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଭାବେ ଲୋକଙ୍କ ଜୀବନ ଜୀବିକା ଓ ସମାଜର ତୃଣମୂଳ ସ୍ତରର ବିକାଶରେ ଗୁରୁ ଦାୟିତ୍ୱ ରହିଛି। ବୃତ୍ତିଗତ କ୍ଷେତ୍ରରେ ସମ୍ବେଦନଶୀଳ ମନୋଭାବ ନେଇ କାର୍ଯ୍ୟ କରିବାକୁ କହିଛନ୍ତି। '୫-ଟି' ଓ ବିଭିନ୍ନ କ୍ଷେତ୍ରର ଅଣାଯାଇଥିବା ରୂପାନ୍ତରଣ ସମ୍ପର୍କରେ ଆଲୋକପାତ କରିବା ସହ ନିଜର ଦାୟିତ୍ୱ ସମ୍ପାଦନରେ ସର୍ବଦା ଏହାର ପ୍ରତିଟି ଆଧାରକୁ ଗରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି ମଧ କହିଛନ୍ତି ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ହେଉଛି ମୋ ସରକାରର ସର୍ବାଧିକ ଗୁରୁତ୍ୱ ବହନ କରୁଥିବା ବିଭାଗ। ଏହି ବିଭାଗ ବିଭିନ୍ନ ବର୍ଗର ପ୍ରାୟ ୭୫ ପ୍ରତିଶତ ଲୋକଙ୍କର ବିକାଶ ତଥା କଲ୍ୟାଣ ଉପରେ ଦୃଷ୍ଟି ଦେଇଥାଏ। ରାଜ୍ୟର ସାମଗ୍ରିକ ବିକାଶ କ୍ଷେତ୍ରରେ ଏହି ବିଭାଗର ଏକ ବଡ଼ ଦାୟିତ୍ୱ ଅଛି ବୋଲି ସେ କହିଛନ୍ତି। ସେହିପରି ଅନୁସୂଚିତ ଜାତି ଓ ଜନଜାତିଙ୍କ ଶିକ୍ଷା ଓ ସାମଗ୍ରିକ ବିକାଶକୁ ମଧ ବିଶେଷ ଗୁରୁତ୍ୱ ଦିଆଯାଇଛି। ବିଦ୍ୟାଳୟଗୁଡ଼ିକ ରୂପାନ୍ତରଣ ସାଙ୍ଗକୁ ପିଲାଙ୍କ ପାଇଁ ହଷ୍ଟେଲ, ଆଦିବାସୀ ଛାତ୍ରମାନଙ୍କ ପାଇଁ ଛାତ୍ରବୃତ୍ତି ଠାରୁ ଅରମ୍ଭ କରି ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯାଉଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନାର ସଫଳ ରୂପାୟନ ପାଇଁ ଧ୍ୟାନ ଦେବାକୁ ସେ କହିଥିଲେ।

### ପ୍ରକୃତି ଓ ପରିବେଶର ସୁରକ୍ଷା ଏବଂ ସଂରକ୍ଷଣ ଉଦ୍ଦେଶ୍ୟରେ କେନ୍ଦ୍ରମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତା

# ଭବିଷ୍ୟତ ପିଢ଼ି ପାଇଁ ପରିବେଶର ସୁରକ୍ଷା କରିବା ଆମର ଗୁରୁ ଦାୟିତ୍ୱ : ଧର୍ମେନ୍ଦ୍ର



**ନୂଆଦିଲ୍ଲୀ/ଭୁବନେଶ୍ୱର :** ପ୍ରକୃତି ତଥା ପରିବେଶର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଆସନ୍ତା ଅଗଷ୍ଟ ୧୫ ତାରିଖ ସୁଦ୍ଧା ୧ କୋଟି ଗଛ ଲଗାଇବା ପାଇଁ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକ ମାନଙ୍କୁ ସଂକଳ୍ପ ନେବାକୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଭିଡିଓ ବାର୍ତ୍ତାରେ କହିଛନ୍ତି ଯେ ପ୍ରକୃତି ଆମକୁ ଅନେକ କିଛି ଦେଇଛି ଏବଂ ଏଥିପାଇଁ ମୁଁ ପ୍ରକୃତି ମାତାଙ୍କ ପାଖରେ ସବୁବେଳେ କୃତଜ୍ଞ। ବର୍ତ୍ତମାନ ସମୟରେ ଭବିଷ୍ୟତ ପିଢ଼ି ପାଇଁ ଆମ ପରିବେଶର ସୁରକ୍ଷା କରିବା, ଆମର ଏକ ଗୁରୁ ଦାୟିତ୍ୱ ହୋଇପଡିଛି। ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ଅନୁସାରେ, ଜଳବାୟୁର ପରିବର୍ତ୍ତନ ଏବଂ ପ୍ରାକୃତିକ ସମ୍ପଦର ଅତ୍ୟଧିକ ଶୋଷଣ କେବଳ ବୈଷୟିକ ପଦ୍ଧତି ଦ୍ୱାରା ସମାଧାନ ହୋଇପାରିବ ନାହିଁ। ଏହାର ନିରାକରଣ ନାଗରିକ ମାନଙ୍କ ସାମୂହିକ ଏକତା ଓ ଇଚ୍ଛାଶକ୍ତି ଦ୍ୱାରା ସମ୍ଭବ। ଆମ ପାଖରେ ପ୍ରକୃତି ଅଛି ଏବଂ ପରିବେଶକୁ ପୁନରୁଦ୍ଧାର କରିବାର ଅପାର ଶକ୍ତି ମଧ୍ୟ ଅଛି। ଆମର ଧରାପୃଷ୍ଠକୁ ସୁସ୍ଥ ରଖିବା ପାଇଁ ସମସ୍ତେ ନିଜେ ବ୍ୟକ୍ତିଗତ ସ୍ତରରେ ଯୋଗଦାନ କରିବା ଜରୁରୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ 'ମିଶନ ଲାଇଫ୍' ଆଧାରରେ ସମସ୍ତେ ମିଳିତ ଭାବରେ ପରିବେଶର ସୁରକ୍ଷା ଓ ସଂରକ୍ଷଣ କରିବା ପାଇଁ ପଦକ୍ଷେପ ନେବା। ଚଳିତ ମୌସୁମୀ ଋତୁରେ ସମସ୍ତେ ୧ କୋଟି ଗଛ ଲଗାଇବାର ସଂକଳ୍ପ ନେବା। ବୃକ୍ଷରୋପଣକୁ କେବଳ ନିଜ ଭିତରେ ସୀମିତ ରଖିବା ନାହିଁ, ଏକ ଜନଆନ୍ଦୋଳନରେ ପରିଣତ କରିବା। ଆଗାମୀ ସିଓପି୨୮ ଶିଖର ସମ୍ମିଳନୀକୁ ଦୃଷ୍ଟିରେ ରଖି ସମସ୍ତେ ଏକାଠି ହେବା ଏବଂ ଏକ ସବୁଜ ଏବଂ ସ୍ଥାୟୀ ବିଶ୍ୱର ସ୍ୱପ୍ନକୁ ବାସ୍ତବରେ ସାକାର କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି।

## ଅବାଧରେ ଚାଲିଛି ଶିଶୁ ଭ୍ରୂଣ ହତ୍ୟା



**କାକଟପୁର :** କାକଟପୁର ଥାନା ଅଧିନ ବାଙ୍ଗୁରିଗାଁ-ଶ୍ରୀଚନ୍ଦନପୁର ଗ୍ରାମ ରାସ୍ତାରେ ଅପରିପକ୍ୱ ନବ ଜାତ ଶିଶୁର ଖଣ୍ଡ ବିଖଣ୍ଡିତ ମୃତ ଶରୀର ପଡିଥିବାର ଲୋକମାନେ ଦେଖିଥିଲେ। ଗତ କିଛି ଦିନ ହେବ ଶିଶୁ ଭ୍ରୂଣ ହତ୍ୟା ରାକେଟ ସକ୍ରିୟ ହୋଇ କନ୍ୟା ଭ୍ରୂଣ ହତ୍ୟା, କୁମାରୀ ମାତୃତ୍ୱକୁ ଲୁଚାଇବା ପାଇଁ ଶିଶୁ ଭ୍ରୂଣ ହତ୍ୟା ଚାଲିଥିବାର ନମୁନା କହିଲେ ଅତ୍ୟୁକ୍ତି ହେବନାହିଁ। ଶିଶୁର ଖଣ୍ଡ ବିଖଣ୍ଡିତ ଶରୀରକୁ କେହି ରାସ୍ତା କଡ଼ରେ ଥିବା ବଣକୁ ଫିଙ୍ଗି ଦେଇ ଥିବାରୁ କେହି ବନ୍ୟ ପ୍ରାଣୀ ତାକୁ ଟାଣି ରାସ୍ତାକୁ ନେଇ ଆସିଥିବା ଅନୁମାନ କରାଯାଉଛି। ରାସ୍ତାରେ ପଡ଼ି ଥିବାରୁ ଗାଡ଼ି ମୋଟର ଚାଲି ନଷ୍ଟ ହୋଇ ଯାଇଥିଲା। ଏହି ଖବର ପାଇ କାକଟପୁର ଥାନା ଅଧିକାରୀ ଘଟଣାସ୍ଥଳକୁ ଆସି ପହଞ୍ଚିବାରେ ମୃତ ଶରୀରଟି ବନ୍ୟଜନ୍ତୁ ଓ ଗାଡ଼ି ମୋଟର ଦ୍ୱାରା ତାର ଚିହ୍ନବର୍ଣ୍ଣ ନଥିଲା। ସେମାନେ ଗ୍ରାମ ବାସୀ ମାନଙ୍କ ସହ ଆଲୋଚନା କରି ମତାମତ ନେଇ ଫେରି ଯାଇଥିଲେ। ଏହି ଅମାନବୀୟ କାର୍ଯ୍ୟ କିପରି ରୋକାଯାଇପରିବ ସେଥିପ୍ରତି ଉଚ୍ଚ ପଦସ୍ଥ ଅଧିକାରୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକଙ୍କୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି।

### ୫ଟି ସ୍କୁଲ୍ ଅଫିସ୍ ପ୍ଲାଷ୍ଟର ଖସି ଶିକ୍ଷୟତ୍ରୀ ଓ ସିଆରସିସି ଆହତ ହେବା ପ୍ରସଙ୍ଗ

# ସ୍କୁଲ୍ ଫାଟକରେ ତାଲା ପକେଇଲେ ଅଭିଭାବକ



**ଅସ୍ତରଙ୍ଗ :** ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ତାଳଦା ପଡ଼ିଆରୀ ବିଦ୍ୟାପୀଠ ଅଫିସ୍ ଗୃହରୁ ପ୍ଲାଷ୍ଟର ଖସି ଜଣେ ଶିକ୍ଷୟତ୍ରୀ ଓ ସିଆରସିସିଙ୍କ ମୁଣ୍ଡ ଫାଟିବା ଘଟଣାରେ ଅଭିଭାବକ ମହଲରେ ଉତେଜନା ଦେଖାଯାଇଥିଲା। ଶିକ୍ଷକ ଶିକ୍ଷୟିତ୍ରୀ ସକାଳ ୮ଟାରେ ସ୍କୁଲରେ ପ୍ରବେଶ କଲାବେଳେ ସ୍ଥାନୀୟ ଅବିଭାବକ ମାନେ ଏକାଠି ହୋଇ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦୀର୍ଘ ସମୟ ଧରି ଅବିଭାବକ ମାନେ ଛାତ୍ରଛାତ୍ରୀ ଧରି ଧାରଣାରେ ବସିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟ ରୁପାନ୍ତରିତ କାର୍ଯ୍ୟ ନିମ୍ନମାନର, ହୋଇଥିବା, ସ୍କୁଲ କୋଠରୀ କୁ ଅସୁରକ୍ଷିତ ଘୋଷଣା କରିବା, ରୁପାନ୍ତରିତ କାର୍ଯ୍ୟ କରିଥିବା ଠିକାଦାର,କନିଷ୍ଟ ଯନ୍ତ୍ରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅବିଭାବକଙ୍କ ମହଲରେ ଦାବି ହୋଇଛି। ସୂଚନା ଯୋଗ୍ୟ ଯେ ତାଳଦା ପଞ୍ଚାୟତ ଏଡ଼ବାଂଶ ପଡ଼ିଆରୀ ବିଦ୍ୟାପୀଠରେ ଗତକାଲି କ୍ଲଷ୍ଟର ସ୍ତରୀୟ ଏକ ମିଟିଂ ଥିଲାବେଳେ ମଧ୍ୟାହ୍ନ ଭୋଜନ ପରେ ସିଆରସିସି ତ୍ରିଲୋଚନ ବେହେରା ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଡାକିଥିଲେ। ଶ୍ରୀ ବେହେରା ଓ ଉକ୍ତ ବିଦ୍ୟାଳୟର ଶିକ୍ଷୟତ୍ରୀ ପ୍ରିୟଦର୍ଶିନୀ ସେନାପତି ଅଫିସରେ ବସିଥିଲେ। ଏହି ସମୟରେ ଅଫିସ୍ ଘର ସିଲିଂରୁ ହଠାତ୍ ପ୍ଲାଷ୍ଟର ଖସି ସିଆରସିସି ଓ ଶିକ୍ଷୟତ୍ରୀଙ୍କର ମୁଣ୍ଡ ଫାଟି ଗୁରୁତ୍ୱର ହେବା ପରେ ସେମାନେ ଏବେ ଚିକିତ୍ସାଧୀନ। ସେ ଯାହା ହେଉନା କାହିଁକି ସ୍କୁଲରେ ନିମ୍ନମାନର କାର୍ଯ୍ୟ ଯୋଗୁ ଆଜି ଏଭଳି ଘଟଣା ଘଟିବା ପାଇ ଦାୟୀ କିଏ? ଯଦି କାହାର କିଛି ହୋଇଯାଇଥାନ୍ତା ସେଥିପାଇଁ ଦାୟୀ କିଏ ରହିଥାନ୍ତା ବୋଲି ଏଭଳି ପ୍ରଶ୍ନ ଅଭିଭାବକ ମାନେ କରୁଛନ୍ତି। କାର୍ଯ୍ୟ ସାରିବାର ୬ ମାସ ପରେ ଅଫିସ୍ କାର୍ଯ୍ୟାଳୟରୁ ପ୍ଲାଷ୍ଟର ଖସି ଶିକ୍ଷୟତ୍ରୀ ଓ ସିଆରସିଙ୍କ ମୁଣ୍ଡ ଫାଟିବା ଏକ ଅଭାବନୀୟ ଘଟଣା। ଏଠାରେ ସୂଚନା ଥାଉକି ଅଫିସ୍ ଗୃହ ଅବସ୍ଥା ଏମିତି ତେବେ ଅନ୍ୟ କୋଠରୀ କାର୍ଯ୍ୟ କିଭଳି ହୋଇଥିବ ତାକୁ ନେଉ ସନ୍ଦେହ ସୃଷ୍ଟି ହେବାବେଳେ ଛାତ୍ରଛାତ୍ରୀ ସେଠି ପାଠପଢିବା ସୁରକ୍ଷିତ ନୁହେଁ ବୋଲି ଦାବି କରି ଅଭିଭାବକ ଙ୍କ ଦ୍ୱାରା ଆଜି ସ୍କୁଲ ଫାଟକରେ ତାଲା ପଡିବା ସହିତ ପାଠପଢା ବନ୍ଦରହିଛି। ଘଟଣାକୁ ପରେ ଶିକ୍ଷକ ଶିକ୍ଷୟତ୍ରୀ ମହଲରେ ଭୟ ସୃଷ୍ଟି ହୋଇଛି କାରଣ ପିଲା ପାଠ ପଢିଲା ବେଳେ କି ଅନ୍ୟ କେଉଁ ସମୟ ରେ ଯଦି ପୁନର୍ବାର ଏଭଳି ଦୁର୍ଘଟଣା ଘଟେ ସେଥିପାଇଁ ଦାୟୀ କିଏ ରହିବ? ଅନ୍ୟପକ୍ଷରେ ବୁଧବାର ଏଭଳି ଘଟଣା ପରେ ଘଟଣା ସ୍ଥଳକୁ ବ୍ଲକ ଶିକ୍ଷା ବିଭାଗର ଏକ ଟିମ୍ ଯାଇ ତଦନ୍ତ ଆରମ୍ଭ କରିଛନ୍ତି ବୋଲି କେତେକ ସ୍ଥାନୀୟ ଅବିଭାବକ ସୂଚନା ଦେଇଛନ୍ତି। ଏ ବିଷୟରେ ସ୍ଥାନୀୟ ସରପଞ୍ଚ ଦିପକ ପରିଡାଙ୍କୁ ପଚାରିବାରେ ସେ କହିଲେ ଯେ ସେ ଅଫିସ ଘର ବହୁତ ପୁରୁଣା ଘର ସେଠି କିଛି ନୂତନ କାର୍ଯ୍ୟ ହୋଇନାହିଁ ପୁରୁଣା ଘରେ କେବଳ ରଙ୍ଗ ମରାଯାଇଥିଲା। ତେଣୁ କିଏ ସତ କହୁଛି ଅଭିଭାବକ ନା ସରପଞ୍ଚ ତାହା ତଦନ୍ତ ସାପେକ୍ଷ।

### ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ

# ବସିଲା ବୈଠକ, ନେଇପାରିଲେନି ନିଷ୍ପତ୍ତି



**ପୁରୀ :** ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଗଠନ ହୋଇଛି ସବ କମିଟି। ଏହି କମିଟି ମତାମତ ଦେଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାଶ କହିଛନ୍ତି। ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ସହ ଚାରି ଦ୍ୱାର ଖୋଲିବା ନେଇ ଛତିଶା ନିଯୋଗ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଛତିଶା ନିଯୋଗର ବିଭିନ୍ନ ସଦସ୍ୟ ସେମାନଙ୍କ ମତାମତ ଦେଇଛନ୍ତି। ମତାମତ ତର୍ଜମା କରିବାକୁ ଏକ ସବ୍ କମିଟି ଗଠନ କରାଯାଇଛି ଏବଂ କମିଟି ମତାମତ ଦେଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ନୀଳାଦ୍ରୀଭକ୍ତ ନିବାସରେ ହୋଇଥିବା ଏହି ବୈଠକରେ ଜିଲ୍ଲାପାଳ, ଏସପି, ସମସ୍ତ ନିଯୋଗର ପ୍ରତିନିଧି, ପରିଚାଳନା କମିଟିର ସେବାୟତ ପ୍ରତିନିଧି ଓ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ରତ୍ନଭଣ୍ଡାର ପ୍ରସଙ୍ଗରେ ଗଜପତି ମହାରାଜାଙ୍କୁ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ପ୍ରସିଦ୍ଧ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଲେଖିଛନ୍ତି ଚିଠି। ରତ୍ନଭଣ୍ଡାର ଖୋଲିବାକୁ ସରକାରଙ୍କୁ ଶ୍ରୀମନ୍ଦିର ପରିଚାଳନା କମିଟି ନିବେଦନ କରୁ ବୋଲି ସେ ଚିଠିରେ ଲେଖିଛନ୍ତି। ପରିଚାଳନା କମିଟିରେ ଏଜେଣ୍ଡା ଭାବେ ଏହା କାହିଁକି ଆଲୋଚନା ହେଉନି ବୋଲି ମଧ ସେ ଚିଠିରେ ଲେଖିଛନ୍ତି। ସୁରକ୍ଷା ଓ ଭକ୍ତଙ୍କ ଭାବାବେଗ ଦୃଷ୍ଟିରୁ କମିଟିରେ ଏହି ପ୍ରସଙ୍ଗରେ ଆଲୋଚନା ହେଉ ବୋଲି ସେ ଶ୍ରୀମନ୍ଦିର ପରିଚାଳନା କମିଟି ଅଧକ୍ଷ ଗଜପତି ମହାରାଜାଙ୍କୁ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି। ଏହାପୂର୍ବରୁ ରତ୍ନଭଣ୍ଡାର ଖୋଲିବା ସପକ୍ଷରେ ମତ ଦେଇ ରତ୍ନଭଣ୍ଡାର କେବେ ଖୋଲିବ ତାହା ସରକାର ନିଷ୍ପତ୍ତି ନେବେ କହିଥିଲେ ଗଜପତି ମହାରାଜା।

## 'ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ'



**ଭୁବନେଶ୍ୱର :** ମାନ୍ୟବର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ସୂଚନା ପ୍ରଯୁକ୍ତି ବିଦ୍ୟା ଅଧି ନିୟମର ଧାରା ୬୬(କ)କୁ ଅସାମ୍ବିଧାନିକ ଘୋଷଣା ସହ ରଦ୍ଦ କରିବା ଏକ ଐତିହାସିକ ନିଷ୍ପତ୍ତି। ଏହା ନାଗରିକର ବାକ୍ ସ୍ୱାଧୀନତାକୁ ସୁଦୃଢ଼ କରିବ। ଏକ ଜନ ମଙ୍ଗଳ ରାଷ୍ଟ୍ରରେ ଏହି ନିଷ୍ପତ୍ତି ରାଷ୍ଟ୍ର ଓ ବ୍ୟକ୍ତି ମଧ୍ୟରେ ସମନ୍ୱୟ ରଖିବ ଓ ସାମ୍ବିଧାନିକ ବ୍ୟବସ୍ଥା ସୁଦୃଢ଼ ହେବ ବୋଲି କହିଛନ୍ତି ଆଡଭୋକେଟ୍ ସତ୍ୟଜିତ ମହାନ୍ତି।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

# ଜାତୀୟ ରାଜପଥକଡ଼ ଡ୍ରେନ ସଫା କରିବାକୁ ଏନ୍‌ଏଚ୍‌ଏଆଇକୁ ବିଏମ୍‌ସିର ପରାମର୍ଶ



**ଭୁବନେଶ୍ୱର :** ମୌସୁମୀ ଜନିତ ବର୍ଷାରେ ଜଳବନ୍ଦୀ ପରିଚାଳନା ଓ ଡ୍ରେନ ସୁରକ୍ଷା ଜନିତ ସମସ୍ୟାର ମୁକାବିଲା କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ଓ ଜାତୀୟ ରାଜପଥ ପ୍ରାଧିକରଣଙ୍କର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି କମିଶନର ବିଜୟ ଅମୃତାକୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡ୍ରେନେଜ ସମସ୍ୟା କାରଣରୁ ନାଗରିକଙ୍କ ଅସୁବିଧାକୁ ରୋକିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ପ୍ରବଳବର୍ଷା ଆରମ୍ଭ ହେବା ପୂର୍ବରୁ ଜାତୀୟରାଜପଥ ପ୍ରାଧିକରଣଙ୍କ ଅଧିନରେ ଥିବା ସମସ୍ତ ଡ୍ରେନ ସମସ୍ୟା ସମାଧାନ କରିବାକୁ କମିଶନର କହିଛନ୍ତି। ଜଳମଗ୍ନ ଅଞ୍ଚଳରେ ପମ୍ପସେଟ୍ ମାଧ୍ୟମରେ ଜଳ ପରିଚାଳନା ପାଇଁ ବିଏମ୍ସି ପକ୍ଷରୁ କୁହାଯାଇଛି। ଏନଏଚ୍‌ଏଆଇ ଡ୍ରେନ ସଫାକରିବା, ବ୍ୟାରିକେଡ୍ ଲଗାଇବା, ଡ୍ରେନ୍ର ଗତିପଥକୁ ଆବଶ୍ୟକତା ଅନୁସାରେ ସଜାଡିବା, ମୁକୁଳାଡ୍ରେନ ଉପରେ ସ୍ଲାବ ପକାଇବା ଆଦି ବିଷୟରେ ଗୁରୁତ୍ୱାରୋପ କରିଛନ୍ତି କମିଶନର। ଏହାସହିତ ଏନ୍‌ଏଚ୍‌ଏଆଇ ଅଧିନରେ ଥିବା ଇସ୍କନ ମନ୍ଦିର ନିକଟସ୍ଥ ଡ୍ରେନ କାର୍ଯ୍ୟ ପ୍ରତି ଧ୍ୟାନ ଦେବାକୁ ସେ କହିଛନ୍ତି। ଆବଶ୍ୟକ ମରାମତି କାମ ତୁରନ୍ତ ଆରମ୍ଭ କରିବା ସହ ରାସ୍ତାରେ ଥିବା ଖାଲ ଏବଂ ମ୍ୟାନହୋଲ ପରିଚାଳନା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଡ୍ରେନ ସଫାକରିବା, ନିର୍ମାଣର ସଠିକ ନିଷ୍କାସନ ଏବଂ ଧ୍ୱଂସାବଶେଷ ବର୍ଜ୍ୟବସ୍ତୁ ପରିଚାଳନା ଭଳି ସମସ୍ୟା ଯଥାଶୀଘ୍ର ସମାଧାନ କରିବାର ଆବଶ୍ୟକତା ରହିଛି ବୋଲି ସେ ଆଲୋକପାତ କରିଥିଲେ। ସଂପୃକ୍ତ ଅଞ୍ଚଳରେ ସଡକ ସଫାକରିବା ପାଇଁ ଭ୍ୟାକୁମକ୍ଲିନର ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ଜାତୀୟରାଜପଥରେ ଅଧିକଧୂଳିକଣିକାର ପ୍ରଭାବକୁ ମଧ ସ୍ୱୀକାର କରାଯାଇଥିଲା ଏବଂ ପରିବେଶସୁରକ୍ଷା ଦୃଷ୍ଟିରୁ ଏହି ସମସ୍ୟାକୁ ହ୍ରାସ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ଜନସାଧାରଣଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଡ୍ରେନ କିମ୍ବା ସଡକ ଉପରେ ମାଟିଗଦା ହେଉଥିବା ମାଟି ଏବଂ କଂକ୍ରିଟକୁ ଶୀଘ୍ର ଉଠାଇବାକୁ କୁହାଯାଇଛି। ୮୦ କିଲୋମିଟର ଷ୍ଟ୍ରେଚ୍ ପାଇଁ ମେକାନିକାଲ ସୁଇପିଂ କରାଯାଉଛି, ଯେଉଁଥିରେ ଏନ୍‌ଏଚ୍‌ଏଆଇର ୧୮ କିଲୋମିଟର ଜାତୀୟ ସଡକପଥ ବିଏମ୍ସି ସୀମା ମଧ୍ୟରେ ରହିଛି। ସଫେଇ ସେ ବା ପାଇଁ ବିଏମ୍‌ସି ବହୁ ଅର୍ଥ ଖର୍ଚ୍ଚକରୁଛି। ଏଣୁ ସେ ଖର୍ଚ୍ଚବହନ କରିବାକୁ ଉପସ୍ଥିତ ଏନ୍‌ଏଚ୍‌ଏଆଇ ପ୍ରତିନିଧିଙ୍କୁ ଅବଗତ କରାଇଛନ୍ତି। ଏହି ବୈଠକରେ ଏନ୍‌ଏଚ୍‌ଏଆଇର ଅଧିକାରୀ ନରେନ୍ଦ୍ର ସିଂ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିସନର (ସାନିଟେସନ)ଡକ୍ଟର ମନୋରଂଜନ ସାହୁ, ସିଟିଇଂଜିନିୟର ଅରୁଣ ନାୟକ ଏବଂ ବିଏମ୍‌ସିର ବରିଷ୍ଠ ଇଂଜିନିୟରମାନେ ଉପସ୍ଥିତ ଥିଲେ।

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

### ପ୍ରକାଶ ପାଇଲା ଏକାଡେମିକ୍ କ୍ୟାଲେଣ୍ଡର

# ମାର୍ଚ୍ଚ ୫ରୁ ହୋଇପାରେ ଯୁକ୍ତ ୨ ପରୀକ୍ଷା

**ଭୁବନେଶ୍ୱର :** ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନୂଆ ଶିକ୍ଷାବର୍ଷ ପାଇଁ ଏକାଡେମିକ୍ କ୍ୟାଲେଣ୍ଡର ପ୍ରସ୍ତୁତ କରିଛି। ଆସନ୍ତା ଅଗଷ୍ଟ ପହିଲାରୁ ଯୁକ୍ତ ଦୁଇ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବାକୁ ଥିବା ବେଳେ ଏହା ପୂର୍ବରୁ ୫୦ଟି ସରକାରୀ ଉଚ୍ଚମାଧ୍ୟମିକ ସ୍କୁଲ ଅଧ୍ୟକ୍ଷମାନଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏକାଡେମିକ୍ କ୍ୟାଲେଣ୍ଡର କାର୍ଯ୍ୟକାରିତା ନେଇ ଅଧ୍ୟକ୍ଷମାନଙ୍କ ମତାମତ ମଧ ନିଆଯାଇଛି। କ୍ୟାଲେଣ୍ଡର ଅନୁସାରେ କାମ କରିବା ସହ ପ୍ରୋକ୍ଟରିଆଲ କ୍ଲାସକୁ ଫୋକସରେ ରଖାଯାଇଛି। ନୂଆ ଶିକ୍ଷା ବର୍ଷ ପାଇଁ ଏକାଡେମିକ୍ କ୍ୟାଲେଣ୍ଡର ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ କାର୍ଯ୍ୟକାରୀ କରାଯିବ। ଏଥିରେ ପୂଜା ଛୁଟି ପୂର୍ବରୁ ଦ୍ୱିତୀୟ ବର୍ଷର ଇଣ୍ଟରନାଲ ପରୀକ୍ଷା କରାଯିବ। ଯଦି ଏହି କ୍ୟାଲେଣ୍ଡରରେ କିଛି ପରିବର୍ତ୍ତନ ନ କରାଯାଏ, ତେବେ ଦ୍ୱିତୀୟ ବର୍ଷର ଆନୁଆଲ ପରୀକ୍ଷା ୨୦୨୪ ମାର୍ଚ୍ଚ ୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୩୦ ସୁଦ୍ଧା ସରିବ। ସେହିପରି ପ୍ରଥମ ବର୍ଷ ପରୀକ୍ଷା ଏପ୍ରିଲ ୨୫ରୁ ଆରମ୍ଭ କରି ମେ ୫ରେ ସାରି ଖରାଛୁଟି କରାଯିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ମିଳିଛି। +୨ ଦ୍ୱିତୀୟ ବର୍ଷର ପ୍ରୋକ୍ଟରିଆଲ କ୍ଲାସର ବି ସମୀକ୍ଷା କରାଯିବ। ଯେଉଁଥିରେ ପ୍ରତି ଶିକ୍ଷକଙ୍କୁ କିଛି ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ଦିଆଯାଇଥିଲା। ସେମାନଙ୍କ ପାଠପଢ଼ା, ଆବଶ୍ୟକତା ଓ ପ୍ରଦର୍ଶନର ଫିଡବ୍ୟାକ ଶିକ୍ଷକ ଦେବେ। ଏଥିପାଇଁ ଅଗଷ୍ଟ ୨୩ରେ ପ୍ରୋକ୍ଟରିଆଲ ମିଟିଂ ବସିବ। ସେହିପରି ନଭେମ୍ବର ୨୧ରେ ପ୍ରଥମ ବର୍ଷ ଓ ଡିସେମ୍ବର ୧୮ରେ ଦ୍ୱିତୀୟ ବର୍ଷର ଅଭିଭାବକ-ଶିକ୍ଷକ ବୈଠକ ବସିବ। ନଭେମ୍ବର ୧୮ରେ ଜିଲ୍ଲାସ୍ତରୀୟ ହାକାଥନ୍ ଆୟୋଜନ ହେବ। ଡିସେମ୍ବର ୧୩ରୁ ୧୮ ଯାଏ କ୍ରୀଡ଼ା ସପ୍ତାହ ପାଳନ କରାଯିବ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**